নিরপেক্ষ দৈনিক সম্বাদপত্র







ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୬ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 06 December 2025
Vol.No. 36 ■ No.321 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଡିସେମ୍ବର ୯ରେ କାରିଗରଙ୍କୁ ସମ୍ମାନିତ କରିବେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୦୫/୧୨ (ନି.ପ୍ର): ଡିସେମ୍ବର ୯ ତାରିଖରେ ନୂଆଦିଲ୍ଲୀରେ 'ଜାତୀୟ ହସ୍ତଶିଳ୍ପ ପୁରସ୍କାର' ଏବଂ 'ଶିଳ୍ପ ଗୁରୁ ପୁରସ୍କାର' ପ୍ରଦାନ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉତ୍କୃଷ୍ଟ କାରିଗରମାନଙ୍କୁ ସମ୍ମାନିତ କରିବେ। ଶୁକ୍ରବାର ବୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତି ଅନୁଯାୟୀ, ସଚେତନତା ବୃଦ୍ଧି, କାରିଗରଙ୍କ ଜୀବିକାକୁ ସୁଦୃଢ଼ କରିବା ଏବଂ ଦେଶର ସମୃଦ୍ଧ ହସ୍ତଶିଳ୍ପ ଐତିହ୍ୟକୁ ସ୍ୱୀକୃତି ଦେବାର ମୁଖ୍ୟ ଉଦ୍ଦେଶ୍ୟ ସହିତ ଏହି ପୁରସ୍କାରଗୁଡ଼ିକ ୨୦୨୩ ଏବଂ ୨୦୨୪ ବର୍ଷ ପାଇଁ ଉତ୍କୃଷ୍ଟ କାରିଗରମାନଙ୍କୁ ପ୍ରଦାନ କରାଯିବ। ଦେଶର କଳାତ୍ମକ ଐତିହ୍ୟକୁ ସେମାନଙ୍କର ଅନନ୍ୟ କାରିଗରୀ ଏବଂ ନବସୃଜନ ସହିତ ସମୃଦ୍ଧ କରିଥିବା କାରିଗରମାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯିବ। ଏହି ଅବସରରେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ଏବଂ ବୟନ ଓ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିତାଙ୍କ ସହିତ ଅନ୍ୟ କଳାକାରମାନେ ଉପସ୍ଥିତ ରହିବେ।

# ୨୦୩୦ ଯାଏ ଅର୍ଥନୈତିକ ସହଯୋଗ କାର୍ଯ୍ୟକ୍ରମ ଜାରି ପାଇଁ ସହମତି: ଭାରତ-ରୁଷ୍ ମଧ୍ୟରେ ବହୁ ଚୁକ୍ତି ସ୍ୱାକ୍ଷରିତ



ନୂଆଦିଲ୍ଲୀ,୦୫/୧୨ : ବିନା ବାଧାରେ ଭାରତକୁ ଜାରି ରହିବ ରୁଷ୍‌ର ତୈଳ ଯୋଗାଣ। ଶକ୍ତିରୁ ଅର୍ଥନୀତି ଓ ପରିବହନରୁ ରସାୟନ। ଦୁଇ ପାରମ୍ପରିକ ବନ୍ଧୁ ଭାରତ-ରୁଷ୍ ମଧ୍ୟରେ ସ୍ୱାକ୍ଷରିତ ହୋଇଛି ବହୁ ଦ୍ୱିପାକ୍ଷିକ ରାଜିନାମା। ୨୦୩୦ ଯାଏଁ ଉଭୟ ଦେଶ ଅର୍ଥନୈତିକ ସହଯୋଗ କାର୍ଯ୍ୟକ୍ରମ ଜାରି ରଖିବାକୁ ପ୍ରସ୍ତୁତ କରିଛନ୍ତି ଭିଜନ୍ ଡକ୍ୟୁମେଣ୍ଟ। ୨୩ତମ ଶିଖର ସମ୍ମିଳନୀ ପରେ ମିଳିତ ଘୋଷଣାନାମା ଅବସରରେ ଉଭୟ ରାଷ୍ଟ୍ର ମୁଖ୍ୟ- ସଂପର୍କ ମଜଭୁତ୍ ଉପରେ ଜୋର୍ ଦେଇଥିବାବେଳେ ମିଳିତ ଆତଙ୍କବାଦ ଲଢ଼େଇ ଉପରେ ହୋଇଛନ୍ତି ସହମତି। ୟୁକ୍ରେନ୍ ଯୁଦ୍ଧରେ ବିରାମ ପାଇଁ ମୋଦିଙ୍କୁ ବି ପ୍ରତିଶ୍ରୁତି ଦେଇଛନ୍ତି ପୁଟିନ୍। ନୂଆଦିଲ୍ଲୀରେ ଭାରତ-ରୁଷ୍ ୨୩ତମ ଶିଖର ସମ୍ମିଳନୀ ଅବସରରେ ସ୍ୱାକ୍ଷରିତ ହୋଇଛି ବହୁ ଦ୍ୱିପାକ୍ଷିକ ଐତିହାସିକ ରାଜିନାମା। ଯାହା ମଧ୍ୟରେ ରହିଛି ଅର୍ଥନୈତିକ ବିକାଶ, ତୈଳ ଯୋଗାଣ, ଶକ୍ତି, ବନ୍ଦର ପରିବହନ ସାଙ୍ଗକୁ ସାର-ରସାୟନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଯୁଗ୍ମ ଘୋଷଣାନାମା ଅବସରରେ ପ୍ରଥମେ ବିବୃତି ରଖି ପିଏମ୍ ମୋଦି କହିଥିଲେ- ଦୁଇ ଦେଶ ମଧ୍ୟରେ ସଂପର୍କ ଧ୍ରୁବ ତାରା ସଦୃଶ। ଆମେ ଦୁଇ ନେତା ବିଶ୍ୱ ଓ ଆଞ୍ଚଳିକ ସମସ୍ୟା ଉପରେ ଆଲୋଚନା କରିଛୁ। ୨୦୩୦ ପର୍ଯ୍ୟନ୍ତ ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ସହଯୋଗ କାର୍ଯ୍ୟକ୍ରମ ଜାରି ରଖିବାକୁ ସହମତି ହୋଇଛି। ରୁଷ୍ ନାଗରିକଙ୍କ ପାଇଁ ଏକ ମାଗଣା ୩୦ ଦିନିଆ ଇ-ଟୁରିଷ୍ଟ ଭିସା ଲାଗୁ କରିବାକୁ ଯାଉଛି। ୟୁରେସିଆନ ଅର୍ଥନୈତିକ ସଂଘ ସହିତ ମୁକ୍ତ ବାଣିଜ୍ୟ ରାଜିନାମା ବାରଞ୍ଜଇ ସମାପ୍ତ ଉପରେ କାର୍ଯ୍ୟ କରୁଛୁ। କାଶ୍ମୀରର ପହଲଗାମ୍ ଆକ୍ରମଣ ହେଉକି ୨୦୨୪ରେ ରୁଷ୍ ର କ୍ରୋକସ୍ ସିଟି ହମଲା, ସବୁ ପଛରେ ଆତଙ୍କବାଦ। ଏହା ମାନବତାର ମୂଲ୍ୟ ଉପରେ ବଡ଼ ପ୍ରହାର, ଯାହା ବିରୋଧରେ ଲଢ଼େଇ କ୍ଷେତ୍ରରେ ବୈଶ୍ୱିକ ଏକତା ବଡ଼ ଶକ୍ତି ବୋଲି କହିଥିଲେ ମୋଦି।


▶▶ପୃଷ୍ଠା ୭


## ଶୀତରେ ଥରୁଛି ଉତ୍ତର ଭାରତ



ନୂଆଦିଲ୍ଲୀ,୫।୧୨: ସମଗ୍ର ଉତ୍ତର ଭାରତ ଶୀତରେ ଥରୁଛି। ଶୁକ୍ରବାର ରାଜସ୍ଥାନ, ପଞ୍ଜାବ ଏବଂ ହରିୟାଣାର ଅଧିକାଂଶ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ନିମ୍ନରେ ରହିଛି। ତେବେ କଶ୍ମୀର ଆକାଶରେ ବାଦଲ ଥିବାରୁ ଶୀତରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଦିଲ୍ଲୀରେ ଶୀତ ବଢ଼ିବା ସହ ବାୟୁ ଗୁଣବତ୍ତା ମାନ ଅତ୍ୟନ୍ତ ନିକୃଷ୍ଟ ଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି। ରାଜସ୍ଥାନରେ ତାପମାତ୍ରା ସର୍ବନିମ୍ନ ରହିଛି। ଶୁକ୍ରବାର ସକାଳେ ସିକର ଜିଲାର ଫତେପୁରରେ ତାପମାତ୍ରା ୧.୯ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ସେଠାର ୭ଟି ଜିଲାର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ସିକରରେ ହାରାହାରି ତାପମାତ୍ରା ୩ ଡିଗ୍ରୀ ହୋଇଥିବା ବେଳେ ନାଗୌରରେ ୩.୧, ଲୁଙ୍କାରନସରରେ ୩.୨, ଚୁରୁରେ ୪.୫ ଏବଂ ପିଲାନିରେ ୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ପଞ୍ଜାବ ଓ ହରିୟାଣାରେ ହାଡ଼ଥରା ଶୀତ ଲାଗି ରହିଛି। ଉଭୟ ରାଜ୍ୟର ରାଜଧାନୀ ଚଣ୍ଡିଗଡ଼ ତାପମାତ୍ରା ୬.୧ ଡିଗ୍ରୀ ରେକର୍ଡ କରାଯାଇଛି। ଶ୍ରୀନଗର ତାପମାତ୍ରା ଗୁରୁବାର ରାତିରେ ବିଯୁକ୍ତ ୪ ଡିଗ୍ରୀ ରେକର୍ଡ କରାଯାଇଛି, ଯାହାକି ପୂର୍ବ ତୁଳନାରେ ୪ ଡିଗ୍ରୀ ଅଧିକ।

## ରାଜସ୍ଥାନ ହାଇକୋର୍ଟକୁ ବୋମା ଧମକ: ପରିସର ଖାଲି କରାଗଲା

ନୂଆଦିଲ୍ଲୀ,୦୫/୧୨ : ଶୁକ୍ରବାର ସକାଳ ପ୍ରାୟ ୧୦ଟା ୧୫ ସମୟରେ ରାଜସ୍ଥାନ ହାଇକୋର୍ଟ (ଜୟପୁର)କୁ ବୋମା ବିସ୍ଫୋରଣରେ ଉଡାଇବାକୁ ଧମକପୂର୍ଣ୍ଣ ଏକ ଇମେଲ୍ ମିଳିବା ପରେ ତୁରନ୍ତ ବ୍ୟାଙ୍କ ପରିସରକୁ ଖାଲି କରାଯାଇଥିଲା। ରେଜିଷ୍ଟ୍ରାରଙ୍କ ସରକାରୀ ଆଇଡିରେ ଏହି ଇମେଲ୍ ପାଇବା ପରେ, ହାଇକୋର୍ଟ କୋଠା ଏବଂ ଆଖପାଖ ଅଂଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା ଏବଂ ସମସ୍ତ ନିର୍ଦ୍ଧାରିତ ଶୁଣାଣି ସ୍ଥଗିତ ରଖାଯାଇଥିଲା। ସୂଚନା ପାଇବା ପରେ, ପୋଲିସ, ବୋମା ନିଷ୍କ୍ରିୟକାରୀ ଦଳ ଏବଂ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଂଚି ସମଗ୍ର ପରିସରରେ ପୁଙ୍ଖାନୁପୁଙ୍ଖ ତଲାସୀ କରିଥିଲେ, କିନ୍ତୁ ଏପର୍ଯ୍ୟନ୍ତ କୌଣସି ସନ୍ଦେହଜନକ ଜିନିଷ ମିଳିନାହିଁ।

## ଲାଞ୍ଚ ନେଇ ଧରାପଡ଼ିଲେ ଫରେଷ୍ଟର



ଭୁବନେଶ୍ୱର, ୦୫/୧୨ (ନି.ପ୍ର): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ରେଞ୍ଜ ବନ୍ଧବାହାଲ ସେକ୍ସନର ଫରେଷ୍ଟର ଗୌରାଙ୍ଗ ସାହୁ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଜଣେ ବ୍ୟକ୍ତି ତାଙ୍କ ଜମିରେ ଥିବା କିଛି ଶୁଖିଲା ୟୁକାଲିପଟାସ ଗଛକୁ କାଟି ଅନ୍ୟତ୍ର ପଠାଇବା ପାଇଁ ଅନୁମତି ଦେବାକୁ ଫରେଷ୍ଟର ଗୌରାଙ୍ଗ ସାହୁଙ୍କ ନିକଟରେ ଆବେଦନ କରିଥିଲେ। ହେଲେ ଏଥିପାଇଁ ଅନୁମତି ଦେବାକୁ ଫରେଷ୍ଟର ଶ୍ରୀ ସାହୁ ତାଙ୍କୁ ୫୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏହା ପରେ ସେହି ବ୍ୟକ୍ତି ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁସାରେ ବ୍ୟକ୍ତି ଜଣଙ୍କ ଆଜି ଫରେଷ୍ଟର ଶ୍ରୀ ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟ ପରିସରରେ ଭେଟି ୫୦୦୦ ଟଙ୍କା ଦେଇଥିଲେ। ଫରେଷ୍ଟର ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ଭିଜିଲାନ୍ସ ଟିମ୍‌କୁ ଦେଖି ସେଠାରୁ ଦୌଡ଼ି ପଳାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ ଫରେଷ୍ଟର ଶ୍ରୀ ସାହୁ। ଭିଜିଲାନ୍ସ ଅଧିକାରୀମାନେ ତାଙ୍କଠାରୁ ସମସ୍ତ (୫ ହଜାର ଟଙ୍କା) ଲାଞ୍ଚ ଅର୍ଥ ଜବତ କରିଥିଲେ। ଫରେଷ୍ଟର ଶ୍ରୀ ସାହୁ ଲାଞ୍ଚ ନେଇ ଧରାପଡ଼ିବା ପରେ ତାଙ୍କର


▶▶ପୃଷ୍ଠା ୭


# ଏପଟେ ଚାଲିଛି ସିବିଆଇ ତଦନ୍ତ: ସେପଟେ ପୁଣି ପ୍ରଶ୍ନପତ୍ର ଲିକ୍, ଏଏନଏମ ପରୀକ୍ଷା ଆରମ୍ଭ ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ



ଭୁବନେଶ୍ୱର, ୦୫/୧୨ (ନି.ପ୍ର): ପରୀକ୍ଷା ପାଇଁ ପାଠ ପଢା ସରିଥିଲା। ବାସ୍ ବହି ଉପରେ ଶେଷଥର ପାଇଁ ନଜର ବୁଲାଉଥିଲେ ଛାତ୍ରଛାତ୍ରୀ। ହେଲେ ଖବର ଆସିଲା, ପ୍ରଶ୍ନପତ୍ର ଭାଇରାଲ ହୋଇଛି । ପରୀକ୍ଷା ବାତିଲ। ଏକଥା ଶୁଣିବା ପରେ ଛାତ୍ରଛାତ୍ରୀଙ୍କ ଆଖିରୁ ଲୁହ ଶୁଖୁନି। ଅନ୍ୟପଟେ ପ୍ରଶ୍ନପତ୍ର ଲିକକୁ ନେଇ ଗୃହରେ ହୋ ହଲ୍ଲା କରିଛନ୍ତି ବିରୋଧୀ। ବାଚସ୍ପତିଙ୍କ ରୁଲିଂ ଦାବି କରି ଶାସକ ଦଳକୁ ମାରିଛନ୍ତି ତେରଛା ବାଣ । ଦିନ ୨ଟାରେ ହୋଇଥାନ୍ତା ଏଏନଏମ୍ ପରୀକ୍ଷା, ହେଲେ ୧୧ଟାରୁ ମାର୍କେଟରେ ବୁଲିଲା ପ୍ରଶ୍ନପତ୍ର। ଆଉ ଅଭିଯୋଗ ପରେ ବାତିଲ ହେଲା ଦ୍ୱିତୀୟ ବର୍ଷର ପ୍ରଥମ ପରୀକ୍ଷା। ହେଲେ ମାଲକାନଗିରିରେ ପରୀକ୍ଷା ଆରମ୍ଭ ହୋଇଯାଇଥିଲା। ହଲରେ ବସି ପରୀକ୍ଷା ଦେଉଥିଲେ ଛାତ୍ରଛାତ୍ରୀ। କିନ୍ତୁ ୧୫ ମିନିଟ୍ ପରେ ହଠାତ୍ ଉତ୍ତର ଖାତା ଛଡ଼ାଇନେଲେ ପରୀକ୍ଷକ । ପରୀକ୍ଷା ନଦେଇପାରିବାରୁ କାନ୍ଦି କାନ୍ଦି ନୟାନ୍ତ ହୋଇଛନ୍ତି ଛାତ୍ରଛାତ୍ରୀ । ଅନ୍ୟପଟେ ପ୍ରଶ୍ନପତ୍ର ଭାଇରାଲ ଅଭିଯୋଗକୁ ଖଣ୍ଡନ କରିଛନ୍ତି ସରକାରୀ ଏଏନଏମ୍ କଲେଜ ଅଧ୍ୟକ୍ଷା। ଏଏନଏମ୍ ପ୍ରଶ୍ନପତ୍ର ଭାଇରାଲ ପ୍ରସଙ୍ଗକୁ ନେଇ ବିଧାନସଭାରେ ତର୍ଘିତୋଫାନ ହୋଇଛି। ବାଚସ୍ପତିଙ୍କ ରୁଲିଂ ଦାବି କରି ଗୃହରେ ନାରାବାଜି କରିଛନ୍ତି ଉଭୟ ବିଜେଡି ଓ କଂଗ୍ରେସ। ପଏଣ୍ଟ ଅଫ୍ ଅର୍ଡର ଜରିଆରେ ପ୍ରଶ୍ନପତ୍ର ଭାଇରାଲ ଘଟଣା ଉଠାଇଛନ୍ତି ବିରୋଧୀ ବିଧାୟକ। କହିଛନ୍ତି, ପ୍ରଶ୍ନପତ୍ର ଭାଇରାଲ୍ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦିଆଯାଉଛି । ପୂର୍ବରୁ ମଧ୍ୟ ଅନେକ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଅପବାଦ ମୁଣ୍ଡାଇଛନ୍ତି ସରକାର। ଏପରିକି ପରୀକ୍ଷା ବାତିଲ ମଧ୍ୟ ହୋଇଛି। ହେଲେ ପ୍ରଶ୍ନ ଉଠୁଛି, କାହିଁକି ବାରମ୍ବାର ଭାଇରାଲ୍? ହେଉଛି ପ୍ରଶ୍ନପତ୍ର? ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛି କିଏ? ପ୍ରଶ୍ନପତ୍ର ଭାଇରାଲର ପ୍ରଚ୍ଛଦପଟରେ କିଏ?

## ୦.୨୫ ପ୍ରତିଶତ ରେପୋ ରେଟ୍ ହ୍ରାସ କଲା ରିଜର୍ଭ ବ୍ୟାଙ୍କ

ନୂଆଦିଲ୍ଲୀ,୦୫/୧୨ : ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ମୁଖ୍ୟ ନୀତିଗତ ଦର ରେପୋ ରେଟ୍‌କୁ ୦.୨୫ ପ୍ରତିଶତ ହ୍ରାସ କରିଛି, ଯାହା ହ୍ରାସ ପାଇ ୫.୨୫ ପ୍ରତିଶତ ହୋଇଛି। ଆରବିଆଇ ଗଭର୍ନର ସଞ୍ଜୟ ମଲ୍‌ହୋତ୍ରା ଶୁକ୍ରବାର ମୌଦ୍ରିକ ନୀତି ସମିତି (ଏମପିସି)ର ସମୀକ୍ଷା ବୈଠକ ପରେ ସମିତିର ନିଷ୍ପତ୍ତିର ସୂଚନା ଦେଲେ। ଏହାସହିତ ଆର୍ଥିକ ବୃଦ୍ଧି ଅନୁମାନକୁ ୬.୮% ରୁ ବଢ଼ାଇ ୭.୩% ଓ ମହଙ୍ଗାଇ ଦରର ଅନୁମାନକୁ ୨.୬% ରୁ କମାଇ ୨% କରାଯାଇଛି। ଆରବିଆଇ ଗଭର୍ନର ସଞ୍ଜୟ ମଲ୍‌ହୋତ୍ରା ୩ ଡିସେମ୍ବରରୁ ଆରମ୍ଭ ହୋଇଥିବା ତିନିଦିନୀୟ ପଞ୍ଚମ ଦ୍ୱିମାସିକ ଏମପିସି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ବିଷୟରେ କହିଲେ ଯେ, ଏମପିସି ସଦସ୍ୟମାନେ ସମ୍ମତି ସହ ମୁଖ୍ୟ ନୀତିଗତ ଦର ରେପୋ ରେଟ୍‌କୁ ୦.୨୫% କମାଇ ୫.୨୫% କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗଭର୍ନର ସଞ୍ଜୟ ମଲ୍‌ହୋତ୍ରା ତାଙ୍କର ସମ୍ବୋଧନରେ କହିଛନ୍ତି ଯେ, ଅର୍ଥନୈତିକ ବୃଦ୍ଧିକୁ ଗତି ଦେବା ପାଇଁ ଏହି ନିଷ୍ପତ୍ତି ଆବଶ୍ୟକ ଥିଲା। ସେ କହିଲେ ଯେ, ମଜବୁତ ଆର୍ଥିକ ବୃଦ୍ଧି ଏବଂ ମୁଦ୍ରାସ୍ଫୀତିରେ ନରମିଆଣି ପରିସ୍ଥିତି ମଧ୍ୟରେ ରିଜର୍ଭ ବ୍ୟାଙ୍କ୍ ନୀତିଗତ ଦରରେ ଏହି ହ୍ରାସ କରିଛି। ମଲ୍‌ହୋତ୍ରା କହିଛନ୍ତି ଯେ, ଏହାସହିତ ଆର୍ବିଆଇ ଚାଲୁ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଆର୍ଥିକ ବୃଦ୍ଧି ଅନୁମାନକୁ ୬.୮% ରୁ ବଢ଼ାଇ ୭.୩% କରିଛି। ସେହିପରି ମହଙ୍ଗାଇ ଦରର ଅନୁମାନକୁ ୨.୬% ରୁ କମାଇ ୨% କରାଯାଇଛି।

# ସରକାରଙ୍କ ଉପରେ ଭରସା କରିପାରୁନାହାଁନ୍ତି ପ୍ରାଥମିକ ଶିକ୍ଷକ: ଦୁଇଦଫା ଦାବି ନେଇ ପୁଣି ରାଜଧାନୀରେ ଗୁରୁଙ୍କ ଗୁରୁ ଗର୍ଜନ



ଭୁବନେଶ୍ୱର, ୦୫/୧୨ (ନି.ପ୍ର): ରାଜଧାନୀରେ ପ୍ରାଥମିକ ଶିକ୍ଷକଙ୍କ ବିଶାଳ ବିକ୍ଷୋଭ । ପୂର୍ବ ପ୍ରତିଶ୍ରୁତି ମୁତାବକ ନୂଆ ସରକାର ତୁରନ୍ତ ସେମାନଙ୍କ ଦାବି ପୂରଣ କରୁ ବୋଲି, ଏକାଠି ଗର୍ଜିଲେ ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ । ପିସିସି ସଭାପତି ସେମାନଙ୍କୁ ଭେଟିବା ସହ ସରକାରକୁ ଟାର୍ଗେଟ୍ କରିଥିବା ବେଳେ, ଏହାର ଜବାବ ରଖିଛି ବିଜେପି । ପ୍ରାଥମିକ ଶିକ୍ଷକଙ୍କ ବିକ୍ଷୋଭ ଓ ନାରାବାଜିରେ କମ୍ପିଲା ଭୁବନେଶ୍ୱର ଲୋୟର ପିଏମଜି । ସରକାର କାନରେ ଦାବି ଶୁଣାଇବାକୁ, ଏକାଠି ଗର୍ଜିଲେ ହଜାର ହଜାର ଶିକ୍ଷକ ଓ ଶିକ୍ଷୟିତ୍ରୀ । ମାଷ୍ଟରକ୍ୟାଣ୍ଟିନରୁ ଶୋଭାଯାତ୍ରାରେ ଯାଇ, ଲୋୟର ପିଏମଜିରେ ଧାରଣା ଦେଲେ । ୨ ଦଫା ଦାବିରେ ଏଭଳି ବିଶାଳ ଆନ୍ଦୋଳନକୁ ଓହ୍ଲାଇଛି ପ୍ରାଥମିକ ଶିକ୍ଷକ ମହାସଂଘ । ସେଗୁଡ଼ିକ ହେଲା- ମୂଳ ପଦବୀକୁ ଅପଗ୍ରେଡ୍ କରି ଲେଵୁଲ-୯ ଅନୁଯାୟୀ ମୂଳ ବେତନ ୩୫ ହଜାର ୪୦୦ ଟଙ୍କାକୁ ବୃଦ୍ଧି ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ । ଦିନକ ତଳେ ବିଧାନସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ, ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି । ଶିକ୍ଷକ ଓ ଅଧ୍ୟାପକଙ୍କ ଦାବି ସଂପର୍କରେ ଆଲୋଚନା କରି କମିଟି ୬ ମାସ ଭିତରେ ରିପୋର୍ଟ ଦେବ । ହେଲେ ଶିକ୍ଷକଙ୍କ କହିବା କଥା- ଆଗରୁ ଏମିତି ଅନେକ କମିଟି ହୋଇଛି, କିନ୍ତୁ ଫଳ ମିଳିନି । ସେପଟେ ଶିକ୍ଷକଙ୍କୁ ଭେଟି ଆଲୋଚନା କରିଛନ୍ତି ପିସିସି ସଭାପତି ଭକ୍ତ ଦାସ । ଦାବି ପୂରଣ ନହେଲେ, ଆଗାମୀ ଦିନରେ ଆନ୍ଦୋଳନ କୁ ଆହୁରି ଜୋରଦାର କରାଯିବ ବୋଲି ଶିକ୍ଷକମାନେ ଚେତାବନୀ ଦେଇଛନ୍ତି ।

# ବଦଳିଯିବ ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ: ଡ୍ରାଫ୍ଟ ପାଇଁ ଗଠନ ହେଲା କମିଟି



ଭୁବନେଶ୍ୱର, ୦୫/୧୨ (ନି.ପ୍ର): ଆଗକୁ ବଦଳଯିବ ରାଜ୍ୟ ଗଣଶିକ୍ଷା ଅଧିନରେ ପରିଚାଳିତ ହେଉଥିବା ସ୍କୁଲ ଗୁଡିକର ପାଠ୍ୟପୁସ୍ତକ। ଏଥିପାଇଁ ବିଭାଗ ପକ୍ଷରୁ ଆରମ୍ଭ ହୋଇଯାଇଛି ପକ୍ରିୟା । ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ରଖି ଏନେଇ ବଡ ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ। ପାଠ୍ୟପୁସ୍ତକ ବଦଳିବା ନେଇ ବିଧାନସଭାରେ ଏହି ବଡ ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ । ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତର ରଖିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ । ଗଣଶିକ୍ଷା ବିଭାଗରେ ଅଧୀନରେ ଥିବା ସ୍କୁଲଗୁଡ଼ିକର ପାଠ୍ୟପୁସ୍ତକ ପରିବର୍ତ୍ତନ ପାଇଁ ସରକାରଙ୍କ ପରିକଳ୍ପନା ରହିଛି। ଏହାର ପ୍ରସ୍ତୁତି ପ୍ରକ୍ରିୟା ପର୍ଯ୍ୟାୟ କ୍ରମେ ଜାରି ରହିଛି। ନୂଆ ପାଠ୍ୟପୁସ୍ତକ ଡ୍ରାଫ୍ଟ କରିବା ପାଇଁ କମିଟି ଗଠିତ ହୋଇଛି । ଜାତୀୟ ପାଠ୍ୟକ୍ରମ ରୂପରେଖର ସମାନ୍ତରାଳରେ ରାଜ୍ୟ ପାଠ୍ୟକ୍ରମ ରୂପରେଖ ପ୍ରସ୍ତୁତ ହେବ। ଓଡ଼ିଶାର ସାଂସ୍କୃତିକ, ଭୌଗୋଳିକ, ଲଜିଷ୍ଟିକ୍ ବିଷୟବସ୍ତୁ ଆବଶ୍ୟକତା ଅନୁସାରେ ପାଠ୍ୟକ୍ରମରେ ସ୍ଥାନ ପାଇବ । ପାଠ୍ୟକ୍ରମ ବଦଳାଇବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ କଟାକ୍ଷ କରିଛନ୍ତି ବିରୋଧୀ। ଗୈରୀକରଣ ପାଇଁ ଏହା ଏକ ଯୋଜନା ବୋଲି କହିଛନ୍ତି ବିଜେଡି ବିଧାୟକ । କଂଗ୍ରେସ କହିଛି, ପାଠ୍ୟପୁସ୍ତକ ପରିବର୍ତ୍ତନ କରିବା ପୂର୍ବରୁ ବିଦ୍ୟାଳୟରେ ଆଗ ଶିକ୍ଷକ ନିଯୁକ୍ତି କରନ୍ତୁ । ଜବାବରେ ବିଜେପି ବିଧାୟକ କହିଛନ୍ତି, ଆଗରୁ ପିଲାମାନେ ମୋଗଲଙ୍କ କଥା ପଢୁଥିଲେ ଏବେ ତାହା ବଦଳିବା ଦରକାର । ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁ ହେବା ପରେ ସ୍କୁଲ ସ୍ତରରେ ପାଠ୍ୟପୁସ୍ତକ ବଦଳାଇବାକୁ ନିଷ୍ପତ୍ତି ନେଇଛି ଗଣଶିକ୍ଷା ବିଭାଗ ।

# ଡାକ୍ତରୀ ଛାତ୍ରୀଙ୍କୁ ଗ୍ରୀନ ପେସେଜ ସାର୍ଟିଫିକେଟ ପ୍ରଦାନ

ବଲାଙ୍ଗିର,୦୫/୧୨ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ତରଫରୁ ଡାକ୍ତରୀ ଛାତ୍ରୀଙ୍କୁ ଗ୍ରୀନ ପେସେଜ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ପତ୍ର ସଂଖ୍ୟା ୪୩୮୦୦, ତା ୧୮.୧୨.୨୦୨୨ ଜଏଂଟ ସେକ୍ରେଟାରୀ ସମସ୍ତ ଜିଲ୍ଲାପାଳ ମାନଙ୍କୁ ଗ୍ରୀନ ପାସେଜ୍ ସାର୍ଟିଫିକେଟ କୋଭିଡ ୧୯ ରେ ମୃତ୍ୟୁବରଣ କରିଥିବା ଘରର ମୁଖ୍ୟ ହୋଇଥିଲେ ଶିଶୁ ମାନଙ୍କୁ ଗ୍ରୀନ ପାସେଜ୍ ସାର୍ଟିଫିକେଟ ପ୍ରଦାନ କରିବାକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସାର୍ଟିଫିକେଟରେ ଜଣେ ଛାତ୍ର କିମ୍ବା ଛାତ୍ରୀ ନାମ ଲେଖା ଫି, ପରୀକ୍ଷା ଫି, ହଷ୍ଟେଲ ଫି, ଲାବୋରେଟରୀ ଫି, ଲାଇବ୍ରେରୀ ଫି, କଲେଜ ଫି ଛାଡ଼ କରିବାକୁ ସାଧାରଣ/ବୃତି ଭିତିକ/ ବୈଷୟିକ ଶିକ୍ଷା ଏବଂ ଉଚ୍ଚ ଶିକ୍ଷା ପାଇଁ ନିର୍ଦ୍ଦେଶ ନାମା ଜାରି ହୋଇଅଛି । କୋଭିଡ୍ ସମୟରେ ଦାମୋଦର କଟୁଆଙ୍କ ମୃତ୍ୟୁ ହୋଇଥିଲା । ତାଙ୍କର ଝିଅ ଅନନ୍ୟା କଟୁଆ ଭାଙ୍ଗି ନପଡ଼ି ମା ଙ୍କ ଦୃଢ଼ ପଦକ୍ଷେପ, ସାହାସ, ଧର୍ଯ୍ୟ ଧରି ନିଷ୍ଠାର ସହ ପାଠ ପଢିବାକୁ ଝିଅ ଅନନ୍ୟାକୁ ପ୍ରବର୍ତାଇଥିଲେ ଏବଂ ଝିଅ ମଧ ଆତ୍ମ ବିଶ୍ୱାସ ରଖି ନିଟ ପରୀକ୍ଷା ପାଇଁ ପ୍ରସ୍ତୁତି ହୋଇ ସଫଳତା ପାଇଥିଲେ। ବର୍ତମାନ ସେ ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ୍ ଏବଂ ହସ୍ପିଟାଲ, ଭବାନୀପାଟଣାରେ ନାମ ଲେଖିଛନ୍ତି। ବର୍ତମାନ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଠାରେ ଅବସ୍ଥାପିତ ଥିବା ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆବଶ୍ୟକ ପ୍ରମାଣପତ୍ର କାଗଜ ଦେଇ ଗ୍ରୀନ ପାସେଜ୍ ସାର୍ଟିଫିକେଟ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଡ. ଅନୁପମା ପ୍ରଧାନ ପ୍ରଦାନ କରିଛନ୍ତି ଯାହା ଫଳରେ ମାଗଣାରେ ଶିକ୍ଷା ପାଇ ଜଣେ ଡାକ୍ତର ହୋଇପାରିବ । ଏହା ସହିତ ରାଜ୍ୟ ସରକାରଙ୍କ ଯଶୋଦା ଯୋଜନାରେ ମଧ ବାର୍ଷିକ ୫୦୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ଆନୁଷ୍ଠାନିକ ଅଧିକାରୀ ସୁଧାଂଶୁ ଶେଖର କୁମ୍ଭାର ପ୍ରକାଶ କରିଛନ୍ତି। ଏହା ଫଳରେ ଅନନ୍ୟା ଓ ତାଙ୍କ ମା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟକୁ ଧନ୍ୟବାଦ୍ ଜଣାଇଛନ୍ତି।

# ଚତୁର୍ଦ୍ଦଶ ଭଦ୍ରକ ଜିଲ୍ଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ଭଦ୍ରକର ଲୋକ ଜୀବନ ଲୋକ ସାହିତ୍ୟ ଓଡ଼ିଶାର ଇତିହାସ ସୃଷ୍ଟି କରିଛି : ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ

ଭଦ୍ରକ,୦୫/୧୨ (ନି.ପ୍ର): ଯୁଗେ ଯୁଗେ ଭଦ୍ରକର ଲୋକ ଜୀବନ ଲୋକ ସାହିତ୍ୟ ଓଡ଼ିଶା ତଥା ଭାରତବର୍ଷକୁ ନୂତନ ଦିଗଦର୍ଶନ ଦେଇ ଆସିଛି। ଭଦ୍ରକର ଇତିହାସ, କିମ୍ବଦନ୍ତୀ ସ୍ୱତନ୍ତ୍ର। ଭାରତ ସ୍ୱାଧୀନ ପାଇବା କ୍ଷେତ୍ରରେ ରକ୍ତତୀର୍ଥ ଇରମ, ସହିଦ ସ୍ମୃତି କ୍ଷେତ୍ର ଲୁଣିଆ ଇତିହାସର ସ୍ମାରକୀ ବହନ କରେ। ବୌଦ୍ଧ , ଜୈନ କ୍ଷେତ୍ର ଭଦ୍ରକର ଇତିହାସ ସ୍ୱତନ୍ତ୍ର। ଏଠାରେ ବାର ମାସରେ ତେର ପର୍ବ ପାଳନ କରାଯାଏ। ବିଶ୍ୱ ଠାକୁର ବାବା ଆଖଣ୍ଡଳ ମଣି, ବିଶ୍ୱ ଦେବୀ ମାଆ ଭଦ୍ରକାଳୀ ଏଠାରେ ପ୍ରତ୍ୟେକ୍ଷ ବିରାଜିତ ବୋଲି ଭଦ୍ରକ ଜିଲ୍ଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ କହିଛନ୍ତି।‘ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ ମଂଚ ‘ର ‘ ଭଦ୍ରକର ଲୋକ ଜୀବନ ଲୋକ ସାହିତ୍ୟ ‘ଶୀର୍ଷକ ଏହି ଆଲୋଚନା ଚକ୍ରରେ ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଅନ୍ୟତମ ଅତିଥି ଭାବେ ଦୁର୍ଦ୍ଦଶ ଯାତ୍ରା ଖଳ ନାୟକ ଦାମୋଦର ପଣ୍ଡା ଶବ୍ଦଭେଦୀ ନିଛକ ଅଭିନୟ ପ୍ରଦର୍ଶନ କରିଥିବା ବେଳେ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଲବ୍ଧପ୍ରତିଷ୍ଠ ସାହିତ୍ୟିକା ତଥା ସ୍ତମ୍ଭ ଲେଖିକା ପ୍ରିତିଛନ୍ଦା ଧଳ , ସମାଜସେବୀ ମହିଶ୍ମିତା ମିଶ୍ର, ସାରସ୍ୱତ ସାଧକ ଡକ୍ଟର ଅବନୀ ପ୍ରଧାନ ଭଦ୍ରକର ଐତିହ୍ୟ ଇତିହାସ ଓ କିମ୍ବଦନ୍ତୀ ଉପରେ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ କାର୍ଯକାରୀ ସଭାପତି ଦୁର୍ଗା ଶଙ୍କର ବିଶ୍ୱାଳ ସ୍ୱାଗତ ଭାଷଣ ରଖିଥିବାବେଳେ ସମ୍ପାଦକ ସତ୍ୟଭୂଷଣ ସ୍ୱାମୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅଥିତିମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ଅତିଥି ମାନଙ୍କ ଦ୍ୱାରା କୁନି କୁନି ପିଲା ମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ପ୍ରଶାନ୍ତ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଭାତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କମିଟିର ଉପ ସଭାପତି ପ୍ରମୋଦ ରାୟ,ଆବାହକ ଶଶି ଭୂଷଣ ସ୍ୱାମୀ, ସାଂସ୍କୃତିକ ସମ୍ପାଦକ ରଶ୍ମିତା ଦାଶ, ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଂଯୋଜକ ରାଜଲକ୍ଷ୍ମୀ ମହାପାତ୍ର, ଉପ ସଭାନେତ୍ରୀ କଳ୍ପନା ଜେନା, ଯୁଗ୍ମ ସମ୍ପାଦକ ଅରୁଣ କୁମାର ମଲ୍ଲିକ,ପ୍ରଶାନ୍ତ କୁମାର ତ୍ରିପାଠୀ, ମନସ୍ମିତା ଦାସ, ଦୀପାଲୀ ନାୟକ, ସୁମିତ୍ରା ପାଣି , ସୁନିଲ ଦତ ପ୍ରମୁଖଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବ ପ୍ରତ୍ୟେହ ସନ୍ଧ୍ୟାରେ ସାଧାରଣ ସଭା, ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସମାରୋହ, ଆଧାତ୍ମିକ କାର୍ଯ୍ୟକ୍ରମ, କବିତା ପାଠୋତ୍ସବ, ନୃତ୍ୟ, ସଙ୍ଗୀତ, ନାଟକ ଭିତିକ ସାଂସ୍କୃତିକ ବିଚିତ୍ରା,ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓଡ଼ିଶା ଓ ଜିଲ୍ଲା ପ୍ରଶାସନ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲୋକ କଳା, ଲୋକ ନୃତ୍ୟ, ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ , ମଂଚ କଳାକାର, ହାସ୍ୟ ଅଭିନେତା, ଅଭିନେତ୍ରୀ, ଯାତ୍ରା କଳାକାର, ବିଶିଷ୍ଟ ସଙ୍ଗୀତଜ୍ଞଙ୍କ ସମାରୋହରେ ଗତ ୨ତାରିଖରୁ ଆରମ୍ଭ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# କାଳିମେଳା ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ବାବୁସାନଙ୍କୁ ଦେଖିବାକୁ ଲୋକଙ୍କ ମନରେ ଉତ୍ସାହ

ମାଲକାନଗିରି,୦୫/୧୨ (ନି.ପ୍ର): ମାଲ୍ୟବନ୍ତ ମହୋତ୍ସବ ଏବେ ପୂରା ଜିଲା ସମେତ ବ୍ଲକ ସ୍ତରରେ ମହାଆଡମ୍ବର ସହକାରେ ପାଳିତ ହେଉଛି । ଏହି ଅବସରରେ ଜିଲାର କାଳିମେଳା ବ୍ଲକସ୍ତରୀୟ ଉତ୍ସବ ଡିସେମ୍ବର ୨ରୁ ଆରମ୍ଭ ହୋଇ ଆଜି ଗୁରୁବାର ଏହାର ଶେଷ ଉଦଯାପନୀ ସମାରୋହ ଅନୁଷ୍ଠିତ ହେବ । ଦ୍ୱିତୀୟ ଦିନରେ ହିଁ ମହୋତ୍ସବ ପଡ଼ିଆରେ ୫୦ ହଜାରରୁ ଅଧିକ ଦର୍ଶକଙ୍କ ସମାଗମ ହୋଇଥିବା ବେଳେ ଆଜି ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ବାବୁଶାନ ମହାନ୍ତିଙ୍କ ପାଦ ପଡ଼ିବା ସହ ଭିଡ଼ ଆହୁରି ବଢ଼ିବ ବୋଲି ଆଶା କରାଯାଉଛି । ଦ୍ୱିତୀୟ ସନ୍ଧ୍ୟାରେ ପପୁଲାର ପ୍ଲେବ୍ୟାକ ସିଙ୍ଗର ସୁଙ୍କାନୀ ମହାପାତ୍ରଙ୍କ ମନଲୋଭା ଗୀତ, ଓଲିଉଡର ଆଇଟମ କୁଇନ କୁକିଜ ସ୍ୱାଇଁଙ୍କ ଝାକଝମାଳ ନୃତ୍ୟ ଏବଂ ଜନପ୍ରିୟ କମେଡିୟାନ-ୟୁଟ୍ୟୁବର ଅନୁଗୁଳିଆ ବଂଟିଙ୍କ ହସରେ ଦର୍ଶକ ରାତି ତମାମ ମଜା ଉଠାଇଥିଲେ। ଷ୍ଟେଜ ଆଙ୍କର ପୁପିନ୍ଦର ସିଂ ଙ୍କ ମଜାଦାର ଉପସ୍ଥାପନା ଶୋ’କୁ ଆହୁରି ରଙ୍ଗୀନ କରିଥିଲା । ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଲୋକନୃତ୍ୟ ଦଳ ମଧ ଦର୍ଶକଙ୍କ ମନ ଜିଣିଥିଲେ ।ଦୁଇ ବର୍ଷ ହେଲା କାଳିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କର ପ୍ରଚେଷ୍ଟାରେ କାଳିମେଳା ଭଳି ଉପାନ୍ତ ଅଂଚଳରେ ସିନେ ସୁପରଷ୍ଟାର ମାନଙ୍କୁ ଆଣି ଧୂମଧାମରେ କାର୍ଯ୍ୟକ୍ରମ ଆୟୋଜନ ହୋଇପାରିଛି । ତାଙ୍କର ଉଦ୍ୟମ ଏବଂ କିଛି କରି ଦେଖାଇବାର ପ୍ରଚେଷ୍ଟା ଯୋଗୁ ଏକ ସଫଳ ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ ହୋଇପାରିଛି । ମହୋତ୍ସବ ଉପଲକ୍ଷେ ବ୍ଲକ କାର୍ଯ୍ୟାଳୟ ଓ ବ୍ଲକ ଠାରୁ ମହୋତ୍ସବ ପଡିଆ ପର୍ଯ୍ୟନ୍ତ ରାସ୍ତାକୁ ସୁନ୍ଦର ଆଲୋକମାଳାରେ ସଜା ଯାଇଛି । ଏଥିସହ ମେଳା ପଡ଼ିଆରେ ମିନାବଜାର ଓ ବିଭିନ୍ନ ଦୋକାନ ବୁଲି ଲୋକେ ମଜା ଉଠାଉଛନ୍ତି । ମାଲକାନଗିରିର ଆଦିବାସୀ ସଂସ୍କୃତି, ପରମ୍ପରା, ଲୋକକଳା ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ସାଧାରଣ ଲୋକଙ୍କ ଆଗରେ ଉପସ୍ଥାପନ କରିବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଂଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି, ‘ମାଲକାନଗିରି ମିତ୍ରତାର ଅଂଚଳ। ଏଠାକାର ନିରୀହ ଅଂଚଳବାସୀଙ୍କ ନିକଟରେ ପହଂଚି ସେମାନଙ୍କ ପାଇଁ ସେବା ଯୋଗାଇବା ଆମର ଲକ୍ଷ୍ୟ। ମାଲ୍ୟବନ୍ତର ପ୍ରଚାର-ପ୍ରସାର ବହୁଳ ହୋଇଛି ଏବଂ ଆକର୍ଷଣୀୟ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ଜିଣି ପାରିଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ ।ଏହି ଅବସରରେ ମାଲକାନଗିରି ବିଧାୟକ ନରସିଂଘ ମାଡକାମୀ, ବିଜେପି ଜିଲ୍ଲା ସଭାପତି ଅଶୋକ ପରିଡା ପ୍ରମୁଖ ମଂଚାସିନ ଥିଲେ। ବିପୁଳ ଭିଡ଼ ଦେଖି ପୋଲିସ ପ୍ରଶାସନ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କରିଛି। ଆଜି ସନ୍ଧ୍ୟାରେ ବାବୁଶାନଙ୍କ ପ୍ରଦର୍ଶନ ସହ ମହୋତ୍ସବର ରଙ୍ଗିନ ସମାପନ ହେବ। କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ପାଇଁ ବ୍ଲକର ସମସ୍ତ କର୍ମଚାରୀ ଦିନ ରାତି ଲାଗିଛନ୍ତି।

# ପାଙ୍ଗାପାୟୁରେ ଦେଶୀ ବନ୍ଧୁକ କାରଖାନା ଠାବ: ବନ୍ଧୁକ ଓ ବନ୍ଧୁକ ତିଆରି ସାମଗ୍ରୀ ଜବତ ଜଣେ ଗିରଫ

କନ୍ଧମାଳ ,୦୫/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଅଂଚଳର କଟ୍ରିଙ୍ଗିଆ ଗ୍ରାମପଂଚାୟତ ଅନ୍ତର୍ଗତ ପାଙ୍ଗାପାୟୁ ଅଂଚଳରେ ଗୋଟିଏ ଦେଶୀ ବନ୍ଧୁକ କାରଖାନା ଠାବ କରିଛି କନ୍ଧମାଳ ଜିଲ୍ଲା ପୋଲିସ, ସେଠାରୁ ଦେଶୀ ବନ୍ଧୁକ ସହ ବନ୍ଧୁକ ତିଆରି ଯନ୍ତ୍ରପାତି ଜବତ କରିଛି ପୁଲିସ। ବାଞ୍ଛାନିଧି ବିନ୍ଧାଣି ନାମକ ଜଣେ ବ୍ୟକ୍ତି ବେଆଇନ ଭାବେ ଦେଶୀ ବନ୍ଧୁକ କାରଖାନା ଚଳାଇଥିବା ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ ଆଜି ଏହି ସଂକ୍ରାନ୍ତରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ କନ୍ଧମାଳ ଏସ୍ ପି ଶ୍ରୀ ହରିଶ ବିଶି । ଦେଇଥିବା ସୂଚନା ଅନୁଯାୟୀ ଏହି ସଂକ୍ରାନ୍ତରେ ବିଶେଷ ସୂତ୍ରରୁ ଖବର ପାଇ ଫୁଲବାଣୀ ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ ଙ୍କ ନେତୃତ୍ୱରେ ଗୋଛାପଡା ପୋଲିସ ଅଧିକାରୀ ସଚିରଞ୍ଜିବି ବେହେରା,ଏସ.ଆଇ ଅନନ୍ତ କୁମାର ପ୍ରଧାନ ଓ ତାଙ୍କ ପାଂଚ ଜଣିଆ ଟିମ୍ ଚଢ଼ାଉ କରିଥିଲେ ।ପୋଲିସ ସୂଚନା ପ୍ରକାରେ ବୁଧବାର ସକାଳ ୮ଟା ୩୫ ମିନିଟ୍ ସମୟରେ କଟ୍ରିଙ୍ଗିଆର ପାଙ୍ଗାପାୟୁ ଅଂଚଳରେ ପୋଲିସ ଟିମ ଧରି ଘରେ ଚଢାଉ କରି ବନ୍ଧୁକ ତିଆରି କାରଖାନାକୁ ଠାବ କରି ଘରେ ଦେଶୀ ବନ୍ଧୁକ ଏବଂ ପିସ୍ତଲ ତିଆରି, ମରାମତି ଏବଂ ବିକ୍ରୟ ପାଇଁ କରାଯାଉଥିବା ୱାର୍କସପ୍ ଉପରେ ଚଢାଉ କରି ତିନୋଟି ଦେଶୀ ବନ୍ଧୁକ, ଗୋଟିଏ ପିସ୍ତଲ, ୪ଟି କାଠ ଫ୍ରେମ୍, ୧୦ଟି ବନ୍ଧୁକ ବ୍ୟାରେଲ୍, ଗୋଟିଏ ଏୟାର-ବ୍ଲୋୟର ଏବଂ ଅନ୍ୟାନ୍ୟ ଲଜିଷ୍ଟିକ୍ ଉପକରଣ ଜବତ କରାଯାଇଛି । ଅଭିଯୁକ୍ତ ବାଞ୍ଛାନିଧି ବିନ୍ଧାଣି ୨୦୧୬ ରେ ମଧ ଦେଶୀ ବନ୍ଧୁକ ତିଆରି ପାଇଁ ଜେଲ୍ ଯାଇଥିବା ସାମ୍ବାଦିକ ସମ୍ମିଳିନୀରେ କହଯାଇଛି ଏବଂ ଏହି ଦେଶୀ ବନ୍ଧୁକ ଶିକାର କରିବା ପାଇଁ ଏବଂ ବିକିବା ପାଇଁ ତିଆରି କରୁଥିବା ବାଞ୍ଛାନିଧି କହିଥିବା ଜଣାପଡ଼ିଛି । ଗୋଛାପଡା ପୋଲିସ ସାମଗ୍ରୀଗୁଡ଼ିକୁ ଜବତ କରି ଅଭିଯୁକ୍ତଙ୍କୁ ଅସ୍ତ୍ରଶସ୍ତ୍ର ଆଇନର ଧାରା ୨୫(୧-ଏଏ) ଅନୁଯାୟୀ ଗିରଫ କରାଯାଇଥିବା ବେଳେ ଏହି ସଂକ୍ରାନ୍ତରେ ଗୋଛାପଡା ଥାନାରେ ଏକ ମାମଲା ୨୪୧ ୨୦୨୫ ବେ ଆଇନ ଅସ୍ତ୍ରଶସ୍ତ୍ର ମାମଲା ରଜୁ କରିଥିବା ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି କନ୍ଧମାଳ ଏସ୍‌ଇ ପି ଶ୍ରୀ ହରିଶ ବିଶି ।

# ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଛାତ୍ରୀ ମୃତ୍ୟୁ

ଭଦ୍ରକ,୦୫/୧୨ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ବଇଁଆ ଗ୍ରାମ ପଂଚାୟତ ତାଳପଦା ଗ୍ରାମର ନୃସିଂହ ପଣ୍ଡାଙ୍କ କନ୍ୟା ଭଣ୍ଡାରିପୋଖରୀ କଲେଜ +୨ ଦ୍ୱିତୀୟ ବର୍ଷ ର ଛାତ୍ରୀ ଶ୍ରଦ୍ଧାଞ୍ଜଳି କଲେଜ ଯାଉଥିବା ବେଳେ ଏକ ବାଲି ବୋଝେଇ ଟ୍ରାକ୍ଟର ମାଡି ଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଉକ୍ତ ସ୍ଥାନରେ ଚାପା ଉତେଜନା ଦେଖାଦେଇଥିବା ବେଳେ ପୁଲିସ୍ ଘଟଣାସ୍ଥଳରେ ପହଂଚି ପରିସ୍ଥିତିକୁ ଆୟତକୁ ଆଣିଥିଲା। ଏହି ଘଟଣାର ଖବର ପାଇ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ୍ କୁମାର ମଲ୍ଲିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ଛାତ୍ରୀଙ୍କ ଶେଷ ଦର୍ଶନ କରିବା ପୂର୍ବକ ଅମର ଆତ୍ମାର ସଦ୍ ଗତି କାମନା କରିଥିଲେ। ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ଉପସ୍ଥିତି ରେ ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ସହ ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# ପୁଲିସକୁ ବଡ ସଫଳତା: ଚୋରି ଘଟଣାରେ ୧୪ ଗିରଫ ୫୦ଲକ୍ଷ ଟଙ୍କାର ଚୋରି ସାମଗ୍ରୀ ଉଦ୍ଧାର

ଧର୍ମଶାଳା,୦୫/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଓ ଏହାର ପାଖ ଥାନା ଗୁଡିକରେ ଲଗାତାର ଭାବେ ୬ ମାସ ହେଲା ଘଟୁଥିବା ଘର ଚୋରି ଘଟଣାରେ ଜିଲ୍ଲା ପୁଲିସକୁ ସଫଳତା ମିଳିଛି । ଏନେଇ ପୁଲିସ ହେଡକ୍ୱାଟରରେ ଆଜି ପୁଲିସ ଡିଆଇଜି ସତ୍ୟଜିତ ନାୟକ ଓ ଯାଜପୁର ଏସପି ୟସପ୍ରତପ ଶ୍ରିମଲ ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣାର ଖୋଲାସା କରିଛନ୍ତି । ସୂଚନା ଅନୁଯାୟୀ ଧର୍ମଶାଳା ଥାନା ଅଂଚଳରେ ବିଗତ ୬ ମାସ ହେଲା ବାରମ୍ବାର ଚୋରି ବୃଦ୍ଧି ପାଇଆସୁଥିଲା । ହେଲେ ଧର୍ମଶାଳା କିମ୍ବା ଯାଜପୁର ପୁଲିସ ଚୋରଙ୍କୁ ଧରିବାରେ ଅସଫଳ ହେବା କାରଣରୁ ସର୍ବସାଧାରଣରେ ପୁଲିସ ସମାଲୋଚିତ ହୋଇଥିଲା । ଧର୍ମଶାଳା ଥାନା ଅଂଚଳ ସମେତ ବାଲିଚନ୍ଦ୍ରପୁର, ବଡଚଣା, କୁଆଖିଆ, ବ୍ରହ୍ମବରଦା, ଜେନାପୁର ଆଦି ଥାନା ଅଂଚଳରେ ବାରମ୍ବାର ଦୁର୍ବୃତମାନେ ରାତିରେ ଘରେ ପଶି କଳାକନା ବୁଲାଉଥିଲେ । ପରସ୍ଥିତି ଅସମ୍ଭାଳ ହେବାରୁ ଜିଲ୍ଲା ଏବଂ ରାଜ୍ୟ ପୁଲିସ ପକ୍ଷରୁଉ୍ତପୃରତା ପ୍ରକାଶ ପାଇଥିଲା । ଏହି ଚୋରମାନଙ୍କୁ ଧରିବା ପାଇଁ ଯାଜପୁର ଏସପି ୟସପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶକ୍ରମେ ଦୀର୍ଘ ୧ ମାସ ହେବ ପୁଲିସ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଜିଲ୍ଲା ଏବଂ ଜିଲ୍ଲା ବାହାରେ ଚଢାଉ କରାଯାଇଥିଲା । ବିଭିନ୍ନ ଥାନା ଅଂଚଳରୁ ଚୋରି ଘଟଣାରେ ପୁଲିସ ୧୪ ଜଣ ଦୁର୍ବୃତଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଏଥିସହ ପୁଲିସ ଏହି ଚୋରମାନଙ୍କ ଠାରୁ ୨୨୫ ଗ୍ରାମରୁ ଉର୍ଦ୍ଧ ସୁନା, ପାଖାପାଖି ୨୪୦୦ ଗ୍ରାମ ରୁପା, ନଗଦ ୫ ଲକ୍ଷ ୯୦ ହଜାର ୫ଶହ ଟଙ୍କା ସମେତ ଗୋଟିଏ ବୋଲେରୋ ଗାଡି, ୨ଟି ବାଇକ, ୧୩ ଗୋଟି ଆଣ୍ଡ୍ରିଏଡ ମୋବାଲ ଫୋନ ଏବଂ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଓ ତାଲା ଭଙ୍ଗାଯିବା ଯନ୍ତ୍ରାସ ଜବତ କରିଛି । ଜବତ ସାମଗ୍ରୀ ଗୁଡିକର ଆନୁମାନିକ ମୁଲ୍ୟ ୫୦ ଲକ୍ଷରୁ ଉର୍ଦ୍ଧ ହେବ ବୋଲି ପୁଲିସ ସୂଚନା ଦେଇଛି । ଗିରଫ ହୋଇଥିବା ଚୋରମାନେ ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ଗ୍ରାମର ସେକ ଅଲିମୁଦ୍ଧିନ (୨୪)ଏହି ଥାନା ଖଡଗପୁର ଗ୍ରାମର ସୋମ୍ୟରଞ୍ଜନ ବେହେରା (୨୯), ଚାରିନଙ୍ଗଳ ଗ୍ରାମର ରହିମ ଖାଁ(୨୦), ଚାରିନଙ୍ଗଳ ଗ୍ରାମର ସେକ ଇମାମୁଦ୍ଧିନ (୧୯), ଚାରିନଙ୍ଗଳ ଗ୍ରାମର ସେକ ମୁସ୍ତକିମ ଅଲ୍ଲି(୪୨), କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅଂଚଳର ରାଜୁ ଖାଁ(୩୩), କେନ୍ଦ୍ରାପଡା ଥାନା ଅଂଚଳର ସେକ ମେତାବ(୨୮), ପାଟକୁରା ଥାନା ଅଂଚଳର ମନୋଜ ମଲିକ(୨୬), କେନ୍ଦ୍ରାପଡା ଟାଉନ ଥାନା ଅଂଚଳର ସେକ ଚାନ୍ଦ(୨୬),ଏହି ଥାନା ଅଂଚଳର ଗୌତମ ଜେନା(୨୮) ବୋଲି ଜଣାପଡିଛି । ଏଥିସହ ଏହି ଚୋରମାନଙ୍କ ପାଖରୁ ଚୋରି ଅଳଙ୍କାର କିଣିବା ଅଭିଯୋଗରେ ପୁଲିସ ବଲିଚନ୍ଦ୍ରପୁର ଥାନା ଅଂଚଳର ସୁନା ବ୍ୟବସାୟୀ ଜନ୍ମେଜୟ ସାହୁ(୨୯)କଟକ ଜିଲ୍ଲା ନୟାସଡକ ଅଂଚଳର ଅମଲ ସେଠ,ଲାଲବାଗ ଥାନା ଅଂଚଳର ସୁନା ବ୍ୟବସାୟୀ ବିକ୍ରମ ବେହେରା ଓ କଟକ ତିନିକୋଣିଆ ବଜାର ଅଂଚଳର ପବିତ୍ର ସେଠୀ ବୋଲି ଜଣାଯାଇଛି । ଏହି ଦୁର୍ବୃତମାନେ ରାତିରେ ବିଭିନ୍ନ ଗ୍ରାମରେ ପହଁଚି ଏକୁଟିଆ ଘର ଠୁରେଇବା ସହିତ ଘରେ ରହୁଥିବା ଲୋକମାନଙ୍କ ଗତିବିଧି ଠଉରାଇଥାନ୍ତି । ପରେ ଉକ୍ତ ଘରେ କେହି ନଥିବା ଜାଣି ସେ ଘରେ ପଶି ଅନାୟାସରେ ଚୋରୀ କରି ଫେରାର ହୋଇଯାଆନ୍ତି । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣ ଅଭିଯୁକ୍ତ ଫେରାର ରହିଛନ୍ତି । ବିଭିନ୍ନ ଥାନା ଅଂଚଳରୁ ହୋଇଥିବା ଚୋରି ମାମଲାରେ ଅନ୍ୟ ଦୁର୍ବୃତମାନଙ୍କ ମଧ ସମ୍ପୃକ୍ତି ରହିଥିବା ବେଳେ ପୁଲିସର ତଦନ୍ତ ଜାରି ରହିଛି ବୋଲି ପୁଲିସ ସୂଚନା ଦେଇଛି । ଯାଜପୁର ଜିଲ୍ଲାର ଉପରଲିଖିତ ଥାନା ଗୁଡିକରେ ହୋଇଥିବା ୩୦ ଗୋଟି ଚୋରି କେଶରେ ଏମାନଙ୍କ ସମ୍ପୃକ୍ତି ରହିଥିବା ବେଳେ ସେଥିମଧ୍ୟରୁ ଧର୍ମଶାଳା ଥାନା ଅଂଚଳର ସର୍ବାଧିକ ୧୬ ଗୋଟି ମାମଲାରେ ଏମାନଙ୍କ ସମ୍ପୃକ୍ତି ରହିଥିବା ଜଣାଯାଇଛି । ସାମ୍ବାଦିକ ସମ୍ମିଳନୀ ପରେ ୧୪ ଜଣ ଅଭିଯୁକ୍ତଙ୍କୁ ଆଜି ଚଣ୍ଡିଖୋଲ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଛି ବୋଲି ଏସପି ଶ୍ରୀ ଶ୍ରୀମଲ ସୂଚନା ଦେଇଛନ୍ତି ।

# ଖଡ଼ିଆଳ ବରିଷ୍ଠ ନାଗରିକ ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ନୂଆପଡା,୦୫/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଠାରେ ଖଡ଼ିଆଳ ବରିଷ୍ଠ ନାଗରିକ ସଂଘର ନବ ନିର୍ମିତ କାର୍ଯ୍ୟାଳୟ ଆଜି ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ଖଡ଼ିଆଳ ବ୍ଲକ ଚେୟାରମେନ ପୁଷ୍ପାଞ୍ଜଳି ନନ୍ଦ, ଖଡ଼ିଆଳ ଏନଏସି ଚେୟାରମେନ ଉଜ୍ଜଳ ଗୁପ୍ତା, ଖଡ଼ିଆଳ ବିଡ଼ିଓ ମିଳନ କୁମାର ଝାଙ୍କର, ଖଡ଼ିଆଳ ତହସିଲଦାର ନରସିଂଙ୍ଗ ଗଡବା, ଖଡ଼ିଆଳ ଏନଏସି ଇଓ ସ୍ୱାଧୀନ କେତନ ମହାରଣା ପ୍ରମୁଖ ଯୋଗଦାନ କରି ଶୁଭ ଉଦଘାଟନ କରିଥିଲେ। ସୂଚନା ଥାଉକି, ଗତ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ପାଣ୍ଠିରେ ଉକ୍ତ କାର୍ଯ୍ୟାଳୟ ନିର୍ମାଣ ହୋଇଛି। ବରିଷ୍ଠ ନାଗରିକ ସଂଘର ସଭାପତି ରାମେଶ୍ୱର ଅଗ୍ରୱାଲ, କୋଷାଧ୍ୟକ୍ଷ ପ୍ରମୋଦ କୁମାର ଦଣ୍ଡସେନା, ବରିଷ୍ଠ ସଦସ୍ୟ ମେଜର ଡ. ରାମଚନ୍ଦ୍ର ମିଶ୍ର, ଡ.ଫଣିନ୍ଦମ ସିଂ ଦେଓ, ପୂର୍ବତନ ଖଡ଼ିଆଳ ଏନଏସି ଚେୟାରମେନ ନିମାଇଁ ଚରଣ ତାଣ୍ଡି, ସତିଶ ପଟ୍ଟନାୟକ, ଆଶିଷ ପଣ୍ଡା, କୈଳାଶ ଚନ୍ଦ୍ର ଅଗ୍ରୱାଲ, ପ୍ରଦୀପ ଖମାରୀ, ପ୍ରଦୀପ ତ୍ରିବେଦି, ଜିତେନ୍ଦ୍ର ପାଢ଼ୀ, ହରେନ୍ଦ୍ର ପଣ୍ଡା, ପୂର୍ବତନ ଖଡ଼ିଆଳ ବ୍ଲକ ଅଧକ୍ଷ ଉପେନ୍ଦ୍ର ମୁଣ୍ଡ, ସନ୍ତୋଷ କୁମାର ଦଣ୍ଡସେନା,ଶମ୍ଭୁ କିଶୋର ଦଣ୍ଡସେନା, ରମେଶ ଠାକୁର, ପ୍ରମୋଦ କୁମାର ସାହୁ, ସଂଗୀତଜ୍ଞ ନନ୍ଦଲାଲ ବାରିକ, ନନ୍ଦକିଶୋର ପ୍ରଧାନୀ, ଅଶ୍ୱିନୀ ପ୍ରଧାନୀ, ସିଦ୍ଧାର୍ଥ ଶଙ୍କର ଯୋଶୀ, ବିଜୟ ପ୍ରତାପ ସିଂ ମହାରଥା, ଭୁବନେଶ୍ୱର ପଟେଲ , ଜଗବନ୍ଧୁ ପଟେଲ ସମେତ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ମାଗଣା ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ

ବଲାଙ୍ଗିର,୦୫/୧୨ (ନି.ପ୍ର): ସରକାରୀ ମହିଳା ମହାବିଦ୍ୟାଳୟ, ବଲାଙ୍ଗିରରେ ଜାତୀୟ ସେବା ଯୋଜନା ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି, ବୀରମହାରାଜପୁରର ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ ମାଗଣା ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏହି ଶିବିରରେ ୩୦ ଜଣ କର୍ମଚାରୀ ଏବଂ ୯୦ ଜଣ ଛାତ୍ରୀ ଚକ୍ଷୁ ପରୀକ୍ଷା କରାଇଥିଲେ ଓ ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷ ଡ଼ଃ ଅରବିନ୍ଦ କୁମାର ଓଝା ଆଖିର ଯତ୍ନ ନେବା ନିମନ୍ତେ ସମସ୍ତଙ୍କୁ ଉପଦେଶ ଦେଇଥିଲେ।

# ଡୁଡାମେଟଲା ନଦୀ ନିକଟରୁ ମହିଳାଙ୍କ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର

ମାଲକାନଗିରି,୦୫/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକର ଡୁଡାମେଟଲା ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର କରାଯାଇଛି। ମହିଳା ନିଖୋଜ ନେଇ ଗତକାଲି କୋରୁ କୋଣ୍ଡା ଥାନାରେ ଏତଲା ଦାୟର ହୋଇଥିଲା। ଆଜି ସକାଳେ ମହିଳାଙ୍କ ମୁଣ୍ଡ ବିହୀନ ଶବକୁ ପରିବାର ଲୋକେ ଚିହ୍ନଟ କରି କୋରୁ କୋଣ୍ଡା ପୁଲିସକୁ ସୂଚନା ଦେଇଥିଲେ। ଘଟଣା ଅନୁଯାୟୀ କୋରୁ କୋଣ୍ଡା ଥାନା ଅଂଚଳର ରାଖାଲଗୁଡା ଗ୍ରାମର ସ୍ୱର୍ଗତ ମୁକ୍କା ପଡିଆମିଙ୍କ ପତ୍ନୀ ଲାକେ ପଡିଆମି(୫୦) ଗତକାଲି ଠାରୁ ନିଖୋଜ ଥିଲେ। ପରିବାର ଲୋକେ ଗତକାଲି ଠାରୁ ନିଖୋଜ ଥିବା ନେଇ କୋରୁ କୋଣ୍ଡା ଥାନାରେ ଏତଲା ଦାୟର କରିଥିଲେ। ପୁଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରୁଥିବା ବେଳେ ଆଜି ସକାଳୁ କାଳିମେଳା ବ୍ଲକର ଡୁଡାମେଟଲା ନଦୀରେ ମହିଳାଙ୍କ ମୁଣ୍ଡ ବିହୀନ ଶବ ପଡିଥିବା ଜାଣିବା ପରେ ପରିବାର ଲୋକେ ସେଠାକୁ ଯାଇ ଦେଖିଲା ବେଳକୁ ମହିଳା ଜଣକ ଲାକେ ପଡିଆମି ବୋଲି ପରିବାର ଲୋକେ କହିଥିଲେ।ଖବର ପାଇ କୋରୁ କୋଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରିବାର ଲୋକେ ମହିଳାଙ୍କୁ ମୁଣ୍ଡ କାଟି ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ତେବେ କିଏ ଓ କାହିଁକି ଲାକେ ପଡିଆମିଙ୍କୁ ହତ୍ୟା କରିଛି ତାକୁ ନେଇ ପରିବାର ଲୋକେ ଏବେ ଚିନ୍ତାରେ ପଡିଛନ୍ତି। ପୁଲିସ ମଧ ପ୍ରାଥମିକ ତଦନ୍ତରୁ ଏହା ହତ୍ୟା ହୋଇଥାଇପାରେ ବୋଲି କହିଛି।

# ଡାକ୍ତରଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା ବୈଠକ: ରୋଗୀଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କର

ଭଦ୍ରକ,୦୫/୧୨ (ନି.ପ୍ର): ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଗଣମାଧ୍ୟମ, ସୋସିଆଲ ମିଡିଆ ଓ ବିଭିନ୍ନ ମହଲରେ ଚର୍ଚ୍ଚା ହେବା ପରେ ଜିଲାପାଳ ଗତକାଲି ବୁଧବାର ସନ୍ଧ୍ୟାରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଡାକ୍ତର ଓ ହସ୍ପିଟାଲର ଅନ୍ୟ ଅଧିକାରୀମାନଙ୍କୁ ଡକାଇ ଗୁରୁମନ୍ତ୍ର ଦେଇଛନ୍ତି । ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜ ଡ୍ୟୁଟିରେ ଅବହେଳା ନକରିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଡାକ୍ତରମାନେ ଦ୍ୱିତୀୟ ଈଶ୍ୱର। ରୋଗୀଙ୍କୁ ଭଲ ଆଚରଣ ଦର୍ଶାଇ ସେବା ଯୋଗାଇଦେଲେ ରୋଗ ଅଧା ଉପଶମ ହେବ। ଏଣୁ ଆଚରଣ ଓ ଉଚ୍ଚାରଣରେ ରୋଗୀଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ସହ ଉପଯୁକ୍ତ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ଦେବାକୁ ସମସ୍ତ କର୍ମଚାରୀମାନଙ୍କୁ ତାଗିଦ କରିବା ସହ ଗାଁ ଗାହଳିରୁ ଆସିଥିବା ରୋଗୀଙ୍କ ପ୍ରତି ସମବେଦନା ପ୍ରକାଶ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ ଅସ୍ଥିଶଲ୍ୟ ଓ ମହିଳା ପ୍ରସୂତି ବିଭାଗରେ ଅସ୍ତ୍ରୋପଚାର କାର୍ଯ୍ୟ ଠିକ୍ ଭାବରେ ହେଉନଥିବାର ଅଭିଯୋଗ ତାଙ୍କ ପାଖକୁ ଆସୁଥିବାର ସେ ପ୍ରକାଶ କରିଥିଲେ। ତେବେ ଅସ୍ଥିଶଲ୍ୟ ବିଭାଗରେ ଅସ୍ତ୍ରୋପଚାର ପାଇଁ ସମସ୍ତ ଆବଶ୍ୟକ ଯନ୍ତ୍ରପାତି ଥିଲେ ମଧ ଇନ୍‌ପ୍ଲାଂଟ ର ବ୍ୟବସ୍ଥା ନଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୁବଶୀଘ୍ର ଏଥିପାଇଁ ସରକାରଙ୍କ ତରଫରୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ବୈଠକରେ ମତ ପ୍ରକାଶ କରିଥିଲେ। ସେହିପରି ମହିଳା ପ୍ରସୂତି ବିଭାଗରେ ଅସ୍ତ୍ରୋପଚାର ସଂଖ୍ୟା ବୃଦ୍ଧି କରିବା ସହ ମା’ ଓ ଶିଶୁ ମୃତ୍ୟୁହାରକୁ କମାଇବା ପାଇଁ ମତ ପ୍ରକାଶ କରିଥିଲେ। ଆବଶ୍ୟକ ଯନ୍ତ୍ରପାତି ନଥିବାରୁ ଚକ୍ଷୁ ଅସ୍ତ୍ରୋପଚାର କାର୍ଯ୍ୟ ହୋଇପାରୁନାହିଁ। ତେବେ ଏହାକୁ ନେଇ ଜିଲାପାଳ ଶ୍ରୀ ରାଉତରାଏ ଅସ୍ତ୍ରୋପଚାରକୁ ନେଇ ଆବଶ୍ୟକ ପଡୁଥିବା ମାଇକ୍ରୋସ୍କୋପ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଯନ୍ତ୍ରପାତି ଶୀଘ୍ର ଯୋଗାଇଦେବାକୁ ସେ ଟେଲିଫୋନ୍‌ରେ ରାଜ୍ୟ ବିଭାଗୀୟ ମୁଖ୍ୟଙ୍କ ସହ କଥାବାର୍ତା ହୋଇଥିଲେ। ସଦ୍‌ଭାବନା ଗୃହରେ ଜିଲାପାଳ ଶ୍ରୀ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସିଡିଏମ୍‌ଓ ସୁଧୀରଞ୍ଜନ ନାୟକ, ଡିଏମ୍‌ଓ ଏମ୍‌ଏସ ମିନତୀ ଦାସ, ଅସ୍ତ୍ରୋପଚାର ବିଭାଗର ମୁଖ୍ୟ ଡିଏମ୍ ପଣ୍ଡା, ସୁବାଷ ବିଶ୍ୱାଳ, ପ୍ରସୂତି ବିଭାଗର ମୁଖ୍ୟ ସୌଦାମିନୀ ଧଳ, ଶିଶୁ ବିଭାଗ ମୁଖ୍ୟ ସୁଧାକୃଷ୍ଣ ସାହୁ, ଟିବି ଚେଷ୍ଟ ମୁଖ୍ୟ ମନୋରଂଜନ ପାଣିଗ୍ରାହୀ, ପ୍ୟାଥୋଲୋଜିଷ୍ଟ ବିମଳା ପଣ୍ଡା, ଡିପିଏମ୍ ବନବିହାରୀ ମିଶ୍ର, ହସ୍‌ପିଟାଲ ମ୍ୟାନେଜର ସମୀର ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହାବ୍ୟତୀତ ଜିଲାପାଳଙ୍କର ଏହି ବୈଠକକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ଭର୍ଚୁଆଲରେ ସାମିଲ ହୋଇଥିଲେ।

# ଜୟୀ ରାଜଗୁରୁ



## ଇନ୍ଦୁ ଭୂଷଣ ଭୂୟାଁ

ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ସଂଗ୍ରାମୀଙ୍କ ମଧ୍ୟରେ ସହିଦ ଜୟୀ ରାଜଗୁରୁ ଅନ୍ୟତମ। ଗୋରା ଶାସକ ବିରୋଧରେ ଉତ୍କଳର ପ୍ରତିଟି ପ୍ରାଣରେ ସେ ବିପ୍ଳବର ବହ୍ନି ଜାଳିଥିଲେ। ୧୭୩୯ ଅକ୍ଟୋବର ୨୯ ଅଁଳା ନବମୀରେ ପୁରୀ ଜିଲ୍ଲାର ହରେକୃଷ୍ଣପୁର ଗ୍ରାମରେ ରାଜଗୁରୁ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପ୍ରକୃତ ନାମ ଜୟକୃଷ୍ଣ ରାଜଗୁରୁ ମହାପାତ୍ର, କିନ୍ତୁ ଓଡ଼ିଶାବାସୀଙ୍କ ପାଇଁ ସେ ଜୟୀ ରାଜଗୁରୁ। ସେ ଜଣେ ମେଧାବୀ ଛାତ୍ର ଥିଲେ। ବେଦ, ପୁରାଣ ଓ ଶାସ୍ତ୍ର ଅଧ୍ୟୟନ କରି କେବଳ ବଂଶ-ପରମ୍ପରାର ରାଜ ପୁରୋହିତ ନଥିଲେ, ଶାସ୍ତ୍ର ବିଶାରଦ, ଭାଷାବିତ୍, ରାଜନୈତିକ ପରାମର୍ଶଦାତା ଭାବେ ମଧ୍ୟ ପ୍ରସିଦ୍ଧି ଅର୍ଜନ କରିଥିଲେ। ଉତ୍କଳର ତତ୍‌କାଳୀନ ରାଜାମାନେ ତାଙ୍କୁ ନିଜର ମନ୍ତ୍ରୀ ଓ ଉପଦେଷ୍ଟା କରିବାକୁ ଚାହୁଁଥିଲେ। ବାପାଙ୍କ ଅନ୍ତେ ଖୋରଧା ରାଜା ଦିବ୍ୟସିଂହ ଦେବଙ୍କ ରାଜସଭାରେ ସେ ରାଜଗୁରୁ ତଥା ମନ୍ତ୍ରୀ ଭାବେ ପ୍ରତିଷ୍ଠିତ ହୋଇଥିଲେ। ତା'ପରେ ସେ ରାଜଗୁରୁ ପାଲଟିଗଲେ। ଖୋରଧା ରାଜାଙ୍କୁ ଉତ୍କଳର ଶାସକ ଭାବେ ପ୍ରତିଷ୍ଠିତ କରିବା ପାଇଁ ସେ ଉଦ୍ୟମ ଚଳାଇଥିଲେ। ଖୋରଧା ପାଇକ ଜାଗରଣରେ ତାଙ୍କ ଉଦ୍ୟମ ଉଲ୍ଲେଖଯୋଗ୍ୟ।

୧୮୦୩ରେ ଇଂରେଜମାନେ ଓଡ଼ିଶା ଅକ୍ତିଆର କରିବା ପରେ ଖୋରଧା ରାଜାଙ୍କ ଠାରୁ କର ମାଗିଲେ ଏବଂ ସେମାନଙ୍କ ବଶତା ସ୍ୱୀକାର କରିବାକୁ ବାଧ୍ୟ କଲେ। ରାଜଗୁରୁଙ୍କ ସ୍ୱାଭିମାନକୁ ଏହା କଠୋର ଆଘାତ ଦେଲା। ଫିରିଙ୍ଗି ଆଗରେ ମୁଣ୍ଡ ନୁଆଁଇବୁ ନାହିଁ ବୋଲି ପଣ କରି ପ୍ରତ୍ୟେକ ଘରୁ ଜଣକୁ ସୈନିକ କରି ସେ ନିଜ ସୈନ୍ୟବାହିନୀରେ ମିଶାଇଲେ। ବାହ୍ୟ ଆକ୍ରମଣରୁ ରକ୍ଷା କରିବା ପାଇଁ ସେ ବରୁଣେଇ ଗଡ଼କୁ ସୁଦୃଢ଼ କରିଥିଲେ। ଇଂରେଜ ବିରୁଦ୍ଧରେ ଗରିଲା ଯୁଦ୍ଧକୌଶଳ ରାଜଗୁରୁ ଆରମ୍ଭ କରିଥିବା କୁହାଯାଏ। ଇଂରେଜମାନେ ଶେଷରେ ଦେଶଦ୍ରୋହୀଙ୍କୁ ପ୍ରଲୋଭିତ କରି ରାଜଗୁରୁଙ୍କୁ ବନ୍ଦୀ କରିବା ସହ ଓଡ଼ିଶାର ଶେଷ ସ୍ୱାଧୀନ ଦୁର୍ଗ ଅକ୍ତିଆର କରିନେଲେ। ୧୮୦୬ରେ ତାଙ୍କୁ ବିଚାର ପାଇଁ ମେଦିନୀପୁର ପଠାଇ ଦିଆଗଲା। ବିଚାର ପରେ ଡିସେମ୍ବର ଆଜିର ଦିନ ତାଙ୍କୁ ଅମାନୁଷିକ ଭାବେ ହତ୍ୟା କରାଗଲା। ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଗୋରା ଶାସକଙ୍କ ଆଗରେ ମୁଣ୍ଡ ନୁଆଁଇ ନଥିବା ଜୟୀ ରାଜଗୁରୁଙ୍କ ଅବଦାନକୁ ଓଡ଼ିଶା ମାଟି ଚିରକାଳ ଝୁରିବ, ଏଥିରେ ସନ୍ଦେହ ନାହିଁ।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍',
ପୁରୁଣା ସୋନାରି, ଜାମସେଦପୁର,
ମୋ : ୭୪୮୮୯୯୮୫୩୨

# ଶତାବ୍ଦୀ ପୁରୁଷ ପଦ୍ମଭୂଷଣ ଡ.ରାଧାନାଥ ରଥ



## ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସମ୍ପାଦକ, ରାଜନେତା, ସାରସ୍ୱତ ସାଧକ ଓ ସମାଜ ସେବକ ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କ ଜୀବନ ଶତାବ୍ଦୀର ଏକା ଶୀଖା। ବହୁ ସମସ୍ୟା ବଜଡ଼ିତ ଏକ ସନ୍ତସ୍ତ ଜାତିକୁ ଆଶା ଆଶ୍ୱାସନାର ବାଣୀ ଶୁଣାଇବାକୁ ସେ ଶିଖା ଅଙ୍ଗୀକାରବଦ୍ଧ ହୋଇଥିଲା। ଉନ୍ନବିଂଶ ଶତାବ୍ଦୀର ଗତାୟୁ ଲଗ୍ନରେ ୧୮୯୭ ମସିହା ଡିସେମ୍ବର ୬ ତାରିଖରେ ସେ ଆଠଗଡ଼ରେ ଜନ୍ମ ହେଲାବେଳକୁ ବିଖଣ୍ଡିତ ଉତ୍କଳ ଏକ ସନ୍ଧିକ୍ଷଣ ମଧ୍ୟ ଦେଇ ଗତି କରୁଥାଏ। ତାଙ୍କର ପିତା ଜଗନ୍ନାଥ ଥିଲେ ଆଠଗଡ଼ର ରାଜା ବିଶ୍ୱନାଥ ଦେବ ବର୍ମାଙ୍କର ରାଜପରିବାରର ପଣ୍ଡିତ। ଡ.ରାଧାନାଥ ରଥ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାମ୍ବାଦିକ, ରାଜନୈତିଜ୍ଞ ଓ ସାହିତ୍ୟିକ ଥିଲେ। ତାଙ୍କ ପ୍ରାଥମିକ ଶିକ୍ଷା ଆଠଗଡ଼ରେ ସେ କାଳା ମହାନ୍ତିଙ୍କ ଠାରୁ ପ୍ରାପ୍ତ ହୋଇଥିଲେ। ବାଲେଶ୍ୱର ଜୁବିଲୀ ସ୍କୁଲରୁ ତାଙ୍କ ଶିକ୍ଷା ଆରମ୍ଭ ହୋଇଥିଲା। ୧୯୧୬ରେ କଟକର ରେଭେନ୍ସା କଲିଜେଟ୍ ସ୍କୁଲରୁ ମାଟ୍ରିକ ଶେଷ କରି ସିଂହଭୂମ ଜିଲ୍ଲାର ଜଙ୍ଗଲ ବିଭାଗର କିରାଣୀ ଭାବେ ସେ କାମ କେଲ। ୧୯୧୯ରେ ଚାକିରି ଛାଡ଼ି ଗୋପବନ୍ଧୁ ଦାସଙ୍କ ସତ୍ୟବାଦୀ ପ୍ରେସ୍‌ରେ ଯୋଗ ଦେଲେ। ଗୋପବନ୍ଧୁଙ୍କ ସମ୍ପାଦନାରେ ପ୍ରକାଶିତ ସାପ୍ତାହିକ ଓଡ଼ିଆ ଖବରକାଗଜ ସମାଜର ପ୍ରବନ୍ଧକ ଓ ସହ-ସମ୍ପାଦକ ଭାବେ ସେ ସାମ୍ବାଦିକତାରେ କ୍ୟାରିଅର ଆରମ୍ଭ କଲେ।

୧୯୧୯ରେ ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ସାକ୍ଷୀଗୋପାଳଙ୍କ ତୀର୍ଥସ୍ଥଳୀରେ ସମାଜକୁ ତାଙ୍କ ଧ୍ୟାନ ଓ ଧ୍ୟେୟ ଭାବେ ଗ୍ରହଣ କରିଥିଲେ। ସାପ୍ତାହିକ ପତ୍ର ଭାବରେ ଅକ୍ଟୋବର ୧୯୧୯ ମସିହା ଠାରୁ ସମାଜ ପ୍ରକାଶନ ଆରମ୍ଭ ହୋଇଥିଲା। ୧୯୨୫ରେ ସମାଜ ପୁରୀକୁ ସ୍ଥାନାନ୍ତରିତ ହୋଇ ଜାନୁଆରୀ ୩ ତାରିଖରେ ସେଠାରୁ ପ୍ରକାଶିତ ହେଲା ପରେ ୧୯୨୭ରେ ସମାଜ କଟକ ନିମ୍‌ଚୌଡ଼ିରୁ ଆରମ୍ଭ ହୋଇଥିଲା। ୧୯୨୮, ୧୭ ଜୁନ୍‌ରେ ଗୋପବନ୍ଧୁଙ୍କ ମହାପ୍ରୟାଣ ପରେ ସମାଜ ଲୋକସେବକ ମଣ୍ଡଳର ପରିଚାଳନାରେ ପ୍ରକାଶିତ ହେଲା। ରାଧାନାଥ ରଥଙ୍କ ପ୍ରଚେଷ୍ଟାରେ ୩୦୦୦ଟଙ୍କା କଟକ ବ୍ୟାଙ୍କରୁ ଋଣ କରାଯାଇ ଏକ ପୁରୁଣା ଫ୍ଲାଟବେଡ୍ ମେସିନ କିଣାହେଲା ଓ ୧୯୩୧ରୁ ବିଧିବଦ୍ଧ ଭାବରେ ଦୈନିକ ପ୍ରକାଶ ହେଲା। ୧୯୪୨ ଅଗଷ୍ଟ ୨୨ ତାରିଖରେ ରାଧାନାଥ ରଥ ଜେଲ ଗଲାପରେ ଏକମାସ ସମାଜ ପ୍ରକାଶନ ବନ୍ଦ ହେଲା। ୧୯୪୬ରୁ ୧୯୫୨ ପର୍ଯ୍ୟନ୍ତ ପଣ୍ଡିତ ଲିଙ୍ଗରାଜ ମିଶ୍ର ଶିକ୍ଷାମନ୍ତ୍ରୀ ଭାବରେ ନିଯୁକ୍ତି ହେବା ଫଳରେ ରାଧାନାଥ ରଥ ସମାଜର ସମ୍ପାଦନ ଦାୟିତ୍ୱ ଗ୍ରହଣ କଲେ। ୧୯୬୧ରେ ରାଧାନାଥ ବାବୁ ମନ୍ତ୍ରୀମଣ୍ଡଳ ତ୍ୟାଗ କରି ସମ୍ପୂର୍ଣ୍ଣ ଭାବରେ ସମାଜ ସମ୍ପାଦନ ଦାୟିତ୍ୱ ଗ୍ରହଣ କଲେ। ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ଦୁଇବର୍ଷ ସଶ୍ରମ କାରାଦଣ୍ଡରେ ତାଙ୍କୁ ଦଣ୍ଡିତ କରାଯାଇଥିଲା। ଓଡ଼ିଶା ବିଧାନସଭାକୁ ରାଧାନାଥ ୫ଥର ନିର୍ବାଚିତ ହୋଇଥିଲେ। ଲୋକ ସମାଜ ସେବକର ଓଡ଼ିଶା ଶାଖାର ସେ ଜୀବନବ୍ୟାପୀ ଅଧ୍ୟକ୍ଷ ଥିଲେ। ଅଖିଳ ଭାରତୀୟ ସ୍କାଉଟ ଓ ଗାଇଡ଼ ସଂସ୍ଥାର ମଧ୍ୟ ମୁଖ୍ୟ ଥିଲେ। ହିନ୍ଦ୍ କୁଷ୍ଠ ନିବାରଣ ସମୂହ, ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ ଭଳି ଅନେକ ସଂଗଠନ ସହ ରାଧାନାଥ ରଥ ସାମିଲ ଥିଲେ। ନିଜର ସମ୍ପାଦକ ଜୀବନ କାଳରେ ସେ ଓଡ଼ିଶାର ଜନଜୀବନ ଧାରା ସହିତ ନିଜକୁ ପୂର୍ଣ୍ଣ ଭାବରେ ସଂଶ୍ଳିଷ୍ଟ କରିଥିଲେ। ଗୋପବନ୍ଧୁଙ୍କ ପଦାଙ୍କ ଅନୁସରଣ କରି ବନ୍ୟା-ଦୁର୍ଭିକ୍ଷ-ପ୍ରପୀଡ଼ିତ ଓଡ଼ିଶାର ଅଧିବାସୀ ମାନଙ୍କୁ ସାହାଯ୍ୟ ସହଯୋଗ ପ୍ରଦାନ କରିବା, ବହୁ ଅନୁଷ୍ଠାନ ସହ ଜଡ଼ିତ ରହି ସାଂସ୍କୃତିକ ଜୀବନକୁ ପରିପୁଷ୍ଟ କରିବା, ଦରିଦ୍ର ନିସହାୟ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରି ଅନେକ ମାନବହିତୈଷୀକର୍ମ ସହିତ ନିଜକୁ ସଂଶ୍ଳିଷ୍ଟ କରି ଜୀବନ ନିର୍ବାହ କରୁଥିଲେ। ଆଜିର ସମୟରେ ପୂଜ୍ୟ ସ୍ୱର୍ଗତଃ ଡକ୍ଟର ରାଧାନାଥ ରଥଙ୍କ ଅନୁପ୍ରେରଣା ଓ ଆଶୀର୍ବାଦରେ ଓଡ଼ିଶା ଜନଗଣଙ୍କ ଖବରକାଗଜ ବୁଝାଉଥିବା 'ସମାଜ' ଶହେ ବର୍ଷ ଅତିକ୍ରମ କରିସାରିଛି। ବର୍ତ୍ତମାନ ସମୟରେ ସୁଯୋଗ୍ୟ ସମ୍ପାଦକ ଓ ସମ୍ପାଦନା ମଣ୍ଡଳୀ ଦ୍ୱାରା ପ୍ରକାଶିତ ସମାଜ ତାର ନିରପେକ୍ଷତା ଓ ମୂଲ୍ୟବୋଧର ଆଦର୍ଶକୁ ବଜାୟ ରଖି ପ୍ରତିଟି ଓଡ଼ିଆଙ୍କ ପାଖରେ ନିଜ ଗୌରବର ଗାଥାକୁ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବା ପାଇଁ ସମର୍ଥ ହୋଇଛି।

ଓଡ଼ିଶାରେ 'ବାବୁଜୀ' ନାମରେ ବେଶ ଲୋକପ୍ରିୟ ହୋଇପାରିଥିବା ଡକ୍ଟର ରାଧାନାଥ ରଥ ଓଡ଼ିଶାର ଶିକ୍ଷାମନ୍ତ୍ରୀ ଥିବା ସମୟରେ ଯୁଗପୁରୁଷୋତ୍ତମ କଲ୍‌କୀ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ପାବନ କ୍ଷେତ୍ର ଦେଓଘର ଯାତ୍ରା କରିଥିଲେ। କରୁଣାମୟ ଶ୍ରୀ ଶ୍ରୀ ଠାକୁର ତାଙ୍କୁ 'ପବିତ୍ର ଲାଠି' ଦିବ୍ୟଆଶୀର୍ବାଦକ୍ରମେ ପ୍ରଦାନ କରିଥିଲେ। ତାଙ୍କ ସୁକନ୍ୟା ସମାଜର ପୂର୍ବତନ ସମ୍ପାଦିକା ବିଶିଷ୍ଟ ସାହିତ୍ୟ ସ୍ରଷ୍ଟା ଡକ୍ଟର ମନୋରମା ମହାପାତ୍ର ଅନେକ କାର୍ଯ୍ୟକ୍ରମରେ କହିଛନ୍ତି ଯେ 'ଶ୍ରୀ ଶ୍ରୀ ଠାକୁରଙ୍କ ପବିତ୍ର ଲାଠିକୁ ବାବୁଜୀ ପ୍ରତି ଦିନ ନିଜ କର୍ମମୟ ଜୀବନ ଆରମ୍ଭ କରିବା ସମୟରେ ସ୍ପର୍ଶପୂର୍ବକ ପ୍ରଣିପାତ କରି ବାହାରକୁ ଯାଉଥିଲେ ଏବଂ ଫେରିବା ସମୟରେ ଏହି ପବିତ୍ର କୃପାକୁ ଦିବ୍ୟ ପ୍ରଣାମ ପୂର୍ବକ ଗୃହ ପ୍ରବେଶ କରୁଥିଲେ'। ଶ୍ରୀ ଶ୍ରୀ ଠାକୁର ଡକ୍ଟର ରାଧାନାଥ ରଥଙ୍କୁ ଜଣେ 'ଗୁଡ଼ସୋଲ' ବୋଲି ମନ୍ତବ୍ୟ ଦେଇଥିଲେ। ଆଜିବି ଦେଓଘରର ମ୍ୟୁଜିୟମରେ କୃପାମୟ ଶ୍ରୀ ଶ୍ରୀ ଠାକୁର ପବିତ୍ର ଲାଠି ପ୍ରଦାନ କରୁଥିବାର ଡକ୍ଟର ରାଧାନାଥ ରଥଙ୍କ ଫଟୋ ସ୍ଥାନିତ ହୋଇଛି। ଆଦର୍ଶବାଦୀ, ନିରାଡ଼ମ୍ବର ଏହି ଶତାବ୍ଦୀ ପୁରୁଷ ଅତ୍ୟନ୍ତ ସଶ୍ରଦ୍ଧ ଚିତ୍ତରେ ସମାଜର ପୃଷ୍ଠପୋଷକ ଭାବରେ ଦଣ୍ଡାୟମାନ ହୋଇ ଏବଂ ଓଡ଼ିଆ, ଇଂରାଜୀ, ବଙ୍ଗଳା, ହିନ୍ଦୀ ଭାଷାରେ ପ୍ରବୀଣତା ଲାଭ କରି ଓଡ଼ିଶାର ସାମ୍ବାଦିକତାକୁ ଏକ ବଳିଷ୍ଠ ତଥା ବିଶିଷ୍ଟ ଆସନରେ ପହଞ୍ଚାଇ ପାରିଥିଲେ। ନିରପେକ୍ଷ ଭାବରେ ଦୋଷ ଦୁର୍ବଳତାକୁ ସମାଲୋଚନା କରି ସରକାରଙ୍କୁ ଉପଯୁକ୍ତ ମାର୍ଗ ଦେଖାଇବା ତାଙ୍କ ସମ୍ପାଦକ ଜୀବନର ସର୍ବଶ୍ରେଷ୍ଠ କର୍ମ ଥିଲା।

୧୯୬୮ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ପ୍ରଦାନ କରିଥିଲେ। ୧୯୭୬ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରିବା ସହ ୧୯୭୭ ମସିହାରେ ପ୍ରାଥମିକ ଶିକ୍ଷା ପୁର୍ନଗଠନ କମିଟିର ଚେୟାରମ୍ୟାନ ପଦରେ ସେ ନିଯୁକ୍ତି ପାଇଥିଲେ। ଓଡ଼ିଶା ଗୋମଙ୍ଗ ସମିତିର ସେ ସଭାପତି ଥିଲେ। ହିନ୍ଦୀ କୁଷ୍ଠ ନିବାରଣ ସଂଘର ସେ ଉପସଭାପତି ଭାବରେ ସେ ନିଯୁକ୍ତି ଲାଭ କରିଥିଲେ। ୧୯୮୨ ଠାରୁ ଉତ୍କଳ ରିଲିଫ୍ କମିଟିର ସେ ସଭାପତି ଥିଲେ। ୧୯୯୮ ମସିହା ଫେବୃଆରୀ ୧୨ ତାରିଖ ଅଗ୍ନିପୂର୍ଣ୍ଣିମା ରାତି ୧ଟା ବେଳେ ତାଙ୍କର ସୁଦୀର୍ଘ କର୍ମମୟ ଜୀବନର ପରିସମାପ୍ତି ଘଟିଥିଲା। ସମାଜ ପରିସର ତାଙ୍କର ବ୍ୟକ୍ତିତ୍ୱର ସୁରଭିତ ସଂସ୍ପର୍ଶରେ ଏକ ମନ୍ଦିରାଙ୍ଗନରେ ପରିଣତ ହୋଇଥିଲା। ତାଙ୍କ ସାହିତ୍ୟ କୃତି ଉଲ୍ଲେଖଯୋଗ୍ୟ। 'ମୋ ଜେଲ ସ୍ମୃତି ଲିପି' ତାଙ୍କର ପ୍ରସିଦ୍ଧ କୃତି। ସାହିତ୍ୟ ଏକାଡ଼େମୀ, ସମେତ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ଡ.ରାଧାନାଥ ରଥ ୧୮୯୬ ଡିସେମ୍ବର ୬ ଆଜିର ଦିନ ଆଠଗଡ଼ର ରାଧାନାଥପୁର ଶାସନରେ ଜନ୍ମ ଗ୍ରହଣ କରିଥିଲେ। ମାନବ ଚିତ୍ତ ଦୌର୍ବଲ୍ୟର ସସୀମ ପରିଧିର ପଙ୍କିଳ ଆବେଷ୍ଟନୀ ମଧ୍ୟରୁ ନିଜର ସଂକଳ୍ପ ଓ ସାଧନାଦ୍ୱାରା ମଣିଷ ଯେ ନିଜକୁ ଉଦ୍ଧାରକରିବାକୁ ସାମର୍ଥ୍ୟ ଲାଭ କରିପାରେ ପଦ୍ମଭୂଷଣ ରାଧାନାଥ ଏହାର ଅନ୍ୟତମ ଦୃଷ୍ଟାନ୍ତ।

ପ୍ରତିରତ୍ନିକ ଓ ପ୍ରଫେସର
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ମୋ: ୯୪୩୭୦୫୧୯୫୭

# ବାବାସାହେବ ଭୀମରାଓ ଆମ୍ବେଦକର



## ଡକ୍ଟର ତପନ କୁମାର ପାଲ

୧୯୪୭ ମସିହା ଭାରତ ସ୍ୱାଧୀନ ହେଲା । ତାପରେ କଥା ପଡ଼ିଲା ଦେଶ ଚାଲିବ କେମିତି, ଏହାକୁ ଚଳାଇବ କିଏ । ସେଥିପାଇଁ କିଛି ନୀତି ନିୟମ ଓ ଆଇନ କାନୁନ୍‌ର ଆବଶ୍ୟକ ପଡ଼ିଲା । ଫଳରେ ତିଆରି ହେଲା ଆମର ସମ୍ବିଧାନ ଯାହାକି ବିଶ୍ୱର ସର୍ବବୃହତ୍ ସମ୍ବିଧାନର ମାନ୍ୟତା ପାଇଛି । ସମ୍ବିଧାନ ଚିଠା ପ୍ରସ୍ତୁତି ପାଇଁ ଗଠନ ହେଲା ସମ୍ବିଧାନ ସଭା । ମାତ୍ର ଜାଣିଛ କି ପିଲାଏ ଏହି ସମ୍ବିଧାନର ପ୍ରକୃତ ପ୍ରଣେତା କିଏ ? ସମ୍ବିଧାନ ପ୍ରଣେତା ହେଉଛନ୍ତି ବାବା ସାହେବ ଭୀମରାଓ ଆମ୍ବେଦକର । ସେନା ସୁବେଦାର ମେଜର୍ ରାମ୍‌ଜୀ ମାଲୋଜୀ ସକ୍‌ପାଲ ଓ ଭୀମାବାଈଙ୍କ ୧୪ତମ ସନ୍ତାନ ଭୀମରାଓ । ତାଙ୍କର ଜନ୍ମ ମହାରାଷ୍ଟ୍ରର ରତ୍ନଗିରି ଜିଲ୍ଲାର ଆମ୍ବାଭାଦେକର ଗ୍ରାମରେ ୧୮୯୧ ମସିହା ଏପ୍ରିଲ ୧୪ ତାରିଖରେ । ପିଲାଦିନୁ ଅତ୍ୟନ୍ତ ମେଧାବୀ ଥିବା ଭୀମରାଓ ପରବର୍ତ୍ତୀ ସମୟରେ ସାହାସୀ, ଧୈର୍ଯ୍ୟବାନ, ନିଷ୍ଠାବାନର ପରିଚୟ ଦେଇଥିଲେ । ମୁମ୍ବାଇର ଏଲ୍‌ଫିନ୍‌ଷ୍ଟୋନ୍ କଲେଜରୁ ଏଫ୍‌ଏ ପାସ୍ ପରେ ଉଚ୍ଚଶିକ୍ଷା ପାଇଁ ଯାଇଥିଲେ ଯୁକ୍ତରାଷ୍ଟ୍ର ଆମେରିକାର କଲମ୍ବିଆ ବିଶ୍ୱବିଦ୍ୟାଳୟ । ସେଠାରୁ ଏମ୍‌ଏ ଡିଗ୍ରୀ ପରେ ପିଏଚ୍‌ଡ଼ି ମଧ୍ୟ କରିଥିଲେ । ତା ପରେ ସେ ପରିଚିତ ହେଲେ ଡକ୍ଟର ଆମ୍ବେଦକର ଭାବରେ । ତଥାପି ସନ୍ତୁଷ୍ଟ ହୋଇନଥିଲେ ଜ୍ଞାନୀ ଭୀମରାଓ । ବିଲାତ ଯାଇ ସେଠାରୁ ଆଇନ, ଅର୍ଥଶାସ୍ତ୍ର ଓ ରାଜନୀତି ବିଜ୍ଞାନରେ ଡିଗ୍ରୀ ହାସଲ କଲେ । ସ୍ୱଦେଶ ଫେରିବା ପରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନର ସହ ଅସ୍ପୃଶ୍ୟତା ଓ ଜାତିଭେଦ ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଲେ ଆମ୍ବେଦକର । ସ୍ନେହରେ ତାଙ୍କୁ ଡାକୁଥିଲେ ସମସ୍ତେ ବାବାସାହେବ । ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ, ଆଇନ ବିଶାରଦ ଆମ୍ବେଦକର ହୋଇଥିଲେ ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଏବଂ ସମ୍ବିଧାନ ଚିଠା କମିଟିର ଥିଲେ ଅଧ୍ୟକ୍ଷ । ସମ୍ବିଧାନରେ ଦଳିତବର୍ଗଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଆବଶ୍ୟକ ଧ୍ୟାନ ଦେଇଥିଲେ ସେ । ଶେଷରେ ୧୯୪୯ ମସିହା ନଭେମ୍ବର ୧ ତାରିଖରେ ଚିଠା ସମ୍ବିଧାନ ସରକାରଙ୍କ ସ୍ୱୀକୃତି ଲାଭ କଲା । ହିନ୍ଦୁ ଜାତିପ୍ରଥାରେ ଅତିଷ୍ଠ ହୋଇ ସେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ଜାଣିଛ ପିଲାଏ ସେ ବହି ପଢ଼ିବାକୁ ଏତେ ଭଲ ପାଉଥିଲେ ଯେ ଥରେ ନ୍ୟୁୟର୍କ ଯାଇଥିବାବେଳେ ଏକାଥରକେ ୨୦୦୦ ବହି କିଣି ପକାଇଥିଲେ । ୧୯୫୬ ଡିସେମ୍ବର ୬ ତାରିଖରେ ଦେହତ୍ୟାଗ କରିଥିବା ଏହି ମହାନ୍ ବ୍ୟକ୍ତିତ୍ୱ ଶିକ୍ଷା ଦେଇ ଯାଇଛନ୍ତି କିଭଳି ନିଜର ବୁଦ୍ଧିମତ୍ତା ସହ ନିଷ୍ଠା, କଠୋର ପରିଶ୍ରମ ଓ ସଚ୍ଚୋଟତା ଜଣକୁ ଶୀର୍ଷକୁ ଉଠିବାରେ ସାହାଯ୍ୟ କରେ ।

+ଏସବିଆଇ, ଷ୍ଟାଫ କଲୋନୀ,
ଦେଉଳ ସାହି, ତୁଳସୀପୁର, କଟକ

# ବାଟ ଓଷାର ପନ୍ଥେଇ ପୂଜା



## ଅଜୟ କୁମାର ବେହେରା

ବାଟ ଓଷା ବା ଦାଣ୍ଡ ପହଁରା ଓଷା ପୌଷମାସ କୃଷ୍ଣ ଦ୍ୱିତୀୟା ତିଥିରେ ପାଳନ କରାଯାଏ। ଏହି ଓଷା ଯମରାଜଙ୍କ ଉଦ୍ଦେଶ୍ୟରେ ପାଳନ କରାଯାଏ। ପ୍ରତ୍ୟେକ ମା'ମାନେ ନିଜ ପୁତ୍ରମାନଙ୍କ ଦୀର୍ଘାୟୁ ହେବା ନିମନ୍ତେ ରାତିରେ ଉପବାସ ରହି ବଜ୍ରମୂଳି ଗଛରେ ଦାଣ୍ଡ ପହଁରି ନିଜ ନିଜର ପୁତ୍ରମାନଙ୍କୁ ଝାଡ଼ି ଥାନ୍ତି। ଇନ୍ଦ୍ରଙ୍କର ଅମୋଘ ଅସ୍ତ୍ର ହେଉଛି ବଜ୍ର। ସେଥିପାଇଁ ପ୍ରବାଦ ଅଛି ମାତାମାନେ ନିଜ ସନ୍ତାନର ଦୀର୍ଘଜୀବନ କାମନା କରି ଓଷା ମଣ୍ଡପର ଚତୁପାର୍ଶ୍ୱକୁ ବଜ୍ରମୂଳିରେ ପହଁରିବା ପରେ ସେଥିରେ ସନ୍ତାନମାନଙ୍କୁ ଝାଡ଼ିଥାନ୍ତି। ପୌରାଣିକ ମତେ ମୃତ୍ୟୁର ଦେବତା ଯମ ଅତ୍ୟନ୍ତ କଠୋର ଓ ମର୍ମନ୍ତୁଦ। ସେ ପ୍ରାଣୀର କର୍ମ ଅନୁସାରେ ମୃତ୍ୟୁ ପରେ ଦଣ୍ଡବିଧାନ କରନ୍ତି। ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ନୂଆ ଧାନ କୁଟି ମଣ୍ଡାପିଠା, ମୁଢ଼ି, ଖଇ, ମୁଆଁ, ଚୁଡ଼ା, କଦଳୀ, ମୂଳା, ଆଖୁ, କରମଙ୍ଗା, କନ୍ଦମୂଳ, ତୁଷ ଓ କୁଣ୍ଡା ଆଦି ନୈବେଦ୍ୟ ଭୋଗ କରାଯାଏ। ଗାଁ ଦାଣ୍ଡ ବା ବନସ୍ତରେ ଗାତ ଖୋଳାଯାଇ, ଗୋଟିଏ ପାତ୍ରରେ ସିନ୍ଦୂରରେ ଯମଙ୍କ ପ୍ରତିମା ସ୍ଥାପନ ପୂର୍ବକ ମାତାମାନେ ଚାରିପଟେ ଚାଙ୍ଗୁଡ଼ା ଧରି, ବଜ୍ରମୂଳି ଉପରେ ରଖି କପଡ଼ା ଢ଼ାଙ୍କି ବସନ୍ତି ଏବଂ ଯମ ଦେବତାଙ୍କୁ ଷୋଡ଼ଶୋପଚାରରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରନ୍ତି। ତାହା ପରେ ମାତାମାନେ ନିଜ ସନ୍ତାନମାନଙ୍କର ଦୀର୍ଘଜୀବନ କାମନା କରି ଯମଙ୍କୁ ସ୍ମରଣ କରିଥାନ୍ତି।

ପୌରାଣିକ କଥାବସ୍ତୁ ଅନୁଯାୟୀ କୋଶଳ ଦେଶର ରାଜା ସୁଦର୍ଶନ ଓ ରାଣୀ ଲୀଳାବତି, ଦୁହେଁ ପରୋପକାରୀ ଓ ପ୍ରଜାବତ୍ସଳ ହୋଇଥିଲେ ମଧ୍ୟ ପୁତ୍ରସନ୍ତାନ ନଥିବାରୁ ମନସ୍ତାପ କରିଥିଲେ। ବିଜ୍ଞ ବ୍ରାହ୍ମଣ, ଜ୍ୟୋତିଷ ଦାଣ୍ଡ ପହଁରା ବା ବାଟ ଓଷା କରିବା ଦ୍ୱାରା ଯମଙ୍କୁ ସନ୍ତୁଷ୍ଟ କଲେ ପୁତ୍ରପ୍ରାପ୍ତି ହେବେ ବୋଲି ପରାମର୍ଶ ଦେଇଥିଲେ। ଓଷା କରିଥିବା ରାଜ୍ୟର ଗୃହିଣୀମାନଙ୍କ ଠାରୁ ପ୍ରସାଦ ପାଇ ରାଣୀ ଗର୍ଭବତୀ ହେବା ସହ ଉତ୍ତମ ପୁତ୍ରପ୍ରାପ୍ତ କରିଥିଲେ। ଯାହାର ନାମ ବୀରସେନ। କିନ୍ତୁ ପୁତ୍ରପ୍ରାପ୍ତି ପରେ ରାଣୀ ଆଉ ଯଦମଦେବତାଙ୍କ ବାଟ ଓଷା ନକରିବା ଯୋଗୁଁ ଯମ ବୀରସେନଙ୍କୁ ଅପହରଣ କରି ନେଇଗଲେ ଏବଂ ନିଜର ମାତାଙ୍କୁ ମାରି ରୋଷେଇ କରି ଖାଇବାକୁ ଦେବା ପାଇଁ କହିଥିଲେ। ତତ୍‌ପରେ ଯମ ସ୍ନାନ କରିବାକୁ ଚାଲିଗଲେ। ଇତ୍ୟବସରରେ ବୀରସେନଙ୍କ ନାକରେ ଦୁଇଖଣ୍ଡ କାଠି ପୂରାଇ ପୂଜା ସମୟରେ ଛିଙ୍କିବା ପାଇଁ ଯମଙ୍କ ମାତା ଶିଖାଇ ଦେଲେ। ବୀରସେନ ଯମମାତାଙ୍କ କହିବା ଅନୁସାରେ ନାକରେ କାଠି ପୁରାଇ ଛିଙ୍କିଥିଲେ। ଏହି ସମୟରେ ଯମମାତା ଅଛମର ହୁଅ ବୋଲି କହିଥିଲେ। ଯାହା ଫଳରେ ଯମଦେବ ବୀରସେନଙ୍କୁ ନମାରି ବାଟ ଓଷା ନକଲେ ପୁନର୍ବାର ନେଇ ଯିବେ ବୋଲି ବୀରସେନଙ୍କ ମାତାଙ୍କୁ କହି ଘରେ ଛାଡ଼ି ଦେଇଗଲେ। ପରିବାରବର୍ଗ ବୀରସେନଙ୍କୁ ଯାଇ ଅତ୍ୟନ୍ତ ଖୁସି ହୋଇଥିଲେ ମଧ୍ୟ କାହିଁକି ରୁଷି ଥିଲେ ବୋଲି ପଚାରିବାରୁ ଉତ୍ତରରେ କହିଲେ, ତୁମେ ଯମଦେବଙ୍କ ବାଟ ଓଷାକୁ ଭୁଲି ଯାଇଥିବାରୁ ମୋତେ ଧରି ନେଇଥିଲେ ବୋଲି କହିଥିଲେ। ଶେଷରେ ରାଜଗୃହରେ ମାତା କୌଶଲ୍ୟା ଯମଦେବଙ୍କ ବାଟ ଓଷା କରି ଦାଣ୍ଡ ପହଁରି ପୁତ୍ରର ଦୀର୍ଘ ଜୀବନ କାମନା କରିଥିଲେ। ଏହି ପୂଜାର ନିୟମ ସବୁ ପ୍ରସାଦ ପୂଜା ମଣ୍ଡପକୁ ନେବେ ଏବଂ ଘରେ ଲୋଭବଶତଃ ପୂଜାଦ୍ରବ୍ୟ ରଖିଲେ ଯମ ଅସନ୍ତୋଷ ହୋଇଥାନ୍ତି। ପୂଜା ଅନ୍ତେ ସମସ୍ତ ପ୍ରସାଦକୁ ବାଳକ, ବୃଦ୍ଧ ଓ ପରିବାରବର୍ଗଙ୍କ ମଧ୍ୟରେ ବାଣ୍ଟିଦେବା ବିଧେୟ।

ବରେଣ୍ୟ ବାଣୀ' ପିସି ସରକାର
ଲେନ୍, ଅରୁଣୋଦୟ ମାର୍କେଟ୍,
କଟକ,
ମୋ : ୯୪୩୭୦୩୧୨୫୩

# ବାୟୁ ପ୍ରଦୁଷଣ ଏବେ ଜାତୀୟ ସଂକଟ



## ସୌଭାଗ୍ୟ ରଞ୍ଜନ ମହାନ୍ତି

ଦେଶରେ ବାୟୁ ପ୍ରଦୁଷଣ ଏବେ ଆଉ କେବଳ ଜାତୀୟ ରାଜଧାନୀ ଦିଲ୍ଲୀର ଏବଂ ଶୀତକାଳୀନ ସମସ୍ୟା ହୋଇ ରହିନାହିଁ ବୋଲି ସେଂଟର ଫର ରିସର୍ଚ୍ଚ ଅନ ଏନର୍ଜି ଆଣ୍ଡ କ୍ଲିନ ଏୟାର ପକ୍ଷରୁ ହୋଇଥିବା ଏକ ସାଟେଲାଇଟ୍ ଭିତିକ ମୂଲ୍ୟାୟନ ରିପୋର୍ଟରେ କୁହାଯାଇଛି। ଏହି ରିପୋର୍ଟ ଅନୁଯାୟୀ ଦେଶର ୬୦ପ୍ରତିଶତ ଅଂଚଳ ତଥା ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୭୪୯ଟି ଜିଲ୍ଲା ମଧ୍ୟରୁ ପ୍ରାୟ ୪୪୭ଟି ଜିଲ୍ଲାରେ ବାୟୁର ଗୁଣବତା ମାନକ ଜାତୀୟ ବାର୍ଷିକ ମାନକ ୨.୫ ସ୍ତର ଅତିକ୍ରମ କରିଛି। ତେବେ ସବୁଠୁ ଚିନ୍ତାଜନକ ପ୍ରସଙ୍ଗ ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ଗାଇଡଲାଇନକୁ ଦେଶର କୌଣସି ଗୋଟିଏ ହେଲେ କାର୍ଯ୍ୟକାରୀ କରିନାହାଁନ୍ତି। ସେହିପରି ବାୟୁ ପ୍ରଦୁଷଣ ସମସ୍ୟା ଏବେ ଆଉ କେବଳ ଶୀତଦିନିଆ ସମସ୍ୟା ହୋଇରହିନାହିଁ। କେବଳ ବର୍ଷାଦିନ ତଥା ମୌସୁମୀ ଋତୁକୁ ଛାଡିଦେଲେ ଏହା ଏବେ ଦେଶ ପାଇଁ ଏକ ବାର୍ଷିକ ସମସ୍ୟା ଭାବେ ଉଭା ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ତ୍ରିପୁରା, ପଂଜାମ, ହରିଆନା, ହିମାଚଳପ୍ରଦେଶ, ମେଘାଳୟ ଏବଂ କେନ୍ଦ୍ରଶାସିତ ଅଂଚଳ ଚଣ୍ଡିଗଡରେ କେବଳ ବର୍ଷା ଋତୁ ବ୍ୟତୀତ ଅନ୍ୟ ସମସ୍ତ ଋତୁରେ ଶତପ୍ରତିଶତ ସ୍ତରରେ ବାୟୁ ପ୍ରଦୁଷଣ ରହିଛି। ତେବେ ଦେଶର ସର୍ବୋଚ୍ଚ ୫୦ଟି ପ୍ରଦୁଷିତ ଜିଲ୍ଲା ୪ଟି ଉତରାଂଚଳ ଓ ପୂର୍ବାଂଚଳ ରାଜ୍ୟ ତଥା ଦିଲ୍ଲୀ, ଆସାମ, ହରିଆନା ଏବଂ ବିହାରରେ ରହିଛି। ଆଶ୍ଚର୍ଯ୍ୟଜନକ ଭାବେ ଲୋକପ୍ରିୟ ସ୍ଥାନଗୁଡିକରେ ରାଜ୍ୟସ୍ତରର ପିଏମ୨.୫ ଅପ୍ରକାଶିତ ରହିଛି। ଉଦାହରଣ ସ୍ୱରୁପ ନ୍ୟାଶନାଲ ଆମ୍ବିଏଂଟ ଏୟାରକ୍ୱାଲିଟ୍ (ଏନଏକ୍ୟୁ) ମାନଦଣ୍ଡ ତଳେ ମହାରାଷ୍ଟ୍ରର ପ୍ରଦୁଷଣ ସ୍ତର ପିଏମ ୨୫ ତଳେ ଥିବାବେଳେ ୧୪ଟି ଜିଲ୍ଲାର ସ୍ତର ଏନଏକ୍ୟୁ ମାନଦଣ୍ଡ ଉପରେ ରହିଛି। ଏହି ପରିସ୍ଥିତି ଋତୁଭିତିକ ବୃଦ୍ଧି ନୁହେଁ କିନ୍ତୁ ସବୁଦିନିଆ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପଂଜାବ, ହରିଆନା, ସମେତ କେତେକ ଉତର ଭାରତୀୟ ରାଜ୍ୟରେ ବ୍ୟାପକ ନଡାମୂଳ ପୋଡି ଏବଂ ଦୀପାବଳୀ ଉତ୍ସବରେ ଅତ୍ୟଧିକ ମାତ୍ରାରେ ବାଣଫୁଟା ଯୋଗୁଁ ଶୀତଦିନରେ ବାୟୁ ପ୍ରଦୁଷଣର ମୁଖ୍ୟ କାରଣ ବୋଲି କୁହାଯାଇଥାଏ। ନିକଟରେ ଦିଲ୍ଲୀର ବାୟୁ-ପ୍ରଦୁଷଣ ନେଇ ଏକ ପିଟିସନର ଶୁଣାଣୀ କରିବାବେଳେ ନଡାମୂଳ ପୋଡି ଓ ବାଟଫୁଟାକୁ ବାୟୁ ପ୍ରଦୁଷଣର ମୁଖ୍ୟ କାରଣ ଥିବା କୁହାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବିଶେଷ କରି ଇଟା ଭାଟି, ଶିଳ୍ପ, ଡିଜେଲ ଜେନେରେଟର, ନଡାମୂଳ, ଘରୋଇ ଜାଳେଣି, ତାପଜ ବିଦ୍ୟୁତ କେନ୍ଦ୍ର, ଆଖିବୁଜା ନିର୍ମାଣ, ଆବର୍ଜନା ପୋଡି, ବ୍ୟାପକ ଭାବେ ଡିଜେଲ ଓ ପେଟ୍ରୋଲ ଯାନ ବାହାନ ଚଳାଚଳରୁ ନିର୍ଗତ ଧୂଆଁ ବାୟୁପ୍ରଦୁଷଣର କାରଣ ପାଲଟିଛି। ଦିଲ୍ଲୀରେ ଏହାର ସ୍ଥାୟୀ ମୁକାବିଲା ବର୍ତମାନ ସୁଦ୍ଧା ଅବଲମ୍ବନ କରାଯାଇନଥିବା ବେଳେ ସାମୟିକ ଯାନବାହାନ ଚଳାଚଳ ଉପରେ କଟକଣା, ନିର୍ମାଣ ଉପରେ କଟକଣା ଲାଗୁ ହେଉଛି। ବାୟୁ ପ୍ରଦୁଷଣ ଦିଲ୍ଲୀରେ କେବଳ ସ୍ୱାସ୍ଥ୍ୟ ଉପରେ ପକାଇ ନାହିଁ, ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବିଶେଷ କରି ପିଲାଙ୍କ ପାଠପଢା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଲମ୍ବା ସମୟ ସ୍କୁଲ ଛୁଟି ଏବଂ ସ୍କୁଲ ସମୟ କାଟ୍‌ଛାଟ୍ ଏବେ ଏକ ନୟମିତ ଘଟଣାରେ ପରିଣତ ହୋଇଛି। ଦିଲ୍ଲୀର ପିଲାଙ୍କ ପାଇଁ ସ୍ୱଚ୍ଛ ବାୟୁ ଦୁସ୍ୱପ୍ନ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହୋଇନପାରେ। ଶୁଦ୍ଧ ବାୟୁ ପାଇଁ କୃତ୍ରିମ ଅମ୍ଳଜାନ ସିଲିଣ୍ଡର ଏବେ ଜନସାଧାରଣଙ୍କ ଜୀବନ ରକ୍ଷକ ହୋଇଥିବା କୁହାଯାଏ। ଏହା ନିସନ୍ଦେହ ଯେ, ବାୟୁ ପ୍ରଦୁଷଣ ଯକ୍ଷ୍ମା, ଶ୍ୱାସ, ହୃଦଘାତ, ଫୁସ୍‌ଫୁସ୍ ସଂକ୍ରମଣ ଆଦି ରୋଗର ବାହକ ହୋଇଥିବାବେଳେ ବାର୍ଷିକ ୧.୫ ମିଲିଅନ ଲୋକଙ୍କର ଜୀବନ ଯାଉଥିବା ନେଇ ଦି ଲାନସେଟ୍ ପ୍ଲାନେଟାରୀ ପତ୍ରିକାରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ଆମ ରାଜ୍ୟରେ ବାୟୁ ପ୍ରଦୁଷଣ ମଧ୍ୟ କିଛି କମ୍ ନୁହେଁ। ଦେଶର ୧୦ଟି ସର୍ବାଧିକ ସହର ମଧ୍ୟରେ ଅନୁଗୁଳର ସ୍ଥାନର ଷଷ୍ଠ ସ୍ଥାନରେ ରହିଛି। ସେହିପରି ରାଜଧାନୀ ଭୁବନେଶ୍ୱରର ବହୁ ଅଂଚଳ ମଧ୍ୟ 'ହୁ'ର ମାନଦଣ୍ଡ ଅତିକ୍ରମ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଏହା ନିସନ୍ଦେହ ଯେ, ବାୟୁ ପ୍ରଦୁଷଣ ଏବେ ଏକ ଜାତୀୟ ସଂକଟରେ ପରିଣତ ହୋଇଛି। ବାୟୁ ପ୍ରଦୁଷଣର ସ୍ଥାୟୀ ପ୍ରତିକାର କରାନଗଲେ, ଭବିଷ୍ୟତରେ ଆମକୁ ସ୍ୱଚ୍ଛବାୟୁ ପାଇଁ ସଂଗ୍ରାମ କରିବାକୁ ହେବ।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ
ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୭୯୭୮୬୬୭୪୦୩

# ରିଜର୍ଭ ବ୍ୟାଙ୍କର ରେପୋ ରେଟ୍ ହ୍ରାସ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ମୁଦ୍ରାନୀତି କମିଟି (ଏମପିସି) ଆଜି ଡିସେମ୍ବର ୫, ୨୦୨୫ ରେ ନିଜର ଦ୍ୱି-ମାସିକ ବୈଠକ ଶେଷ କରି ଯେଉଁ ନିଷ୍ପତ୍ତି ଘୋଷଣା କରିଛି, ତାହା ଭାରତୀୟ ଅର୍ଥନୀତିର ବର୍ତ୍ତମାନର ସ୍ଥିତି ଏବଂ ଭବିଷ୍ୟତର ଗତିପଥ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱରେ ଗଠିତ କମିଟି ସର୍ବସମ୍ମତି କ୍ରମେ ରେପୋ ରେଟ୍ ବା ମାନକ ସୁଧ ହାରକୁ ୨୫ ବେସିସ୍ ପଏଣ୍ଟ ହ୍ରାସ କରି ୫.୨୫ ପ୍ରତିଶତକୁ ଖସାଇ ଦେଇଛନ୍ତି । ଚଳିତ ବର୍ଷ ଆରମ୍ଭରୁ ଏହା ହେଉଛି କ୍ରମାଗତ ଚତୁର୍ଥ ଥର ପାଇଁ ସୁଧ ହାର ହ୍ରାସ, ଯାହା ଫଳରେ ମୋଟ ଉପରେ ୨୦୨୫ ବର୍ଷରେ ସୁଧ ହାର ୧.୨୫ ପ୍ରତିଶତ କମିଛି । ଏହି ନିଷ୍ପତ୍ତି କେବଳ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ପାଇଁ ନୁହେଁ, ବରଂ ସାଧାରଣ ଜନତା, ଉଦ୍ୟୋଗ ଜଗତ ଏବଂ ସମଗ୍ର ଅର୍ଥନୀତି ପାଇଁ ଏକ ବଡ଼ ଆଶ୍ୱସ୍ତିର ବିଷୟ । ଏହି ସମ୍ପାଦକୀୟରେ ଆମେ ଏହି ନିଷ୍ପତ୍ତିର କାରଣ, ଏହାର ସମ୍ଭାବ୍ୟ ପ୍ରଭାବ ଏବଂ ବର୍ତ୍ତମାନର ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତି ପରିପ୍ରେକ୍ଷୀରେ ଏହାର ଯଥାର୍ଥତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ।

ପ୍ରଥମେ ଏହି ନିଷ୍ପତ୍ତିର ପୃଷ୍ଠଭୂମି ଏବଂ କାରଣଗୁଡ଼ିକୁ ଅନୁଧ୍ୟାନ କରାଯାଉ । କୌଣସି ମୁଦ୍ରାନୀତିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ସହିତ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା । ବର୍ତ୍ତମାନର ପରିସ୍ଥିତି ଏହି ଦୁଇଟି ଦିଗରୁ ଭାରତ ପାଇଁ ଏକ ବିରଳ 'ଗୋଲ୍ଡିଲକ୍ସ' (Goldilocks) ସ୍ଥିତି ସୃଷ୍ଟି କରିଛି, ଯେଉଁଠାରେ ଅଭିବୃଦ୍ଧି ହାର ଉଚ୍ଚ ରହିଛି ଏବଂ ଦରଦାମ୍ ଅତି ନିମ୍ନ ସ୍ତରରେ ଅଛି । ସରକାରୀ ତଥ୍ୟ ଅନୁଯାୟୀ, ଅକ୍ଟୋବର ୨୦୨୫ ମାସରେ ମୁଦ୍ରାସ୍ଫୀତି ଐତିହାସିକ ନିମ୍ନ ସ୍ତର ୦.୨୫ ପ୍ରତିଶତକୁ ଖସି ଆସିଛି । ଆରବିଆଇର ଲକ୍ଷ୍ୟ ହେଉଛି ମୁଦ୍ରାସ୍ଫୀତିକୁ ୪ ପ୍ରତିଶତ ପାଖାପାଖି ରଖିବା, କିନ୍ତୁ ବର୍ତ୍ତମାନର ହାର କେନ୍ଦ୍ରୀୟ ବ୍ୟାଙ୍କର ୨ ପ୍ରତିଶତର ନିମ୍ନ ସୀମାଠାରୁ ମଧ୍ୟ ଯଥେଷ୍ଟ କମ୍ ରହିଛି । ଯେତେବେଳେ ମୁଦ୍ରାସ୍ଫୀତି ଏତେ କମ୍ ଥାଏ, ସେତେବେଳେ ଉଚ୍ଚ ସୁଧ ହାର ବଜାୟ ରଖିବା ଅର୍ଥନୀତି ପାଇଁ କ୍ଷତିକାରକ ହୋଇପାରେ, କାରଣ ଏହା 'ପ୍ରକୃତ ସୁଧ ହାର' (Real Interest Rate) କୁ ଅତ୍ୟଧିକ ବଢ଼ାଇ ଦେଇଥାଏ। ତେଣୁ, ଆରବିଆଇ ପାଇଁ ସୁଧ ହାର କମାଇବା ଏକ ସ୍ୱାଭାବିକ ଏବଂ ଜରୁରୀ ପଦକ୍ଷେପ ଥିଲା ।

ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଦେଶର ଅର୍ଥନୈତିକ ଅଭିବୃଦ୍ଧି ବା ଜିଡିପି (GDP) । ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ (ଜୁଲାଇ-ସେପ୍ଟେମ୍ବର) ଭାରତର ରିଅଲ ଜିଡିପି ଅଭିବୃଦ୍ଧି ହାର ୮.୨ ପ୍ରତିଶତ ରହିଛି । ଏହି ଦୃଢ଼ ଅଭିବୃଦ୍ଧି ସତ୍ତ୍ୱେ, ଆରବିଆଇ ଅନୁଭବ କରିଛି ଯେ ଭବିଷ୍ୟତରେ ବିଶ୍ୱସ୍ତରୀୟ ଅନିଶ୍ଚିତତା ଏବଂ ରପ୍ତାନି ଉପରେ ଚାପ ଯୋଗୁଁ ଅଭିବୃଦ୍ଧିର ଗତି ସାମାନ୍ୟ ମନ୍ଥର ହୋଇପାରେ । ତେଣୁ, ଅଭିବୃଦ୍ଧିର ଏହି ଗତିକୁ ବଜାୟ ରଖିବା ପାଇଁ ଏବଂ ଘରୋଇ ଚାହିଦାକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ସୁଧ ହାର କମାଇବା ଏକ ରଣନୀତିକ ଆବଶ୍ୟକତା ଥିଲା । ଆରବିଆଇ ନିଜର ଅଭିବୃଦ୍ଧି ପୂର୍ବାନୁମାନକୁ ମଧ୍ୟ ୬.୮ ପ୍ରତିଶତରୁ ବୃଦ୍ଧି କରି ୭.୩ ପ୍ରତିଶତ କରିଛି ।

ଏହି ନିଷ୍ପତ୍ତିର ପ୍ରଭାବ ସାଧାରଣ ଜନତାଙ୍କ ଉପରେ ସିଧାସଳଖ ପଡ଼ିବ । ରେପୋ ରେଟ୍ କମିବା ଫଳରେ ବ୍ୟାଙ୍କଗୁଡ଼ିକ ସେମାନଙ୍କର ଋଣ ଉପରେ ସୁଧ ହାର କମାଇବେ । ଯେଉଁମାନେ ଗୃହ ଋଣ (Home Loan), ଗାଡ଼ି ଋଣ କିମ୍ବା ବ୍ୟକ୍ତିଗତ ଋଣ ନେଇଛନ୍ତି, ସେମାନଙ୍କର ମାସିକ କିସ୍ତି (EMI) କମିବାର ସମ୍ଭାବନା ରହିଛି । ଏହା ଯୋଗୁଁ ମଧ୍ୟବିତ୍ତ ପରିବାର ହାତରେ ଅଧିକ ଖର୍ଚ୍ଚ କରିବା ପାଇଁ ଅର୍ଥ ବଳିବ । ଏହାଦ୍ୱାରା ବଜାରରେ ଚାହିଦା ବୃଦ୍ଧି ପାଇବ, ଯାହା ପରୋକ୍ଷରେ ଉତ୍ପାଦନ ଏବଂ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ । ବିଶେଷକରି ଗୃହ ନିର୍ମାଣ କ୍ଷେତ୍ର, ଯାହା ସୁଧ ହାର ଉପରେ ଅଧିକ ନିର୍ଭରଶୀଳ, ସେଥିରେ ନୂତନ ଜୋଶ୍ ଆସିବ । ଶସ୍ତା ଋଣ ଯୋଗୁଁ ଅଧିକ ଲୋକ ଘର କିଣିବାକୁ ଆଗ୍ରହୀ ହେବେ, ଯାହା ସିମେଣ୍ଟ, ଷ୍ଟିଲ୍ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଶିଳ୍ପକୁ ଲାଭାନ୍ୱିତ କରିବ ।

ଉଦ୍ୟୋଗ ଜଗତ ପାଇଁ ମଧ୍ୟ ଏହା ଏକ ଶୁଭ ସଙ୍କେତ । କର୍ପୋରେଟ୍ କ୍ଷେତ୍ର ଏବଂ ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (MSME) ଗୁଡ଼ିକ ପାଇଁ ପୁଞ୍ଜି ସଂଗ୍ରହ ଶସ୍ତା ହେବ । କମ୍ ସୁଧରେ ଋଣ ମିଳିଲେ କମ୍ପାନୀଗୁଡ଼ିକ ନୂତନ ପ୍ରକଳ୍ପରେ ନିବେଶ କରିବାକୁ ଉତ୍ସାହିତ ହେବେ । ଭାରତରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ପାଇଁ ମଧ୍ୟ ଏହା ଲାଭଦାୟକ ହେବ । ଆରବିଆଇ ବଜାରରେ ନଗଦ ପ୍ରବାହ ବା ଲିକ୍ୱିଡିଟି ବଢ଼ାଇବା ପାଇଁ ୧ ଲକ୍ଷ କୋଟି ଟଙ୍କାର ବଣ୍ଡ କିଣିବା ଏବଂ ୫ ବିଲିୟନ ଡଲାରର ଫରେକ୍ସ ସ୍ୱାପ୍ (Forex Swap) ଘୋଷଣା କରିବା ମଧ୍ୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ପର୍ଯ୍ୟାପ୍ତ ଅର୍ଥ ଉପଲବ୍ଧ କରାଇବାରେ ସାହାଯ୍ୟ କରିବ । ତେବେ, ଏହି ନିଷ୍ପତ୍ତିର କିଛି ପ୍ରତିକୂଳ ପ୍ରଭାବ ମଧ୍ୟ ରହିପାରେ, ବିଶେଷକରି ସଞ୍ଚୟକାରୀଙ୍କ ପାଇଁ । ବ୍ୟାଙ୍କଗୁଡ଼ିକ ଋଣ ଉପରେ ସୁଧ କମାଇବା ସହିତ ଜମା ଖାତା (Fixed Deposit) ଉପରେ ମଧ୍ୟ ସୁଧ ହାର କମାଇପାରନ୍ତି । ଏହା ବରିଷ୍ଠ ନାଗରିକ ଏବଂ ପେନସନଭୋଗୀମାନଙ୍କ ଆୟ ଉପରେ ପ୍ରଭାବ ପକାଇପାରେ, ଯେଉଁମାନେ ମୁଖ୍ୟତଃ ବ୍ୟାଙ୍କ ସୁଧ ଉପରେ ନିର୍ଭର କରନ୍ତି । କିନ୍ତୁ ବର୍ତ୍ତମାନ ମୁଦ୍ରାସ୍ଫୀତି ଅତି କମ୍ ଥିବାରୁ, ସୁଧ ହାର କମିଲେ ମଧ୍ୟ ସଞ୍ଚୟକାରୀଙ୍କର 'ପ୍ରକୃତ ଆୟ' (Real Income) ସେତେଟା ପ୍ରଭାବିତ ହେବ ନାହିଁ ବୋଲି ଆଶା କରାଯାଏ । ଅନ୍ୟ ଏକ ଚିନ୍ତାର ବିଷୟ ହେଉଛି ମୁଦ୍ରା ବିନିମୟ ମୂଲ୍ୟ । ସୁଧ ହାର କମିଲେ ବିଦେଶୀ ନିବେଶକମାନେ ଭାରତରୁ ପୁଞ୍ଜି ପ୍ରତ୍ୟାହାର କରିପାରନ୍ତି, ଯାହା ଟଙ୍କାର ମୂଲ୍ୟ ହ୍ରାସ କରିପାରେ । କିନ୍ତୁ ଆରବିଆଇ ଗଭର୍ଣ୍ଣର ସ୍ପଷ୍ଟ କରିଛନ୍ତି ଯେ ବୈଦେଶିକ ମୁଦ୍ରା ଭଣ୍ଡାର ପର୍ଯ୍ୟାପ୍ତ ରହିଛି ଏବଂ ଟଙ୍କାର ମୂଲ୍ୟ ସ୍ଥିର ରଖିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ପ୍ରସ୍ତୁତ ଅଛି ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଆଜିର ପରିସ୍ଥିତିରେ ଏହି ନିଷ୍ପତ୍ତି କେତେଦୂର ଯଥାର୍ଥ ? ବିଶ୍ଳେଷଣାତ୍ମକ ଦୃଷ୍ଟିକୋଣରୁ ଦେଖିଲେ, ଆରବିଆଇର ଏହି ପଦକ୍ଷେପ ସମ୍ପୂର୍ଣ୍ଣ ସମୟୋପଯୋଗୀ ଏବଂ ସନ୍ତୁଳିତ ଅଟେ । ୫.୨୫ ପ୍ରତିଶତ ରେପୋ ରେଟ୍ ଏବଂ ୦.୨୫ ପ୍ରତିଶତ ମୁଦ୍ରାସ୍ଫୀତିକୁ ବିଚାର କଲେ, ଏବେ ମଧ୍ୟ ପ୍ରକୃତ ସୁଧ ହାର ଯଥେଷ୍ଟ ଅଧିକ ରହିଛି । ତେବେ ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ସରକାରୀ ପରିସଂଖ୍ୟାନରେ ମୁଦ୍ରାସ୍ଫୀତି ନିମ୍ନ ସ୍ତରରେ ଥିବା ଦେଖାଯାଉଥିଲେ ମଧ୍ୟ ବାସ୍ତବ ଚିତ୍ର କିଛି ଭିନ୍ନ ହୋଇପାରେ । ଭାରତରେ ମୁଦ୍ରାସ୍ଫୀତି ଗଣନା ପାଇଁ ବ୍ୟବହୃତ ହେଉଥିବା 'ବେସ୍ ଇୟର' ବା ଆଧାର ବର୍ଷ ୨୦୧୧-୧୨ ମସିହାର ଅଟେ, ଯାହା ବର୍ତ୍ତମାନର ବଜାର ସ୍ଥିତି ଓ ଉପଭୋକ୍ତାଙ୍କ ବ୍ୟୟ ଶୈଳୀ ସହ ସମ୍ପୂର୍ଣ୍ଣ ମେଳ ଖାଉନାହିଁ । ବିଗତ ୧୪ ବର୍ଷ ମଧ୍ୟରେ ଲୋକମାନଙ୍କର ଖାଦ୍ୟପେୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଡିଜିଟାଲ ସେବା ପାଇଁ ଖର୍ଚ୍ଚ ଯଥେଷ୍ଟ ବଦଳିଛି, କିନ୍ତୁ ପୁରୁଣା ହିସାବ ପଦ୍ଧତି ଯୋଗୁଁ ପ୍ରକୃତ ଦରଦାମ୍ ବୃଦ୍ଧି ସରକାରୀ ତଥ୍ୟରେ ସଠିକ୍ ଭାବେ ପ୍ରତିଫଳିତ ହୋଇପାରୁ ନାହିଁ । ତେଣୁ କାଗଜପତ୍ରରେ ମୁଦ୍ରାସ୍ଫୀତି ୦.୨୫ ପ୍ରତିଶତ ଥିଲେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ବାସ୍ତବ ମୁଦ୍ରାସ୍ଫୀତି ଏହାଠାରୁ ଯଥେଷ୍ଟ ଅଧିକ ହୋଇପାରେ । ଏହି ଦୃଷ୍ଟିକୋଣରୁ ଦେଖିଲେ, ସୁଧ ହାର ହ୍ରାସ କରିବା ଦ୍ୱାରା ବଜାରରେ ଅର୍ଥ ପ୍ରବାହ ବଢ଼ିଲେ ଯଦିଓ ଅଭିବୃଦ୍ଧି ହେବ, କିନ୍ତୁ ଏହା ଭବିଷ୍ୟତରେ ଦରଦାମ୍ ଉପରେ ଅଦୃଶ୍ୟ ଚାପ ସୃଷ୍ଟି କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ।

ତଥାପି, ଆମେରିକାର ଫେଡେରାଲ ରିଜର୍ଭ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ୍ୟ ସୁଧ ହାର କମାଉଥିବା ବେଳେ, ଭାରତ ସେହି ଧାରାରୁ ବିଚ୍ୟୁତ ହୋଇପାରିବ ନାହିଁ । ଆରବିଆଇର 'ନ୍ୟୁଟ୍ରାଲ' ବା ନିରପେକ୍ଷ ଆଭିମୁଖ୍ୟ ବଜାୟ ରଖିବା ମଧ୍ୟ ଏକ ଚତୁର ନିଷ୍ପତ୍ତି । ଏହା କେନ୍ଦ୍ରୀୟ ବ୍ୟାଙ୍କକୁ ଭବିଷ୍ୟତର ପରିସ୍ଥିତି ଅନୁଯାୟୀ ନିଷ୍ପତ୍ତି ବଦଳାଇବାର ସ୍ୱାଧୀନତା ଦେଇଥାଏ । ଯଦି ହଠାତ୍ ତୈଳ ଦର ବୃଦ୍ଧି ପାଏ କିମ୍ବା ମୁଦ୍ରାସ୍ଫୀତି ବଢ଼େ, ତେବେ ଆରବିଆଇ ପୁଣିଥରେ କଠୋର ପଦକ୍ଷେପ ନେଇପାରିବ । କିନ୍ତୁ ବର୍ତ୍ତମାନ ପାଇଁ, ଅଭିବୃଦ୍ଧିକୁ ପ୍ରାଥମିକତା ଦେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମୁଦ୍ରାସ୍ଫୀତିର ପୂର୍ବାନୁମାନକୁ ୨ ପ୍ରତିଶତକୁ ହ୍ରାସ କରିବା ଦର୍ଶାଉଛି ଯେ ଆରବିଆଇ ଦରଦାମ୍ ନିୟନ୍ତ୍ରଣ ନେଇ ଆତ୍ମବିଶ୍ୱାସୀ ଅଛି । ଆରବିଆଇର ଏହି ସୁଧ ହାର ହ୍ରାସ ନିଷ୍ପତ୍ତି ଭାରତୀୟ ଅର୍ଥନୀତିର ଗତିଶୀଳତାକୁ ବଜାୟ ରଖିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହା ନିବେଶ, ଉପଭୋଗ ଏବଂ ଉତ୍ପାଦନ ଚକ୍ରକୁ ସୁଦୃଢ଼ କରିବ । ସରକାରଙ୍କ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଏବଂ ଆରବିଆଇର ସହଯୋଗୀ ମୁଦ୍ରାନୀତି ମିଳିତ ଭାବେ ଭାରତର ଅର୍ଥନୀତିକୁ ଆଗକୁ ନେବାରେ ସହାୟକ ହେବ । ତେବେ, ବ୍ୟାଙ୍କଗୁଡ଼ିକ ଏହି ସୁଧ ହାର ହ୍ରାସର ଲାଭ ଯେପରି ଗ୍ରାହକଙ୍କ ପାଖରେ ଶୀଘ୍ର ପହଞ୍ଚାଇବେ, ସେଥିପ୍ରତି ଧ୍ୟାନ ଦେବା ଜରୁରୀ ।

# ନ୍ୟାୟ ଅପେକ୍ଷାରେ ଠିକା କର୍ମଚାରୀ



## ବିଷ୍ଣୁ ପ୍ରସାଦ ଦାସ

ଭାରତରେ ନୂତନ ଶ୍ରମ ଆଇନ୍ ଭାରତ ସରକାର ନଭେମ୍ବର ୨୧ ତାରିଖ ୨୦୨୫ ମସିହାରେ ଲାଗୁ କରିଛନ୍ତି, ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହାର ସପକ୍ଷରେ ଏବଂ ବିପକ୍ଷରେ ଅନେକ ଆଲୋଚନା ସମାଲୋଚନା ଶୁଣିବାକୁ ମିଳୁଛି । ତେବେ କଥା ଉଠୁଛି ଯେ, ସରକାରଙ୍କ ଦ୍ୱାରା ପ୍ରଚଳିତ ହୋଇଥିବା ନୂତନ ଶ୍ରମ ନିୟମ ଶ୍ରମିକ /ଠିକା କର୍ମଚାରୀ ମାନଙ୍କ ପାଇଁ କେତେ ଆସ୍ୱସ୍ତି ଆଣିଦେବ ? କର୍ମ କ୍ଷେତ୍ରରେ ପ୍ରତିଦିନ ଶୋଷଣ, ବେତନରେ ଅସମାନତା, ଚାକିରିର ସ୍ଥିରତା ତଥା ଅବସର ପରେ ଭବିଷ୍ୟତର ସୁରକ୍ଷା ପାଇଁ ସରକାର କ'ଣ ନିୟମ ଆଣିଛନ୍ତି ? ପ୍ରକୃତରେ ନୂତନ ଶ୍ରମ ନିୟମକୁ ନିଯୁକ୍ତିଦାତା ମାନେ ପାଳନ କରିବେ କି ନାହିଁ ତା ଉପରେ କିଏ ଗ୍ୟାରେଣ୍ଟି ବା ନିର୍ଭରୋକ୍ତି ଦେବେ ? ଶେଷରେ ନିରୀହ ଶ୍ରମିକ / ଠିକା କର୍ମଚାରୀ ହତାଶ ହେବ ନାହିଁତ ? ଏପରି ଅନେକ ଅସମାହିତ ପ୍ରଶ୍ନ ଏବଂ ତା'ର ବିଭିନ୍ନ ଉତ୍ତର ମଧ୍ୟରୁ କିଛିଟା ଆଲୋକପାତ କରିବା ।

ଭାରତ ସରକାର ୧୯ଟି ଅଲଗା ଅଲଗା ନିୟମକୁ ମିଶ୍ରିତ କରି ୪ ଟି ନୂତନ ନିୟମ ଆଣିଛନ୍ତି, ସେଗୁଡିକ ହେଲା ୧..ମଜୁରୀ ସଂହିତା ୨୦୧୯ । ୨.. ସାମାଜିକ ସୁରକ୍ଷା ସଂହିତା ୨୦୨୦। ୩..ଶିଳ୍ପ ସମ୍ପର୍କ ସଂହିତା ୨୦୨୦ ଏବଂ ୪..ବୃତ୍ତିଗତ ସୁରକ୍ଷା ସ୍ୱାସ୍ଥ୍ୟ, ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା ୨୦୨୦ ଦ୍ୱାରା ନିଯୁକ୍ତି ଦାତା ଏବଂ ତାଙ୍କ ଦ୍ୱାରା ନିଯୁକ୍ତି ପାଇଥିବା ବ୍ୟକ୍ତି ବିଶେଷ ଉଭୟେ ଉପକୃତ ହେବେ । ବର୍ତ୍ତମାନ୍ ନୂଆ ଶ୍ରମ ନିୟମ ଅନୁଯାୟୀ ନିଯୁକ୍ତି ଦାତାଙ୍କୁ ମୂଳ ଦରମା ସି. ଟି. ସି.ର ୫୦ ପ୍ରତିଶତ ଦେବାକୁ ପଡିବ । କର୍ମଚାରୀଙ୍କ ଠାରୁ ଆମେ ସି.ଟି.ସି. ଶବ୍ଦଟି ଶୁଣି ଥାଉ । କିନ୍ତୁ ସି.ଟି.ସି . କ'ଣ ? ଦରମାର ପୂର୍ଣ୍ଣ ରୂପ ହେଉଛି କଷ୍ଟ ଟୁ କମ୍ପାନୀ, ଯାହାର ଅର୍ଥ ହେଉଛି ଏକ କମ୍ପାନୀ ଜଣେ କର୍ମଚାରୀଙ୍କ ପାରିଶ୍ରମିକ/ ସେବା ପାଇଁ ଖର୍ଚ୍ଚ କରୁଥିବା ମୋଟ ପରିମାଣର ଅର୍ଥ। ଏଥିରେ ଦରମା, ଅନ୍ୟାନ୍ୟ ସୁବିଧା, ବୋନସ୍ ସମ୍ପର୍କିତ ଖର୍ଚ୍ଚ ଅନ୍ତର୍ଭୁକ୍ତ ହୋଇ ଥାଏ । ସି.ଟି.ସି ର ୫୦ ପ୍ରତିଶତ ମୂଳ ବେତନ ହେବା ଦ୍ୱାରା କର୍ମଚାରୀ ମାନଙ୍କ ଉପରେ ଏହାର କ'ଣ ପ୍ରଭାବ ପଡିବ ? ଏହା ଦ୍ୱାରା ଦୁଇଟି ପ୍ରଭାବ ପଡିବ ୧.. ଦରମାରେ କିଛିଟା ପରିବର୍ତ୍ତନ ହେବ, ୨.. ସଞ୍ଚୟରେ ବୃଦ୍ଧି ହେବ ।

ମନେ କରନ୍ତୁ ଆପଣ ମାସିକ (ସିଟିସି) ୧ ଲକ୍ଷ ଦରମା ପାଉଛନ୍ତି ଏବଂ ଆପଣଙ୍କ ମୂଳ ଦରମା ୪୦ ହଜାର, ସେଥିରୁ ଭବିଷ୍ୟନିଧି ବା ଇ ପି ଏଫ ୧୨ ପ୍ରତିଶତ ମାନେ ୪୮୦୦ ଟଙ୍କା କାଟି ନେଇ ଆପଣଙ୍କ ଖାତାରେ ଜମା ରଖୁଛି। ତେବେ ଆପଣ ୧ ଲକ୍ଷ - ୪୮୦୦ = ୯୫,୨୦୦ ଟଙ୍କା ପାଉଛନ୍ତି । ଯେତେବେଳେ ୧ ଲକ୍ଷ ସିଟିସି ର ମୂଳ ଦରମା ୫୦ ହଜାର ହୋଇଯିବ ସେତେବେଳେ ଆପଣଙ୍କ ମୂଳ ଦରମାର ୧୨ ପ୍ରତିଶତ ମାନେ ୬୦୦୦ ଟଙ୍କା ଇପିଏଫ କାଟି ନେଇ ଆପଣଙ୍କ ଖାତାରେ ଜମା କରିବ । ସେହି ଅନୁପାତର ରାଶି ନିଯୁକ୍ତି ଦାତା ମଧ୍ୟ ଦେବାକୁ ବାଧ୍ୟ ହେବେ । ଏହାଦ୍ୱାରା କର୍ମଚାରୀ ପୂର୍ବ ଅପେକ୍ଷା କିଛି କମ୍ ଦରମା ପାଇବ କିନ୍ତୁ ତା'ର ସଂଚୟ ବଢି ଯିବ ଫଳରେ ତା'ର ଅବସର ସମୟରେ ସେ ଅଧିକ ସଞ୍ଚିତ ପୁଞ୍ଜି (ଇପିଏଫ ଏବଂ ଗ୍ରାଚ୍ୟୁଟି) ଇପିଏଫ ଦ୍ୱାରା ଧାର୍ଯ୍ୟ ପେନ୍ସନ ପାଇ ଜୀବନର ଶେଷ ସମୟ ଖୁସିରେ କାଟି ପାରିବ । ସରକାର ମଧ୍ୟ ସଞ୍ଚୟ ଦ୍ୱାରା ଦେଶର ଆର୍ଥିକ ସ୍ଥିତିକୁ ସୁଧାରି ପାରିବେ ବୋଲି ଅନୁମେୟ । ବର୍ତ୍ତମାନ ଲାଭଖୋର କମ୍ପାନୀମାନେ ଏହାର ମୁକାବଲା କରିବାର ଗଳା ବାଟ ଖୋଜୁଛନ୍ତି, ଅନ୍ୟଥା ତା'ଙ୍କ ଉପରେ ଆର୍ଥିକ ବୋଝ ବଢ଼ି ଯିବ । ସେମାନେ ନିଜର ସ୍ୱାର୍ଥ ଦୃଷ୍ଟିରୁ ତଥା ଶ୍ରମ ନିୟମକୁ ସମ୍ମାନ ଜଣାଇ କର୍ମଚାରୀ ମାନଙ୍କ ଦରମା ପୁନଃ ନିର୍ଦ୍ଧାରଣ କରିବେ । ଫଳରେ ଅନେକ କର୍ମଚାରୀଙ୍କ ଦରମା କମି ଯିବାର ଆଶଙ୍କାକୁ ଏଡାଇ ଯାଇ ହେବ ନାହିଁ । କର୍ମଚାରୀ ମାନଙ୍କୁ ଗଧ ଘୁଷୁରୀ ପରି (ଦିନକୁ ୧୨ ରୁ ୧୮ ଘଣ୍ଟା) ଖଟାଇ ମାନସିକ ତଥା ଶାରୀରିକ ନିର୍ଯାତନା ଦେଇ ଅନେକ ବିଦେଶୀ କମ୍ପାନୀ ନିଜର ସାମ୍ରାଜ୍ୟ ଭାରତରେ ମେଲାଇ ଚାଲିଛନ୍ତି । ଅତି ପାଠୁଆ ଗୁଣ୍ଡା, ଅମଣିଷ, ନିର୍ଦ୍ଦୟ ଶ୍ରେଣୀର ମାନବସମ୍ବଳ ପରିଚାଳକ ତଥା ସାଧାରଣ ପରିଚାଳକ ମାନେ କମ୍ପାନୀରେ ରହି ଇନ୍ଦ୍ରଚନ୍ଦ୍ର ମାନନ୍ତି ନାହିଁ। ଏମାନଙ୍କ ଦୌରାତ୍ମ୍ୟରେ ଅନେକ ଗୁଣି ଜ୍ଞାନୀ ନିରୀହ କର୍ମଠ କର୍ମଚାରୀ ଅତିଷ୍ଠ ହୋଇ ଚାକିରୀ ଛାଡିବାକୁ ବାଧ୍ୟ ହୁଅନ୍ତି। ଏପରି ବ୍ୟକ୍ତି ମାନେ କମ୍ପାନୀର ଗେଲ୍‌ହା ପୁଅ /ଝିଅ ବୋଲାନ୍ତି । ଏପରି କମ୍ପାନୀ ମାନେ ରାଜନୈତିକ ପ୍ରୋତ୍ସାହନ ପାଉଛନ୍ତି, ବିଭିନ୍ନ ରାଜନୈତିକ ଦଳକୁ ବିଭିନ୍ନ ଉପାୟରେ ଖୁଶି କରି ନିଜର ଇଚ୍ଛାରେ ଦେଶକୁ ଲୁଟି ନିଜ ସାମ୍ରାଜ୍ୟ ବିସ୍ତାର କରି ଚାଲିଛନ୍ତି । ବର୍ତ୍ତମାନ ଶ୍ରମ ଆଇନ୍ ଦ୍ୱାରା କିଛି ଅଣସଂରକ୍ଷିତ କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ଆଇନ୍ ଆସିଛି। ଯେପରି ଡେଲିଭେରୀ ଦେଉଥିବା ବ୍ୟକ୍ତି ଟାକ୍ସି ଚାଳକ ଇତ୍ୟାଦି କର୍ମଚାରୀ ମାନଙ୍କ ପାଇଁ ତାଙ୍କ ନିଯୁକ୍ତିଦାତା ଏକ ସ୍ୱତନ୍ତ୍ର ଜମା ରାଶି ରଖିବେ ଯାହାଦ୍ୱାରା ସେହି କର୍ମଚାରୀ ମାନଙ୍କ କଲ୍ୟାଣ ହୋଇ ପାରିବ । ସେମାନେ ଗୋଟିଏ କମ୍ପାନୀ ଛାଡ଼ି ଅନ୍ୟ କମ୍ପାନୀ ରେ ଚାକିରୀ କଲେ ମଧ୍ୟ ପୂର୍ବ କମ୍ପାନୀ ରୁ ତାଙ୍କ ଜମା ରାଶି ପାଇବାରେ କୌଣସି ପ୍ରତିବନ୍ଧକ ଆସିବ ନାହିଁ । କର୍ମଚାରୀ ସପ୍ତାହକୁ ୪୮ ଘଣ୍ଟା କାର୍ଯ୍ୟ କରିବେ, ତା' ଠାରୁ ଅଧିକ କାର୍ଯ୍ୟ ଦିଆ ଗଲେ ନିଯୁକ୍ତିଦାତା ତାଙ୍କୁ ଓଭର ଟାଇମ୍ ବାବଦକୁ ଅଧିକ ପାରିଶ୍ରମିକ ଦେବେ । ଏହି ନିୟମ ସଂସଦରେ ପାରିତ ହୋଇ ଯାଇଛି ତେବେ ରାଜ୍ୟ ଏବଂ କେନ୍ଦ୍ର ସରକାର ମିଳିତ ଭାବେ ତୃଣମୂଳ ସ୍ତରରୁ ଏହାକୁ କାର୍ଯ୍ୟରେ ପରିଣତ କରିବାକୁ ଅଣ୍ଟା ଭିଡୁଛନ୍ତି ନା ନାହିଁ ତାହା ଦେଖିବା କଥା ।

ସରକାରୀ, ଅର୍ଦ୍ଧସରକାରୀ, ନ୍ୟାୟାଳୟ, ମ୍ୟୁନିସିପାଲ କର୍ପୋରେସନ, ହାସ୍ପାତାଳ ପ୍ରାଇଭେଟ ସଂସ୍ଥା ଇତ୍ୟାଦିରେ କାର୍ଯ୍ୟରତ ହଜାର ହଜାର ଉଚ୍ଚଶିକ୍ଷିତ, ଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ, ଅଶିକ୍ଷିତ, ଅତି କୁଶଳୀ, ଅର୍ଦ୍ଧ କୁଶଳୀ ଅଣ କୁଶଳୀ ଠିକା କର୍ମଚାରୀଙ୍କ ଭାଗ୍ୟ କେବେ ବଦଳିବ ? ସେମାନେ ବର୍ଷ ବର୍ଷ ଧରି ଟଙ୍କା କେଇଟା ପାଇଁ ଗୋତି ଶ୍ରମିକ ପରି କାର୍ଯ୍ୟ କରି ଆସୁଛନ୍ତି। ସରକାରଙ୍କ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦରମାର ଅଧାରୁ କମ୍ ଜଣେ ଜଣେ ଉଚ୍ଚ ଶିକ୍ଷିତ ଠିକା କର୍ମଚାରୀ ଦରମା ପାଆନ୍ତି ତା ମଧ୍ୟ ନିୟମିତ ମିଳେ ନାହିଁ । ଏଠାରେ କହି ରଖିବାକୁ ଉଚିତ୍ ମନେ କରୁଛି କି ନିଯୁକ୍ତି ଦାତା ମାନଙ୍କର ଏକ ପ୍ରକାର ଚତୁର ବୁଦ୍ଧି ପ୍ରୟୋଗ ଦ୍ୱାରା ଏହା ସମ୍ଭବ ହେଉଛି । ଏହା ନିରୀହ ଠିକା କର୍ମଚାରୀଙ୍କୁ ପ୍ରତାରଣା କରିବା ଛଡା ଅନ୍ୟ କିଛି ନୁହେଁ। କିଛି ସଂଗୃହିତ ତଥ୍ୟ ଅନୁଯାୟୀ ଓଡିଶା ସରକାରଙ୍କ ନିଗମ ଗୁଡିକରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଚାକିରୀ ଖାଲି ଅଛି, ସେହିପରି ବିଭିନ୍ନ ଅଦାଲତ, ସରକାରୀ ଅଫିସ ଗୁଡିକରେ ବିଭିନ୍ନ ପଦ ପଦବୀ ଗୁଡିକ ପୂରଣ ହୋଇ ପାରୁନାହିଁ। ହୁଏତ ଏଥି ପାଇଁ ରାଜ କୋଷରେ ସମ୍ବଳର ଅଭାବ ବା ଆନ୍ତରିକତାର ଅଭାବ ତା ଠିକ୍ ଭାବେ କୁହାଯାଇ ପାରିବ ନାହିଁ ।

ଓଡିଶା ସରକାର ପ୍ରଯୁକ୍ତି ବିଦ୍ୟା ଉପରେ ବିଭିନ୍ନ ବର୍ଗର ଅତି କୁଶଳୀ, କୁଶଳୀ ବ୍ୟକ୍ତିଙ୍କ ସହାୟତା ନିମନ୍ତେ ଓକାକ୍ (ଓଡିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର) ସଂସ୍ଥା ଉପରେ ଏବଂ କେନ୍ଦ୍ର ସରକାର ଏନ ଆଇ ସି (ନ୍ୟାସନାଲ ଇନଫ୍ରମେଟିକ୍ସ ସେଣ୍ଟର) ଉପରେ ନିର୍ଭର କରି ଥାଏ । ଉକ୍ତ ସଂସ୍ଥା ଦୁଇଟିରେ ନିଜର ମାନବ ସମ୍ବଳ ସୀମିତ ଥିବାରୁ ସରକାରଙ୍କ କାର୍ଯ୍ୟ ସୁଚାରୁ ରୂପେ ଚଳାଇବା ପାଇଁ ସେମାନେ ଛୋଟ ବଡ଼ ସଂସ୍ଥାକୁ ମାନବ ସମ୍ବଳ ଯୋଗାଇ ଦେବାକୁ ଠିକା ଦେଇ ଥା'ନ୍ତି । ମନେ କରନ୍ତୁ (କ) .. ଏକ ସରକାରୀ ସଂସ୍ଥା ତା'ର ଟେକ୍ନିକାଲ ସପୋର୍ଟ /ଅପ୍ ଡେଟ୍ ନିମନ୍ତେ ସେ ନିୟମ ଅନୁଯାଇ (ଖ, ଓକାକ୍ ବା ଏନ୍ ଆଇ ସି) ସରକାରୀ ସ୍ୱୀକୃତି ପ୍ରାପ୍ତ ସଂସ୍ଥା ଠାରୁ ତା'ର ଆବଶ୍ୟକତା ମୁତାବକ ମାନବ ସମ୍ବଳ ଆବଶ୍ୟକ କଲା କିନ୍ତୁ (ଖ) ପାଖରେ ସେପରି ସୁବିଧା ନ ଥିବାରୁ ସେ -- ଗ, ଘ, ଚ, ଛ ଇତ୍ୟାଦି ସଂସ୍ଥାକୁ ମାନବ ସମ୍ବଳ ଯୋଗାଇବାକୁ ଟେଣ୍ଡର ଆହ୍ୱାନ କଲା ...ଅନେକ କମ୍ପାନୀ ଟେଣ୍ଡର ଦେଲେ, ପ୍ରିୟା ପ୍ରୀତି ହେଉ ବା କାର୍ଯ୍ୟ ଦକ୍ଷତା ହେଉ ତନ୍ମଧ୍ୟରୁ ଯାହାକୁ ଚୟନ କରାଗଲା ସେହି ସଂସ୍ଥାକୁ ତୃତୀୟ ପକ୍ଷ କୁହାଗଲା । ବର୍ତ୍ତମାନ କଥା ଉଠୁଛି( କ) ଏସବୁ କିଛି ଜାଣିବାକୁ ଚାହେଁ ନାହିଁ ସେ କେବଳ ତା'ର କାମ ସୁଚାରୁ ରୂପେ ହେଲେ ଖୁସି, ଅନ୍ୟଥା ସେ ଓକାକ୍ ବା ଏନ୍ ଆଇ ସି କୁ କହିବ । (କ) ଯଦି ପ୍ରତି ଠିକା କର୍ମଚାରୀଙ୍କ ପାରିଶ୍ରମିକ ବାବଦକୁ ମାସିକ ୧୦ ହଜାର ଧାର୍ଯ୍ୟ କରିଛି ତେବେ ସେ ସେହି ପ୍ରାପ୍ୟ (ଖ ) ସଂସ୍ଥାକୁ ଦେବ (ଖ ) ଉକ୍ତ ପ୍ରାପ୍ୟରୁ ୧୦ରୁ ୨୦ ପ୍ରତିଶତ ପରିଚାଳନା ଖର୍ଚ୍ଚ କାଟି (ଗ ତୃତୀୟ ପକ୍ଷ)କୁ ଦେବ ମନେ କରନ୍ତୁ (ଗ )କୁ ୮ ହଜାର ଦେଲା ଏବଂ (ଗ ତୃତୀୟ ପକ୍ଷ) ନିଜ ଲାଭ ରଖି ତା'ର କର୍ମଚାରୀଙ୍କୁ ୬ ହଜାର ଟଙ୍କା ଦେବ, ତାହା ମଧ୍ୟ କର୍ମଚାରୀ ପାଇବାକୁ ମାସର ୧୫ ତାରିଖ ଟପି ଯାଏ (ଏଠାରେ ସିଧା ସଳଖ କର୍ମଚାରୀର ୪ ହଜାର ଟଙ୍କା ମଧ୍ୟସ୍ଥି ଖାଇଗଲେ) । ଏହି ଗୋଲଖ ଧନ୍ଦା କିଏ ଆଉ କାହିଁକି କାହା ସ୍ୱାର୍ଥରେ ଆରମ୍ଭ କରିଛି ? ଏଥିରେ କିଏ ଲାଭବାନ ହୁଏ ଆଉ କିଏ କ୍ଷତି ସହେ ? ସରକାର ଦିନ ଦ୍ୱିପ୍ରହରରେ ନିଜ ସଂସ୍ଥା ଜରିଆରେ ଦୁର୍ନୀତି ଶିଖାଉଛନ୍ତି । ନିରୀହ କର୍ତ୍ତବ୍ୟ ନିଷ୍ଠ କର୍ମଚାରୀ ପାଉଥିବା ବେତନକୁ ବିଭିନ୍ନ ଉପାୟରେ ବାଣ୍ଟି ଖାଉଛନ୍ତି । ନିଜର କାର୍ଯ୍ୟ ଦକ୍ଷତା ନିମନ୍ତେ ସମୟ ସମୟରେ କର୍ମଚାରୀଟି ବର୍ଷ ବର୍ଷ ଧରି (କ) ପାଖରେ କାର୍ଯ୍ୟ କରେ, (କ ଅଫିସ) ମଧ୍ୟ ନିର୍ଦ୍ଦିଷ୍ଟ କର୍ମଚାରୀର କାର୍ଯ୍ୟରେ ସନ୍ତୁଷ୍ଟ କିନ୍ତୁ ପର୍ଯ୍ୟାୟ କ୍ରମେ (ଖ) ସଂସ୍ଥାର ନିର୍ଦ୍ଦେଶରେ ତା'ର ତୃତୀୟ ପକ୍ଷ ନିଯୁକ୍ତିଦାତା ବଦଳି ଯାଏ । ଫଳରେ ସରକାରୀ ନିୟମ ଅନୁଯାୟୀ କର୍ମଚାରୀଟି ୬ ବର୍ଷରୁ ଅଧିକ ନିରବଚ୍ଛିନ୍ନ ଭାବେ (କ) ପାଖରେ କାର୍ଯ୍ୟ କରି ମଧ୍ୟ ଆଇନ୍ ଦ୍ୱାରା ତା'ର ଅଧିକାର (ସ୍ଥାୟୀ ଚାକିରୀ) ପାଇବାରୁ ବଞ୍ଚିତ ହୁଏ । ନିୟମ ଅନୁଯାୟୀ ଅଦାଲତ ମଧ୍ୟ କର୍ମଚାରୀ ପାଇଁ କିଛି ସକାରାତ୍ମକ ପଦକ୍ଷେପ ନେଇ ପାରନ୍ତି ନାହିଁ । ଏକବିଂଶ ଶତାବ୍ଦୀରେ ଏହିପରି ଛଳନା କରି ସରକାର ହୁଅନ୍ତୁ ବା ସରକାରୀ ଉଚ୍ଚ ପଦାଧିକାରୀ ହୁଅନ୍ତୁ ଯୁବ ସମାଜକୁ କାହିଁକି ଲାଂଛିତ ଅପମାନିତ ହେବାକୁ ଛାଡ଼ି ଦେଉଛନ୍ତି ? କାହିଁକି ତା'ଙ୍କ ଭବିଷ୍ୟତ ସହିତ ଖେଳୁଛନ୍ତି ? ନୂତନ ଶ୍ରମ ନିୟମ ଏପରି ଶୋଷିତ, ନିର୍ଯାତିତ କର୍ମଚାରୀ ମାନଙ୍କୁ କି ପ୍ରକାର ସହାୟତା କରିବ ? ତା' ହୁଏତ ଆଗକୁ ସମୟ କହିବ । ଦେଶର ଆଇନ୍ ଏମାନଙ୍କୁ କି ପ୍ରକାର ନ୍ୟାୟ ଦେବ ? ଯୁବ ପିଢ଼ି ଦେଶର ମେରୁଦଣ୍ଡ ସେମାନଙ୍କର ଉନ୍ନତି ଦେଶର ପ୍ରଗତି, ଏକଥା ଗୁରୁତ୍ୱର ସହ ସରକାର ବିଚାର କରନ୍ତୁ । ଜୟ ହିନ୍ଦ ।


+ ସମ୍ମାନ ସହ,
ବରିଷ୍ଠ ନାଗରିକ ଏବଂ ସ୍ତମ୍ଭକାର
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭


# ମହାଯୋଗୀ ଶ୍ରୀ ଅରବିନ୍ଦ



## ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

କେବଳ ଭାରତ କାହିଁକି ସମଗ୍ର ବିଶ୍ୱର ଆଧ୍ୟାତ୍ମିକ କ୍ଷେତ୍ରକୁ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ଯୋଗଦାନ ଅଭୂତପୂର୍ବ । ବେଦ, ଉପନିଷଦ ସମେତ ଭାରତର ବିଭିନ୍ନ ଧର୍ମ ଗ୍ରନ୍ଥ ଅଧ୍ୟୟନ ଏବଂ ସେଗୁଡ଼ିକର ବ୍ୟାଖ୍ୟା କରି ନିଜ ଲେଖା ମାଧ୍ୟମରେ ସେ ଅନେକ କୃତି ଛାଡ଼ି ଯାଇଛନ୍ତି । ଯୋଗସାଧନା ଉପରେ ସେ ମୌଳିକ ଗ୍ରନ୍ଥ ରଚନା କରିଛନ୍ତି । ବିଶ୍ୱ ଦର୍ଶନ ଶାସ୍ତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ସମଗ୍ର ବିଶ୍ୱରେ ମହାଯୋଗୀଙ୍କ ସାଧନାର ବହୁ ଅନୁଗାମୀ ରହିଛନ୍ତି । ଶ୍ରୀଅରବିନ୍ଦଙ୍କ ବାଣୀ ଏବଂ ତାଙ୍କ ଦର୍ଶନ ଯୁଗ ଯୁଗ ଧରି ପ୍ରାସଙ୍ଗିକ ହୋଇ ରହିବ । ଏହି ମହାଗୁରୁ ବିଦେଶରୁ ଶିକ୍ଷା ଲାଭ କରିବା ସହ ସେ ଇଂରାଜୀ, ଜର୍ମାନ୍, ଫ୍ରେଞ୍ଚ, ଇଟାଲି ଆଦି ଭାଷାରେ ନିପୁଣତା ପ୍ରାପ୍ତ କରିଥିଲେ । ସେ ସଫଳତା ପୂର୍ବକ ଆଇସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏତେ ସବୁ ସଫଳତା ହାସଲ କରିବା ପରେ ବ୍ରିଟିଶ ସରକାର ଅଧିନରେ ଚାକିରୀ କରିବା ପରିବର୍ତ୍ତେ ସେ ଦେଶମାତୃକାରେ ସେବାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ୧୮୭୨, ଅଗଷ୍ଟ ୧୫- ସମଗ୍ର ଭାରତବାସୀଙ୍କ ପାଇଁ ଏକ ଗୌରବର ଦିବସ । ଏହି ଦିନ କେବଳ ଭାରତ ସ୍ୱାଧୀନ ହୋଇଥିଲା ତାହା ନୁହେଁ ବରଂ ଭାରତମାତାର ଜଣେ ଯୋଗ୍ୟତମ ସନ୍ତାନର ଏ ଧରା ପୃଷ୍ଠରେ ଆବିର୍ଭାବ ଘଟିଥିଲା ।

ଏଣୁ ପ୍ରତିବର୍ଷ ଭାରତବାସୀ ପରମ ଶ୍ରଦ୍ଧାରେ ଏକାଧାରରେ ସ୍ମରଣ କରିବେ ଯେ, ଏହି ଦିବସରେ ହୋଇଥିଲା ଭାରତର ସ୍ୱାଧୀନତା ଅଭ୍ୟୁଦୟ ଓ ସ୍ୱାଧୀନତାର ଅଗ୍ରଦୂତ ଶ୍ରୀ ଅରବିନ୍ଦଙ୍କ ଅଭ୍ୟୁଦୟ । ଶ୍ରୀ ଅରବିନ୍ଦ ପିତାମାତା ତାଙ୍କୁ ଆଦରରେ 'ଅରୋ' ବୋଲି ଡାକୁଥିଲେ । ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ । ତାଙ୍କ ବଡ଼ଭାଇଙ୍କ ନାମ ବିନୟ ଭୂଷଣ ଓ ମନ ମୋହନ । ଶ୍ରୀ ଅରବିନ୍ଦଙ୍କ ଜନ୍ମ ପରେ ଜନ୍ମଗ୍ରହଣ କରିଥିଲେ ଭଉଣୀ ସରୋଜିନୀ ଓ ସାନଭାଇ ବାରୀନ୍ଦ୍ର କୁମାର । ଡ. କୃଷ୍ଣଧନ ଘୋଷ ନିଜ ପିଲାମାନଙ୍କୁ ପାଶ୍ଚାତ୍ୟ ଶୈଳୀରେ ଗଢ଼ି ତୋଳିବାକୁ ଚାହୁଁଥିଲେ । ଅପରପକ୍ଷେ ସ୍ୱର୍ଣ୍ଣଲତା ଦେବୀ ଥିଲେ ଜଣେ ଧର୍ମପରାୟଣା, ଦେଶଭକ୍ତି, ଶିକ୍ଷିତା ନାରୀ। ଉଭୟଙ୍କ ଗୁଣାବଳୀ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥିଲା । କୃଷ୍ଣଧନ ଶ୍ରୀ ଅରବିନ୍ଦଙ୍କ ଲାଳନପାଳନ ଦାୟିତ୍ୱ ଜଣେ ଇଂରେଜ ଧାଈଙ୍କୁ ସମର୍ପି ଦେଲେ । ଅତି ଛୋଟ ବୟସରୁ ସେ ମାତୃସ୍ନେହରୁ ବଞ୍ଚିତ ହେଲେ । ପିଲାଟି ଦିନରୁ ଶ୍ରୀ ଅରବିନ୍ଦ ମାତୃସ୍ନେହ ଓ ମାତୃଭାଷାର ସ୍ୱାଦ ପାଇପାରିନଥିଲେ ବୋଲି ପରବର୍ତ୍ତୀ ସମୟରେ ସେ ଭାରତକୁ ଭଲଭାବେ ଚିହ୍ନି ପାରିଥିଲେ । ତେଣୁ ସେ କହୁଥିଲେ - 'ଭାରତ ଏକ ଜଡ଼ ପଦାର୍ଥ, ମାଟି, କ୍ଷେତ୍ର, ବନ, ପର୍ବତ, ନଦୀକୁ ନେଇ ଗଠିତ ଭୂଗର୍ଭ ନୁହେଁ । ଏ ହେଉଛି ସ୍ୱୟଂ ଜଗଜ୍ଜନନୀ । ପାଞ୍ଚବର୍ଷ ବୟସରୁ ଅରୋଙ୍କ ବାଲ୍ୟଶିକ୍ଷା ଆରମ୍ଭ ହେଲା । ପ୍ରଥମେ ସେ ଲୋରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ପ୍ରଥମେ ସେ ଲେରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ସାତବର୍ଷ ବୟସରେ ତାଙ୍କୁ ଦେଶ ଛାଡ଼ି ଯିବାକୁ ପଡ଼ିଲା । ତାଙ୍କ ମାତାଙ୍କ ମସ୍ତିଷ୍କ ରୋଗ ଚିକିତ୍ସା ପାଇଁ ପିତା କୃଷ୍ଣଧନ ସପରିବାର ଯାଇ ମାଞ୍ଚେଷ୍ଟରରେ ରହିଲେ । ସେଠାରେ ଡ୍ରୁଟେ ଦମ୍ପତିଙ୍କ ତତ୍ତ୍ୱାବଧାନରେ ଶ୍ରୀ ଅରବିନ୍ଦଙ୍କ ପାଠପଢ଼ା ଚାଲିଲା । ଏହି ବୟସରୁ ହିଁ ତାଙ୍କ ପ୍ରତିଭାର ବିକାଶ ଘଟିଲା । ତାଙ୍କୁ ଯାହା ଶିକ୍ଷା ଦିଆଯାଉଥିଲା ସେ ସଙ୍ଗେ ସଙ୍ଗେ ସବୁ ଶିଖି ଦେଉଥିଲେ । ଶ୍ରୀ ଅରବିନ୍ଦ ଥିଲେ ଶାନ୍ତ ସ୍ୱଭାବର ଓ ବିଚକ୍ଷଣ ପ୍ରତିଭାର ଅଧିକାରୀ । ମାତ୍ର ଦଶବର୍ଷ ବୟସରୁ ଲାଟିନ୍ ଓ ଇଂରାଜୀ ଭାଷାରେ ସୁନ୍ଦର କବିତା ଲେଖିବାକୁ ଆରମ୍ଭ କଲେ । ଏଗାର ବର୍ଷ ବୟସରେ ସେ ଅନ୍ତରରେ ଅନୁଭୂତି ଲାଭ କଲେ ଯେ ସାରା ଜଗତ ପାଇଁ ତାଙ୍କୁ ଭୂମିକା ଗ୍ରହଣ କରିବାକୁ ପଡ଼ିବ । ତେରବର୍ଷ ବୟସରେ ସେ ଲଣ୍ଡନ ଯାଇ ସେଣ୍ଟ ପଲ୍‌ସ ସ୍କୁଲରେ ଭର୍ତ୍ତି ହେଲେ । ସେଠାରେ ସେ ଗ୍ରୀକ୍ ଓ ଫରାସୀ ଭାଷା ଶିଖିଲେ । ଚଉଦ ବର୍ଷ ବେଳକୁ ସେ ଇଉରୋପରେ ଇଂରାଜୀ, ଲାଟିନ୍, ଗ୍ରୀକ୍, ଫରାସୀ, ଇଟାଲିୟାନ୍, ଜର୍ମାନୀ ଓ ସ୍ପେନିଶ୍ ଏହି ପରି ସାତୋଟି ଭାଷାର ଅଧିକାରୀ ହୋଇ ସାରିଥିଲେ । ଏହି ସମୟରେ ତାଙ୍କୁ ନାନା ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ଟଙ୍କା ଅଭାବରୁ ବେଳେ ବେଳେ ସେ ଭୋକ ଉପାସରେ ରହୁଥିଲେ । ଶୀତରେ ଘୋଡ଼େଇ ହେବାପାଇଁ ତାଙ୍କ ନିକଟରେ ଚଦରଟିଏ ନଥିଲା । ଶ୍ରୀ ଅରବିନ୍ଦ ଲଣ୍ଡନରେ ରହି ପାଠ ପଢୁଥିବା ସମୟରେ ତାଙ୍କ ପିତା କୃଷ୍ଣଧନ ତାଙ୍କ ଭିତରେ ଦେଶ ପ୍ରେମର ବୀଜପବନ କରିଥିଲେ । ସେ ସମୟରେ ଭାରତୀୟ ମାନଙ୍କ ପ୍ରତି ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ବିଷୟରେ ଚିଠି ଲେଖି ଜଣାଉଥିଲେ । ଏସବୁ ପଢ଼ି ଶ୍ରୀ ଅରବିନ୍ଦଙ୍କ ମନରେ ଦେଶପ୍ରେମର ଭାବ ଜାଗ୍ରତ ହେଲା । ଏହାଥିଲା ଦେଶ କାର୍ଯ୍ୟ ପାଇଁ ଆୟମାରମ୍ଭ । ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ସେ ତାଙ୍କ ସମଗ୍ର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ପରାଧୀନତାର ରୁକ୍ଷ ମରୁଭୂମିରେ ସ୍ୱାଧୀନତା - ମନ୍ଦାକିନୀର ଆଦ୍ୟ ଧାରା ବୁହାଇଥିଲେ । ସମଗ୍ର ଭାରତବର୍ଷ ଓ ମାନବ ଜାତି ପାଇଁ ତାଙ୍କ ଅବଦାନ ଅତୁଳନୀୟ । ପରବର୍ତ୍ତୀ ସମୟରେ ଏହି ଅସାଧାରଣ ବାଳକ 'ଶ୍ରୀ ଅରବିନ୍ଦ' ନାମରେ ପରିଚିତ ହେଲେ । ସୌଭାଗ୍ୟ ବଶତଃ ତାଙ୍କ ଜନ୍ମ ତିଥିରେ ହିଁ ଭାରତ ସ୍ୱାଧୀନ ହେଲା । ୧୯୫୦ ମସିହା ଡିସେମ୍ବର ୫, ରାତ୍ର ୧.୨୦ ମିନିଟ୍ ସମୟରେ ୭୮ ବର୍ଷ ବୟସରେ ମହାଯୋଗୀ ଦେହତ୍ୟାଗ କରିଥିଲେ ।


+ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ, ଫକୀରମୋହନ
ମେଡ଼ିକାଲ କଲେଜ, ବାଲେଶ୍ୱର





## ଧନଠାରୁ ମନବଡ଼

### ଦୀନବନ୍ଧୁ ବେଜ

ଧନ ଠାରୁ ମନ ଛାଡ଼
ଜୀବନର ଅପ୍ରିୟ ସତ୍ୟ ଟଂକା
ଟଙ୍କା ଏଠି ସଂପର୍କ ଠାରୁ ବହୁତ ଉଚ୍ଚା
ତେଣୁ ଯେତେ ପାରୁଛ ସେତେ
ପେଟ ପୁରା ଟଙ୍କା କର ଯୋଗାଡ଼
ଦୁନିଆ ରେ ମଣିଷ ହିଁ ଏକମାତ୍ର ଜୀବ
ଯିଏ କି ବାନ୍ଧି ପାରେ ଧନର ହାତ ଗୋଡ଼
ଧନକୁ ବେଡ଼ି ପକାଇ ବନ୍ଦୀ କରି ପାରେ
ରୋଜଗାର କରି ଧନ ଅପ୍ରମିତ
ଦୁଃଖରେ ନରହିବାକୁ
ଚୁକ୍ତି ସ୍ୱାକ୍ଷର କରେ।
ଯିଏ ସ୍ଥାବର ଅସ୍ଥାବର ସଂପତ୍ତିକୁ କରିଛି
କଳେ ବଳେ କୌଶଳରେ କବଳିତ,
ଧନ ପ୍ରତି ରଖିଛି ଯିଏ ଅହେତୁକ ଲୋଭ
ଏହା ସତ୍ୟ ....

ତା ପେଟ କେବେ ବି ପୁରେନା
ଯେତେ ଧନ କରିଲେ ଯୋଗାଡ଼,
ସବୁ କିଛି କୋଳି ଗଛର ଛାଇ ପରି
ଏବେ ଥିବ ଏବେ ହିଁ ନଥିବ
କିଏ କହେ ଧନକୁ ଅପାର୍ଥିବ
କିଏ କହେ ବିପତ୍ତି
ଦେଖ ଧନ ଲୋଡ଼ା ନଥିବା ଜୀବକୁ
କେତେ ଖୁସିରେ ଅଛନ୍ତି ।

ନିଧନୀକୁ ଯାହା
ଯେତେ ବେଳେ ମିଳେ
ସିଏ ଖୁସିରେ ସନ୍ତୁଷ୍ଟ ହୋଇଥାଏ
ଏଣୁ ଗରୀବ ସରଳ ଜୀବନ ମଧ୍ୟ
ଦୁମୂଲ୍ୟ
ଏହା ଯିଏ ଜାଣେ ସିଏ ସଠିକ ବୁଝିଛି
ଜୀବନରେ କିଛି ନୁହେଁ ଟଂକା,
ଥରେ ତ ପ୍ରଭୁଙ୍କ ଠାରୁ
ଧନ ବିନା ବଂଚିବାକୁ ନିଅ ଅନୁମତି
ଦେଖିବ ଶାନ୍ତି ଆଉ ଶାନ୍ତି,
ମନରେ ନଥିବ କେବେ ଅଜଣା ଭୟ
ଆଉ ଅନାବନା ଅହେତୁକ ଭ୍ରାନ୍ତି ।


+ ମାଲକାନଗିରି, ଓଡ଼ିଶା


## ଆଁ

### ଡ. ଦୀପକ କୁମାର ମିଶ୍ର

ସମୁଦ୍ରର ଆଁ ରେ ଜୀବନ ଓ ଜଳ
ରାତିର ଆଁ'ରେ ଜରାଜୀର୍ଣ୍ଣ ଦିନର
ଗଳିତ କଙ୍କାଳ
କୁହୁଡ଼ିର ଆଁ ରେ ଢୁଳଉଥିବା ଆଜିର
ସମଗ୍ର ସକାଳ
କ୍ଷମତାରେ ଆଁ ରେ
ହନ୍ତସନ୍ତ ଶାନ୍ତଶିଷ୍ଟ ବିଚରା ମଣିଷ
ପ୍ରେମର ଆଁ'ରେ ଏଇଯାଇ
ଏଇ ଫେରିଥିବା
ଧଇଁସଇଁ ଏହି ମୋର ନିରୀହ ହୃଦୟ।
ଆଖିର ଆଁ ରେ ସୀମାହୀନ ବିସ୍ତିର୍ଣ୍ଣ
ଆକାଶ
ଭାବର ଫରୁଆରେ ବାନ୍ଧିରଖେ ଶବ୍ଦ
ଯୋଗସୂତ୍ର
ତେଣୁ ପା' କବିତାର ଆଁ ରେ
ମୁଁ ଆଉ ମୋର କାରୁଣ୍ୟର
ସବୁ ଦୃଷ୍ଟିଦୃଶ୍ୟ ।
ସତରେ ତ, ଆଁ ଟିଏ
ଜୀବନର ଅବିଚ୍ଛିନ୍ନ ଅଙ୍ଗ
ଆଁ ନଥିଲେ କେମିତି ଗଳିଥାନ୍ତା ଯେ
ତଣ୍ଟିର ଗଣ୍ଠି ଡେଇଁ
ନିତି ଗେଞ୍ଚା ହେଉଥିବା
ନିର୍ଦ୍ଦୟ ହାତର ଅଲଣା ଭାତଗୁଣ୍ଡାଟିକୁ।

ଚାଲ ଏବେ ସାମୟିକ
ରୂପେ ବୁଜିଦେବା ଆଁ ଗୁଡ଼ିକୁ
ବିବାଦୀୟ ମୁହୂର୍ତ୍ତଗୁଡ଼ିକର
ବସ୍ତୁତଃ ଅନାଗତ ପାଇଁ ।


+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦









# ଜଙ୍ଗଲରେ ଦୁଇ ସିଂହ

## ସୁବ୍ରତ କୁମାର ଦାସ



ଥରେ ଜଙ୍ଗଲରେ ଦୁଇ ସିଂହ ମଧ୍ୟରେ ଝଗଡ଼ା ହେଲା । ବଡ ସିଂହଟି ସାନ ସିଂହକୁ କହୁଥାଏ, ଆମେ ଜଙ୍ଗଲର ସବୁଠାରୁ ବଳଶାଳୀ ପ୍ରାଣୀ । ଆମକୁ ଜଙ୍ଗଲରେ ସମସ୍ତେ ଭୟ କରନ୍ତି । ଆମେ ସୁବିଧା ଅସୁବିଧା ସମୟରେ ଜୀବଜନ୍ତୁଙ୍କ ପାଖରେ ପହଞ୍ଚି ତାକୁ ସୁରକ୍ଷା ପ୍ରଦାନ କରିଥାଉ । ଆମର ସ୍ୱାଭିମାନ ଅଛି। ଆମ୍ଭେ ଅନ୍ୟ ପାଖରେ ସାଲିସ କରି ପାରିବା ନାହିଁ । ସାନ ସିଂହଟି କହୁଥାଏ, ସେଇଟା ଯଦିଓ ଠିକ୍ ତଥାପି ଯେତେବେଳେ ଅନ୍ୟ ପ୍ରାଣୀମାନେ ଆମ୍ଭକୁ ମହାରାଜ ବୋଲି ନ ମାନନ୍ତି, ତେବେ ଆମେ ତାଙ୍କୁ କାହିଁକି ଉପଦେଶ ଦେବା । ବିପଦରେ ପଡ଼ିଲେ ବି ଆମେ ଆଦୌ ତାଙ୍କୁ ସାହାଯ୍ୟ କରିବା କଥା ନୁହେଁ । ଯାହାର କର୍ତ୍ତବ୍ୟ, ଆଉ ଯିଏ ଜଙ୍ଗଲର ରଜା, କେବଳ ସେ ହିଁ ସବୁ କଥା ବୁଝିବ । ଏହି ଭଳି ଯୁକ୍ତି ତର୍କ ମନମାଳିନ ହେତୁ ଦୁଇ ସିଂହ ମଧ୍ୟରେ କଥା ବାର୍ତ୍ତା ବନ୍ଦ ହୋଇଗଲା । କେହି କାହା ସହ ଆଉ କଥାବାର୍ତ୍ତା ହେଲେନାହିଁ । ଜଙ୍ଗଲରେ ସେତେବେଳେ ହାତୀ ରଜା ହୋଇଥାଏ । ହାତୀ ପୂର୍ବରୁ ସିଂହ ଦୟାବାନ୍ ପ୍ରାଣୀ ବୋଲି ଜଙ୍ଗଲର ସବୁ ଜୀବ ଜନ୍ତୁ ତାକୁ ଭଲ ପାଆନ୍ତି । ଦିନେ ବଡ଼ ସିଂହ ଜଙ୍ଗଲରେ ବୁଲୁ ଥିବା ବେଳେ ହଠାତ୍ ସାମ୍ନା ପଟୁ ସାନ ସିଂହଟି ତାର କୁନି



ଶାବକକୁ ଧରି ଆସୁଥିବାର ଦେଖିଲା । କିନ୍ତୁ ଦୁଇଜଣ ପରସ୍ପରକୁ ଦେଖି ମୁହଁ ବୁଲେଇ ନିଜ ନିଜ ରାସ୍ତାରେ ଯିବାବେଳେ ସିଂହ ଛୁଆଟି ସାନ ସିଂହକୁ ପଚାରିଲା- ବାବା; ଆପଣ କାହିଁ କିଛି ବଡ ସିଂହ ମହାରାଜ ସହ କଥା ହେଲେନି । ସାନ ସିଂହଟି କହିଲା, ଆମ୍ଭ ମଧ୍ୟରେ ଝଗଡ଼ା ହୋଇଥିଲା । ସେହି ରାଗରେ କେହି କାହା ସହ କଥାବାର୍ତ୍ତା ହେଉ ନାହୁଁ। ତେଣୁ ବଡ଼ ସିଂହ ତା ବାଟରେ ପଳେଇଗଲେ, ଆଉ ଆମେ ଆମ୍ଭ ବାଟରେ ପଳେଇ ଆସିଲେ । କିଛି ବାଟ ଯିବା ପରେ କୁନି ଶାବକଟିକୁ ଭାରି ଭୋକ ଲାଗିଲା । ଖାଦ୍ୟ ପାଇଁ ସାନ ସିଂହକୁ କହିଲା, ବାବା ମୋତେ ଭୋକ ଜୋର୍‌ରେ ଲାଗିଲାଣି। କିଛି ଖାଦ୍ୟ ବ୍ୟବସ୍ଥା କର । ସାନ ସିଂହଟି ଶାବକକୁ ଗୋଟିଏ ପଥର ଚଟାଣ ଉପରେ ବସିବାକୁ କହିଲା ଏବଂ ଖାଦ୍ୟ ଅନ୍ୱେଷଣ ପାଇଁ ଜଙ୍ଗଲ ଭିତରକୁ ଚାଲିଗଲା। ସାନ ସିଂହ ଯିବାର କିଛି ସମୟ ପରେ କିଛି ଜଂଗଲୀ ପଶୁ କୁନି ଶାବକ ପାଖକୁ ଆସି ଘେରିଗଲେ । ତାକୁ ଆକ୍ରମଣ କରିବା ପାଇଁ ଯୋଜନା କଲେ । କୁନି ଶାବକଟି ଭୟଭୀତ ହୋଇ ଜଙ୍ଗଲ ଭିତରକୁ ଦୌଡ଼ିବାକୁ ଲାଗିଲା । ଏହି ସମୟରେ ବଡ଼ ସିଂହଟି ବାଟରେ ଆସୁଥାଏ । ସେ ହଠାତ୍ ଦେଖିଲା କିଛି ଜଂଗଲୀ ପଶୁ କୁନି ଶାବକକୁ ମାରିବାକୁ ଚେଷ୍ଟା କରୁଛନ୍ତି । ସେ ସଂଗେସଂଗେ ତାକୁ ରକ୍ଷା କରିବା ପାଇଁ ଜଂଗଲୀ ପଶୁଙ୍କ ଉପରେ ପାଲଟା ଆକ୍ରମଣ କଲା । ବଡ଼ ସିଂହକୁ ଦେଖି ଜଂଗଲୀ ପଶୁମାନେ କିଏ କୁଆଡେ ଜଙ୍ଗଲ ଭିତରକୁ ଭୟରେ ପଳେଇ ଗଲେ । କୁନି ଶାବକଟି ରକ୍ଷା ପାଇଯିବା ପରେ ତାକୁ ଧରି ଜଙ୍ଗଲ ଭିତରକୁ ଯାଇଥିବା ସମୟରେ ସାନ ସିଂହଟି ଆସି ପହଞ୍ଚିଗଲା । କୁନି ଶାବକଟି ଦୌଡି ଯାଇ ସବୁ ଘଟଣା ତା ବାବା ସାନ ସିଂହକୁ କହିଲା । ସାନ ସିଂହଟି ସବୁ କଥା ଶୁଣିଲା ପରେ ତା ଆଖିରୁ ଲୁହ ଝରି ପଡ଼ିଲା । ବଡ଼ ସିଂହ ମହାରାଜ କହିଲେ, ବୁଝିଲୁ ସାନ ମହାରାଜ; ଆମ୍ଭେ ସିଂହ ଜାତି ବୀର ଜାତି। ଆମ୍ଭର ପିଲା ମାନଙ୍କୁ କିଏ ଆମ ଆଗରେ ମାରିବ, ଆମ୍ଭେ କେବେ ତାକୁ ସହ୍ୟ କରି ପାରିବୁ ନାହିଁ । ଆମ୍ଭମାନଙ୍କ ମଧ୍ୟରେ ଯେତେ ଶତୃତା, ରାଗ ଅଭିମାନ ଥିଲେ ବି ଅନ୍ୟ ଶତ୍ରୁ ପାଖରେ ଆମ୍ଭ ବଂଶଧର ମାନଙ୍କର ହାରକୁ ପ୍ରଶ୍ରୟ ଦେବୁ ନାହୁଁ । ଏଣୁ ଆମକୁ ବୀର ଜାତି ବୋଲି ସମସ୍ତେ ମାନନ୍ତି । ସାନ ସିଂହଟି ଅନୁତାପ କଲା । ପ୍ରକୃତରେ ବଡ଼ ମାନଙ୍କ ପାଖରୁ ସଦା ସାନ ମାନେ ଉପଦେଶ ମାନି ଚାଲିଲେ ଭବିଷ୍ୟତରେ କେବେ ଅସୁବିଧାର ପଡ଼ିବେ ନାହିଁ ବୋଲି ଉପଲବ୍ଧି କଲା । ସାନ ସିଂହଟି ତାର ଭୁଲ ବୁଝିପାରି କ୍ଷମା ପ୍ରାର୍ଥନା କଲା । ବଡ଼ ସିଂହ ତାକୁ କ୍ଷମା କରିଦେଲା ଏବଂ ପୁରୁଣା କଥାକୁ ଭୁଲି ଯାଇ ସାଥିରେ ଜଙ୍ଗଲ ଭିତରକୁ କୁନି ଶାବକକୁ ଧରି ଚାଲିଗଲେ ।

+ରାଜେନ୍ଦ୍ରପୁର, ବାରିକପୁର ବଜାର,ଭଦ୍ରକ
ମୋ:୯୪୩୭୭୩୧୯୦୩

# ଆମ ଫୁଲ ବଗିଚା

## ରମେଶ ଚନ୍ଦ୍ର ନାୟକ

ଘର ଆଗରେ ଫୁଲ ବଗିଚା
ଦିଶେ କେଡ଼େ ସୁନ୍ଦର
ଘାସ ଗାଲିଚା ହୋଇଛି ବିଛା
ପାଦ ଦେଶରେ ତା'ର ।

ଗଛ ଡାଳରେ ଝୁଲୁଛି ଫୁଲ
ହଳଦୀ ଧଳା ନାଲି
ପବନ ସାଥେ ଖେଳଇ ଦୋଳି
ପାଖୁଡ଼ା ତା'ର ମେଲି ।

ମଲ୍ଲି ମାଳତୀ ଯୁଇ ସେବତୀ
ଗେଣ୍ଡୁ ଟଗର ହସେ
ନାନା ଜାତିର ଶୋଭା ଫୁଲର
ବଗିଚା ଆମ ବାସେ ।

କଳା ଭଅଁର ପରଜାପତି
ଉଡ଼ନ୍ତି ଗୀତ ଗାଇ
ସୁଯୋଗ ଦେଖି ଯାଆନ୍ତି ବସି
ମଧୁ ଶୋଷିବା ପାଇଁ ।

ଟାଣୁଆ ଖରା ହୋଇଲେ ଭାବେ
ଝାଉଁଳି ଯିବ କାଳେ
ସଞ୍ଜ ସକାଳେ ପାଣି ମୁଁ ଢାଳେ
ଫୁଲଗଛର ମୂଳେ ।

ସକାଳୁ ଉଠି ସାରି ପାଇଟି
ମାଆ ବଗିଚା ବୁଲେ
ଚଉ ପାଶରେ ଘୂରି ଘୂରିକା
ଫୁଲ ସେ କେତେ ତୋଳେ ।

ସଫା ସୁତୁରା ରଖେ ତାହାକୁ
କାଢି ଅସନା ଚିଜ
ସପରିବାର ବସି ଯେ ଥାଉ
ଗପ କହନ୍ତି ଜେଜ ।

କେଶରପୁର, ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦

# ଚାଲ ବୁଲିଯିବା ବାବା ମନ୍ଦିର

## ରମେଶ ଚନ୍ଦ୍ର ଦାଶ




ଆମ ଦେଶରେ ସିକିମ୍ ବୋଲି ଗୋଟିଏ ରାଜ୍ୟ ଅଛି। ତାହାର ରାଜଧାନୀ ଗାଙ୍ଗ୍‌ଟକ୍‌ଠାରୁ ପ୍ରାୟ ୫୨ କିଲୋମିଟର ପାହାଡ଼ିଆ ସଂକୀର୍ଣ୍ଣ ରାସ୍ତାରେ ଗଲେ ପଡ଼େ ବାବାମନ୍ଦିର। ଏହି ସ୍ଥାନଟି ସମୁଦ୍ର ପତନଠାରୁ ପ୍ରାୟ ୧୩,୧୨୩ଫୁଟ ଉଚ୍ଚରେ ଅବସ୍ଥିତ। ଏହି ସ୍ଥାନଟି ଚୀନ୍-ଭାରତ ସୀମା ନାଥୁଲାଠାରୁ ଅଳ୍ପ ଦୂରରେ ଅବସ୍ଥିତ। ପାହାଡ଼ିଆ ସଂକୀର୍ଣ୍ଣ ରାସ୍ତା ହେତୁ ସେଠାରେ ପହଞ୍ଚିବାକୁ ପ୍ରାୟ ୪ରୁ ୫ଘଣ୍ଟା ସମୟ ଲାଗେ। ବାବାମନ୍ଦିର ଜଣେ ପ୍ରସିଦ୍ଧ ସୈନିକ ହରଭଜନ ସିଂହଙ୍କ ସ୍ମୃତିରେ ନିର୍ମିତ। ହରଭଜନ ସିଂହ ଭାରତୀୟ ସୈନ୍ୟବାହିନୀର ଜଣେ ସୈନିକ ଥିଲେ। ସେ ୧୯୪୬ମସିହାରେ ଜନ୍ମ ଗ୍ରହଣ କରିଥିଲେ। ସୈନ୍ୟବାହିନୀରେ କାର୍ଯ୍ୟରତ ଅବସ୍ଥାରେ ଗୋଟିଏ ନାଳ ଅତିକ୍ରମ କରିବା ସମୟରେ ସେଥିରେ ପଡ଼ି ୧୯୬୮ମସିହାରେ ମାତ୍ର ୨୨ବର୍ଷ ବୟସରେ ଶହୀଦ ହୋଇଥିଲେ। ସେତେବେଳେ ତାଙ୍କର ଶହୀଦ ଗୋଟିଏ ରହସ୍ୟମୟ ପରିସ୍ଥିତି ସୃଷ୍ଟି କରିଥିଲା। ତାଙ୍କର ମୃତଦେହ ନମିଳିବା କାରଣରୁ ତାଙ୍କୁ ପଳାତକ ଘୋଷିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କର ଜଣେ ବନ୍ଧୁଙ୍କ ସ୍ୱପ୍ନାଦେଶ ବଳରେ ତାଙ୍କୁ ଶହୀଦ ଘୋଷଣା କରାଯାଇଥିଲା। ସେ ଜୀବିତ ଅବସ୍ଥାରେ ଯେପରି ଦେଶ ପାଇଁ ଲଢୁଥିଲେ ଶହୀଦ ପରେ ବି ସେହିପରି କାମ କରନ୍ତି ବୋଲି ଲୋକମାନଙ୍କର ବିଶ୍ୱାସ ରହିଛି।

ସୀମାରେ କାର୍ଯ୍ୟରତ ସୈନ୍ୟମାନଙ୍କ କାର୍ଯ୍ୟରେ ଅବହେଳା ଦେଖିଲେ ପିଠିକୁ ଆଘାତ କରି ସେ ସଜାଗ କରାଇଦିଅନ୍ତି। ସେହିପରି ଶତ୍ରୁପକ୍ଷର ପ୍ରସ୍ତୁତି ସଂପର୍କରେ ଭାରତୀୟ ସୈନ୍ୟମାନଙ୍କୁ ସ୍ୱପ୍ନାକାରରେ ଜଣାଇ ଦେଶର ସୁରକ୍ଷା କରିଥାନ୍ତି। କେବଳ ଭାରତୀୟ ସୈନ୍ୟମାନଙ୍କର ନୁହେଁ ସମଗ୍ର ଭାରତୀୟମାନଙ୍କର ଏହା ଏକ ତୀର୍ଥ କ୍ଷେତ୍ର।

ଏହା ଏକ ତୀଅତ୍ୟଧିକ ଉଚ୍ଚ ହେତୁ ବୟସ୍କ ଓ ହୃଦରୋଗୀ ନିଃଶ୍ୱାସ ନେବାରେ ଅସୁବିଧା ଅନୁଭବ କରନ୍ତି। ସେଠାର ପାହାଡ଼ରେ ଥିବା ଝରଣାଗୁଡ଼ିକର ଜଳ ବରଫ ପାଲଟି ରୂପାମାଳର ଧାରଣା ସୃଷ୍ଟି କରିଥାଏ। ତାଙ୍କ ବିଷୟରେ ଆହୁରି ବହୁତ କଥା ଅଛି। ଯାହା ଜାଣିଲେ ଆମକୁ ଆହୁରି ଆଶ୍ଚର୍ଯ୍ୟ ଲାଗିବ।

ବାବା ମନ୍ଦିରରେ ହରଭଜନ ସିଂହଙ୍କୁ ପ୍ରତ୍ୟେହ ବହୁ ସୈନିକ ଓ ଦର୍ଶକ ପ୍ରଣାମ କରିଥାନ୍ତି। ସେଠାରେ ପ୍ରତ୍ୟେକ ଦର୍ଶକଙ୍କୁ ଶୁଖିଲା ପ୍ରସାଦ ଦେବାର ବନ୍ଦୋବସ୍ତ ରହିଛି। ଆମ ଭାରତର ଏହା ଗୋଟିଏ ସୁନ୍ଦର ଦର୍ଶନୀୟ ସ୍ଥାନ।

ଶିକ୍ଷାଶ୍ରୀ ଲେନ୍, ଅଠରନଳା,
କୁମ୍ଭାରପଡ଼ା, ପୁରୀ-୨, ପୁରୀ
ମୋ: ୯୭୭୬୨୩୮୫୨୨

# ବିଜ୍ଞାନ

## ଆଦ୍ୟାଶା ମହାପାତ୍ର

ବିଜ୍ଞାନ ବଳେ ଅସାଧ କାମ
ଏବେ ସହଜସାଧ
ସବୁ କ୍ଷେତ୍ରରେ ଅବଦାନ ତା
ସହଜେ ହୁଏ ବୋଧ ।

ବିଜ୍ଞାନ ପାଇଁ ଅଜ୍ଞାନ ରାତି
ଯାଇଛି ପରା ହଟି
ପ୍ରଚଳିତ କୁସଂସ୍କାର ବି
ଯାଇଛି ମନୁ କଟି ।
ଦୂରତା ଆଜି ମାନିଛି ହାର
ହେଉ ଜଳେ ବା ସ୍ଥଳେ
ଆକାଶ ପଥ ଖୋଲିଛି ପୁଣି
ଏଇ ବିଜ୍ଞାନ ବଳେ ।

ଉତ୍ପାଦନ ବା ଉପାର୍ଜନରେ
ବିଜ୍ଞାନ ମହା ଉତ୍ସ
ପ୍ରତିରକ୍ଷାରେ, ଗଣମାଧ୍ୟମେ
ତା ଅବଦାନ ଉଚ୍ଚ ।

ସୁଇଚ ଗୋଟେ ଟିପିଲେ ଆଜି
ଚାଲଇ କାରଖାନା
ଇଣ୍ଟରନେଟର ସୁବିଧା ନେଇ
ଅଜଣା ହୁଏ ଜଣା ।

ମଣିଷ ଯାଇଁ ଛୁଇଁ ଆସିଛି
ଜହ୍ନ ରାଇଜ ପୃଷ୍ଠ
ମହାମାରୀର ଔଷଧ ପୁଣି
ବିଜ୍ଞାନ ପାଇଁ ସୃଷ୍ଟ ।

ଘରକରଣା, ଶିକ୍ଷା, କୃଷି ବା
ମନୋରଞ୍ଜନ, ସ୍ୱାସ୍ଥ୍ୟ
ବିଜ୍ଞାନ ପାଇଁ ବିକାଶ ଧାରା
ଦେଖୁଛି ଏ ଜଗତ ।

+ନୂଆପଡା, କଟକ
ମୋ: ୯୪୩୭୨୭୫୫୪୨

# ଜେଜେ ତୁମେ ବୁଢ଼ା ହୋଇଗଲଣି

## ସୁନନ୍ଦା ମହାନ୍ତି





ଶଶୁରଙ୍କ ଦେହ ଭଲ ନାହିଁ ଗାଁକୁ ଯିବାକୁ ପଡିବ ଆଭାଙ୍କୁ। ନଣନ୍ଦ ତାଙ୍କ ଆଗରୁ ପହଁଞ୍ଚି ଯାଇ ଶଶୁର ବାପାଙ୍କ ସେବା କରୁଥିଲେ। ଆଭା ପହଁଞ୍ଚି ଯିବା ପରେ ଶଶୁରଙ୍କ ପାଇଁ ସେଦିନ ଚା ନେଇ ଗଲାବେଳକୁ ଶଶୁର ବାପା ତାଙ୍କ ଝିଅ ସଙ୍ଗେ କଣ କଥା ହେଉଛନ୍ତି କୌତୁହଳ ରେ ଶୁଣିବାକୁ କବାଟ ପାଖରେ ଛପି ଗଲେ ଆଭା। ନଣନ୍ଦ କୁନି ପଚାରୁଥିଲେ ଏ ଲିମ୍ବ ଗଛ ମୂଳଟାରେ ଶୋଇ ରହିଲେ ଦେହ ଆହୁରି ବିଗିଡି ଯିବନି ବାପା। ଏ କୋହଲିଆ ପାଗ ସାଙ୍ଗକୁ ତାପମାତ୍ରା ରେ ହ୍ରାସ ଦେହ ଖରାପ କରିଦେବ। ବାପା କହୁଥିଲେ ଦେହ ସଙ୍ଗେ ମନ ର ଗୋଟେ ଗଭୀର ସଂଯୋଗ ଅଛି ଜାଣିଛୁ ମାଆ। ତୋ ବୋଉ ଯେବେ ଗଛ ଲଗାଉଥିଲା ଓ ଗଛ ମରିଗଲେ କି ଶୁଖିଗଲେ ତା ଦେହ ଖରାପ ହୋଇ ଯାଉଥିଲା ତ ମୁଁ ସେକଥାର ପ୍ରମାଣ ପାଇସାରିଥିଲି। ସେ ଏଇ ଲିମ୍ବ ଗଛ ଲଗାଇ ସାରି କହୁଥିଲା। ଏ ହେଲେ ଦାରୁ ଦେବତା। ସତ ଦାରୁ ହୁଅନ୍ତୁ କି ନାହିଁ କିନ୍ତୁ ମଳୟ ପବନ ବାଜି ଚନ୍ଦନ ସୃଷ୍ଟି ହେଲା ପରି ଏହାର ପବନ ବାଜି ଦେହ ମୁଣ୍ଡ ସୁସ୍ଥ ରହିବ। ଲିମ୍ବ ଗଛରୁ ଆସୁଥିବା ପବନ ରେ ବହୁତ ଅମ୍ଳଯାନ ଥାଏ ବୋଲି ମଧ୍ୟ ବୋଉ ଜାଣିଥିଲା। ଲିମ୍ବ ଗଛ ସହ ତୁଳସୀ ଗଛ ଲଗାଇ ପରିବେଶ ସୃଷ୍ଟି କରି ଦେହ ମନ ସୁସ୍ଥ ରଖିପାରିବା ଭଳି ବିଜ୍ଞାନ ତୋ ବୋଉ ଜାଣିଥିଲା। ଲିମ୍ବ କଢି ଆସିଲେ ମୋର ଭାରି ମନ ତୋଳିବାକୁ କିନ୍ତୁ ବୋଉ ତୋର ହାତ ଦିଆଇ ଦେଉନଥିଲା କହୁଥିଲା ଏ ଲିମ୍ବ କଢ଼ରେ ଚନ୍ଦନ ସୁବାସ ରହିଛି। ପୁଣି ଶୁଆ ଓ ହଳଦୀବସନ୍ତ ଚଢ଼େଇଙ୍କ ବାସସ୍ଥଳ ହୋଇଛି। ତୁମେ ବରଂ ବଜାରରୁ କିଣି ଆଣ କିନ୍ତୁ ଏ ଗଛରେ ଆଙ୍କୁଡ଼ି ଲଗାଅ ନାହିଁ। ସେହି ସବୁ କଥା ତୋ ବୋଉ କହିଲା ବେଳେ ମୁଁ ବିରକ୍ତ ହୁଏ ସତ କିନ୍ତୁ ଏବେ ଅନୁଭବ କରିବାକୁ ଏ ଗଛ ମୂଳେ ଶୋଇଗଲେ ଶାନ୍ତି ମିଳୁଛି। ଆଭା ଏସବୁ ଶୁଣି ଚା ଗରମ କରିବାକୁ ଫେରିଯାଇ କମଳ ସହ ପୁଣି ଆସିଥିଲେ। ଶାଶୁରଙ୍କୁ ଘୋଡେଇ ଦେଇ ଚା ପିଇବାକୁ ଦେଇ ଖବର କାଗଜ ଧରେଇ ଦେଇଥିଲେ। ତାଙ୍କ ବୋଉଙ୍କ ଅନୁଭୂତି ଓ ଅନୁଭବ ରୁ ସେ ଜାଣନ୍ତି ସ୍ମୃତି କେବେ ମରେନା ବରଂ ନୂଆ ରୂପରେ ନୂଆ ଢଙ୍ଗରେ ଜୀବନ୍ତ ଲାଗୁଥାଏ ସବୁବେଳେ। ଝିଅ ବୋହୁଙ୍କୁ ଦେଖି ଉମାଶଙ୍କର ଟିକେ ଉଠିବସିଲେଣି। ଏବେ ଏବେ କୁନି ଫେରିଯିବେ। ଆଭା ମଧ୍ୟ ଡ଼ିସେମ୍ବର ମାସ ସରିଲେ ସ୍କୁଲରେ ଯୋଗ ଦେବେ ତ ବାପାଙ୍କୁ ଏଥର ଜୋର କରି ନେଇଯିବେ।

ସେଦିନ ବାପାଙ୍କୁ ସେହିକଥା କହିବାକୁ ଯାଇ ଆଭା ଦେଖିଲେ ବାପା ଆମ୍ବ ଗଛ ମୂଳେ ଖଟିଆ ପକେଇ ଶୋଇଛନ୍ତି। ପାଦ ମଟାଳୁ ମଟାଳୁ ମନକଥା ଖୋଲି କହିଲେ। ଏଥର ଆପଣଙ୍କୁ ଛାଡ଼ି ଏମିତିରେ ମୁଁ ଯାଉନି ବାପା। ବାପା ହସିଲେ କହିଲେ ହଁ ମୋ ନାତି ସହ ଖେଳିବାର ସୁଯୋଗ ପାଇବି। ଝିଟି କହି ଝିଟିପିଟି ଦେଖୁଥିବା ନାତି ଟୋକା ପାଖରେ ଝିଟିପିଟି ହେବି ସତ କିନ୍ତୁ ଏ ଘରେ ତ ମୁଁ ଗୋଟେ ଝିଟିପିଟି। କାନ୍ଥ ରଙ୍ଗ କରେ, ଅଳନ୍ଧୁ ଝାଡେ, ତୁମ ଶାଶୁ ଲଗେଇଥିବା ଗଛ ଗୁଡିକର ଯତ୍ନ ନିଏ ଝିଟିପିଟି ଚଢି ପାଚିଲା ପତ୍ର ଝଡ଼େଇଲା ପରି ଆଉ ପରି ନାତି ନାତୁଣୀ ପାଖେ ମଧ୍ୟ ଝିଟିପିଟି ଟିଏ ହୋଇ ଯାଇଥାନ୍ତି। ସେ ଝିଟିପିଟି କୁ ଚଟି କହି ଖୁବ ଡରୁଥିଲା ବେଳେ ତାକୁ ଡରେଇ ଦିଅନ୍ତି ମଝିରେ ମଝିରେ ଏଇ ଝିଟିପିଟି କହି ହେଲେ ଏଠି ମୋ ସମ୍ମୁଖରେ ମତେ ଏକୁଟିଆ କରି ଅହ୍ୟ ଡେଙ୍ଗୁରା ବଜେଇ ସ୍ମଶାନ ଯାଇଥିବା ମୋ ବୁଢ଼ୀ ଝିଟିପିଟିର ସ୍ମୃତି ସାଉଁଟି ବଞ୍ଚିବା ଏକ ନିଆରା ଅନୁଭବ ମାଆ ଆଭା। ମୁଁ ଯାଇପାରିବିନି। ଖଞ୍ଜାରେ ଥିବା ପୁତୁରା ବୋହୂ ଓ ନାତୁଣୀ ବୋହୂ ମାନେ ମୋ ଖିଆପିଆରେ ଜମା ହେଳା କରୁନାହାଁନ୍ତି। ମଝିରେ ମଝିରେ ଦେହ ଖରାପ ହେବା ମଣିଷର ସହଜାତ ସାଙ୍ଗକୁ ଏ ବୁଢା ଝିଟିପିଟି କୁ ବୟସ ହେଲାଣି ନା ନାହିଁ ମାଆ ଆଭା !ଆଭା ଚୁପ ରହିଥିବା ବେଳେ ନାତି କହୁଥିଲା ତୁମେ ଝିଟିପିଟି ନୁଁହଁ ଜେଜେ ପୁରା ପାଳଭୂତ। ନାତୁଣୀ ମିଶିଯାଇ ଭାଇ ସଙ୍ଗେ କହୁଥିଲା ହଁ ଜେଜେ ତୁମକୁ ଟିକେ ରଙ୍ଗ କରିଦେଲେ ତୁମ ମୁଁହଁ ସମ୍ପୂର୍ଣ୍ଣ ପାଳଭୂତ ପରି ଦେଖାଯିବ ପରା। ଓଃ ଏ ଭିତରେ ତୁମେ ଦୁହେଁ ବହୁତ ବଡ଼ ହୋଇଗଲଣି ବୋଲି ମୁଁ ବୁଢା ଝିଟିପିଟି ଜାଣିବି କୋଉଠୁ !ପୁଅ ରବି ପହଁଞ୍ଚି ଧମକାଉଥିଲା ପୁଅ ଝିଅଙ୍କୁ କହିକି ଜେଜେଙ୍କୁ କଣ ଏମିତି କୁହନ୍ତି ତ ଦଉଡି ପଳେଇଥିଲେ ଦୁହେଁ।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨

# ଆସୁଛି ନୂଆ ବରଷ

## ଧ୍ରୁବ ଚରଣ ଘିବେଲା

କିଏ ସେ ଆସୁଛି ନୂଆ ଲାଗୁଅଛି
ଅଚିହ୍ନା ଅଜଣା ଲାଗେ
ପାଖେଇ ଆସୁଛି ସେ ଆମ କତିକୁ
ମନେ ଉତ୍ସୁକତା ଜାଗେ ।
ଅଜଣା ଅତିଥି ନାହିଁ ପରିଚିତି
ପିନ୍ଧିକି ନୂଆ ପୋଷାକ
ହସିକି ଆସୁଛି ଖୁସିରେ ଯେମିତି
ପାଖେଇ ଆସୁଛି ଦେଖ ।
ଚିହ୍ନି ଜାଣି ରଖ ଦେଖିକି ପରଖ
କିଏ ସିଏ ହୋଇଥିବେ
ସିଏ କିଏ ନୁହଁ ଅତିଥି ସେ ଆମ
ରହିବେ ବର୍ଷେ ଏ ଭବେ।
ପଚିଶି ଗଲେ କି କେ ଆସିବ ଆଉ
ଛବିଶି ହିଁ ଆସୁଅଛି
ଦେଖ ଦେଖ ତାର ପୋଷାକ ଦେହରେ
ଛବିଶି ହିଁ ଲେଖାଅଛି ।
ବଡ଼ ଅକ୍ଷରରେ ଲେଖାଥିବା ଦେଖି
ନିଶ୍ଚିତ ହୋଇଲେ ସଭେ
ତା' ଭବ୍ୟ ସ୍ୱାଗତ ପାଇଁ କି ପ୍ରସ୍ତୁତି
ଲାଗିଲାଣି ଏଇ ଭବେ ।

ବଉଦରାଜ -୭୬୨୦୧୪, ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬

# ପୁନର୍ବାସ ପକ୍ଷରୁ ଜାତୀୟ ପରା କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା,୦୫/୧୨ (ନି.ପ୍ର): ଚଳିତ ୨୦୨୫ ମସିହାରେ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ଓଡ଼ିଶାର ପାରା କ୍ରୀଡ଼ାବିମାନେ ଅଜସ୍ର ସଫଳତା ଅର୍ଜନ କରିଛନ୍ତି । ଓଡିଶା ଦଳ ଜାତୀୟ ହୁଇଲ୍ ଚେୟାର୍ ରଗ୍ବି ଚମ୍ପିୟାନ ହେବାଠାରୁ ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତା ରେ ପୂର୍ବ ରେକର୍ଡକୁ ଭାଙ୍ଗି ୩୯ ଟି ପଦକ ହାସଲ ପାଇଛି । ସେହିପରି ବିଶ୍ୱ ଆବିଲିଟି ପ୍ରତିଯୋଗିତା ରେ ମଧ ଓଡିଶାର ପାରା କ୍ରୀଡ଼ାବିତ୍ ମାନେ ଦେଶରୁ ପ୍ରତିନିଧିତ୍ୱ କରି ବିଭିନ୍ନ ବର୍ଗରେ ୧୨ଟି ପଦକ ହାସଲ କରିଛନ୍ତି । ଏହି ସଫଳ କ୍ରୀଡାବିତ୍ ମାନଙ୍କ ମଧରେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ଶ୍ୟାମସୁନ୍ଦର ଗାଁର ପ୍ରଶାନ୍ତ କୁମାର ନାୟକ ଚମ୍ପିୟାନ୍ ହୁଇଲ୍ ଚେୟାର୍ ରଗ୍ବି ଦଳର ସଦସ୍ୟ ରହିଛନ୍ତି । ସେହିପରି ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତା ରେ ଡେରାବିଶ ବ୍ଲକ ହରିଅଙ୍କ ଗ୍ରାମର ବଳରାମ ସ୍ୱାଇଁ ୧୦୦ ମିଟର ପ୍ରତିଯୋଗିତା ରେ ସ୍ୱର୍ଣ୍ଣ ପଦକ ଓ ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ଗ୍ରାମର ସୁଧୀର ମଲିକ ରୌପ୍ୟ ପଦକ ହାସଲ କରିଛନ୍ତି, ସେ ମଧ ଜାତୀୟ ହୁଇଲ୍ ଚେୟାର୍ ରଗ୍ବି ଦଳର ସକ୍ରିୟ ସଦସ୍ୟ ଅଛନ୍ତି । ଏହି ସଫଳ କ୍ରୀଡାବିତ୍‌ଙ୍କୁ ଭିନ୍ନକ୍ଷମଙ୍କ ଥେରାପି ସେବା ଓ ସଶକ୍ତିକରଣ ପାଇଁ କାର୍ଯ୍ୟ ରତ ଅନୁଷ୍ଠାନ "ପୁନର୍ବାସ"ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସ୍ଥାନୀୟ ମାଧପୁରସ୍ଥିତ ଅମର ଉଦ୍ୟାନ ଠାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା,ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ,ବରିଷ୍ଠ ଜନପ୍ରିୟ ଚିକିତ୍ସକ ଡ଼ା ବିଶ୍ୱପ୍ରକାଶ କାନୁନଗୋ ଓ କେନ୍ଦ୍ରାପଡ଼ା ଅର୍ବାନ୍ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇ ଅକ୍ଷମତାକୁ ଅତିକ୍ରମ କରିବାର ମନୋବଳ ଜଣେ ଦିବ୍ୟାଙ୍ଗକୁ କେବଳ ସଫଳ କରାଏ ନାହିଁ ବରଂ ଅତି ସମର୍ଥବାନ୍ ବୋଲି ପ୍ରମାଣିତ କରେ ଏବଂ ଏହି ସମ୍ବର୍ଦ୍ଧିତ କ୍ରୀଡ଼ାବିତମାନେ ତା'ର ଜୀବନ୍ତ ଉଦାହରଣ ବୋଲି ମତ ପ୍ରକାଶ କରିଥିଲେ । ଅତିଥିମାନଙ୍କ ଦ୍ୱାରା ଓଡିଶା ପାରା କ୍ରୀଡାର ଉତ୍କର୍ଷତାକୁ ନେଇ ପୁନର୍ବାସ ପକ୍ଷରୁ ପ୍ରକାଶିତ ଦ୍ୱିଭାଷିକ ସମ୍ବାଦ ପତ୍ର "ପୁନର୍ବାସ ସମାଚାର ର ସ୍ୱତନ୍ତ୍ର ସଂଖ୍ୟାର ପାଠକାର୍ପଣ ହୋଇଥିଲା । ଏହାପରେ ସମାଜରେ ଭିନ୍ନକ୍ଷମମାନଙ୍କ ପ୍ରତି ଏକ ସମ୍ବେଦନଶୀଳ ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପୂର୍ବରୁ ସ୍କୁଲ୍ ଛାତ୍ରଛାତ୍ରୀଙ୍କମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗି ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅନୁଷ୍ଠାନର ସଭ୍ୟ ସ୍ୱପ୍ନାଂଶୁ କୁମାର ଦାସ, ମହମ୍ମଦ୍ ଜାହିଦ୍ ଖାନ୍, ପ୍ରଶାନ୍ତ କୁମାର ସିଂହ, କମଳାକାନ୍ତ ବେହେରା, କ୍ଷୀରୋଦ କର ଆଦି କାର୍ଯ୍ୟ କ୍ରମ ସମ୍ପାଦନାରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ବେଳେ ପରିଶେଷରେ ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁବର୍ଣ୍ଣପୁରଠାରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ - ୨୦୨୬ ଯୁବୋତ୍ସବ ପାଳିତ

ସୁବର୍ଣ୍ଣପୁର,୦୫/୧୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ସଂସ୍କୃତି ଭବନ ଠାରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ - ୨୦୨୬ ଯୁବୋତ୍ସବ' ପାଳିତ ହୋଇଥିଲା। ଏହି ଯୁବୋତ୍ସବକୁ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡଃ. ନୃପରାଜ ସାହୁଙ୍କ ଦ୍ୱାରା ଶୁଭ ଉଦ୍ଘାଟନ କରାଯାଇଥିଲା। ଏହି ଶୁଭ ଉଦଘାଟନ ସମୟରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଶ୍ରୀମତି ଅଞ୍ଜଳିନା ପ୍ରଧାନ, ସୋନପୁର ମ୍ୟୁନିସିପାଲିଟିର ଅଧକ୍ଷା, ଶ୍ରୀମତି ତାମସି ତମସ୍ୱିତ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଯୁବୋତ୍ସବ ପାଳନ ଉପଲକ୍ଷେ ପ୍ରଥମ ପର୍ଯ୍ୟାୟରେ ଡି.ଡି.ଆର.ସି.ସ୍ଥିତ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ ପୂର୍ବକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ତଦୋପରି ସଂସ୍କୃତି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଯୁବକ ଯୁବତୀ ମାନଙ୍କ ମଧ୍ୟରେ ଲୋକ ସଙ୍ଗୀତ ଓ ନାଚ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। ବିଚାରକ ମାନେ ଶ୍ରେଷ୍ଠ ଲୋକ ସଙ୍ଗୀତ, ଗାୟକ ଗାୟିକା ଓ ଶ୍ରେଷ୍ଠ ଲୋକ ନାଚ ଚୟନ କରିଥିଲେ। ପାଠାଗାର ଠାରେ ଯୁବକ ଯୁବତୀ ମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ କୃତିତ୍ୱ ହାସଲ କରିଥିବା ଯୁବକ ଯୁବତୀ ମାନଙ୍କୁ ବିଚାରକ ମାନଙ୍କ ଚୟନ କରାଯାଇଥିଲା। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା କାର୍ଯ୍ୟାଳୟ , ସୁବର୍ଣ୍ଣପୁର ସ୍ଥିତ ସମ୍ମିଳନୀ କକ୍ଷରେ ଯୁବକ ଯୁବତୀ ମାନଙ୍କ ମଧ୍ୟରେ କାହାଣୀ ଓ ପଦ୍ୟ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ କାହାଣୀ ଓ ପଦ୍ୟ ଲିଖନ କରିଥିବା ଯୁବକ ଓ ଯୁବତୀ ମାନଙ୍କୁ ବିଚାରକ ମାନଙ୍କ ଦ୍ୱାରା ଚୟନ କରାଯାଇଥିଲା। ଏହି ଯୁବୋତ୍ସବ ଅବସରରେ ଅନୁଷ୍ଠିତ ହୋଇଥିବା ୦୭(ସାତ) ଗୋଟି ବର୍ଗର ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଥିବା ଯୁବକ ଯୁବତୀ ମାନେ ରାଜ୍ୟ ସ୍ତରୀୟ ଯୁବୋତ୍ସବ ରେ ଅଂଶ ଗ୍ରହଣ କରିବେ। ଏହି ଯୁବୋତ୍ସବ ର ଦ୍ୱିତୀୟ ପର୍ଯ୍ୟାୟର ଜିଲ୍ଲା ସଂସ୍କୃତି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ କୃତି ଯୁବକ ଯୁବତୀ ମାନଙ୍କୁ ପୁରସ୍କାର ବିତରଣ ନିମନ୍ତେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ଶ୍ରୀମତି ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସୋନପୁର ମ୍ୟୁନିସିପାଲିଟିର ଅଧକ୍ଷା ଶ୍ରୀମତି ତାମସି ତାମସ୍ୱିତ ନାୟକ, ଚିତ ରଞ୍ଜନ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ, ସୁବର୍ଣ୍ଣପୁର ଓ ସୁଶ୍ରୀ ଯମୁନା ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ, ସୁବର୍ଣ୍ଣପୁର ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଉପରୋକ୍ତ ପ୍ରତିଯୋଗିତା ମାନଙ୍କରେ କୃତିତ୍ୱ ହାସଲ କରିଥିବା ଯୁବକ ଯୁବତୀ ମାନଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଥିଲେ। ଏହି ଯୁବୋତ୍ସବରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଅଂଚଳର ଯୁବକ ଯୁବତୀ ମାନଙ୍କ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ, ଅନେକ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଅର୍ଜୁନ ମାଝୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୋନପୁର, ସୁଶ୍ରୀ ପ୍ରୀତି ସୁନାଙ୍କ ସମେତ ବିଭିନ୍ନ ସମ୍ବାଦପତ୍ର ଗୁଡିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ଚାଷୀ ମାନଙ୍କ ସମସ୍ୟା ପାଇଁ ଦାବିପତ୍ର

କେନ୍ଦ୍ରାପଡା,୦୫/୧୨ (ନି.ପ୍ର): ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ଚାଷୀ ଏବଂ ଭାଗ ଚାଷୀ ଙ୍କ ସମସ୍ୟା ସମାଧାନ ନିମନ୍ତେ ଜିଲ୍ଲାପାଳ ଙ୍କୁ ସମ୍ବଳିତ ଦାବି ଗୁଡିକ ସମ୍ପର୍କ ରେ ଏକ ଦାବିପତ୍ର ପ୍ରଦାନ କରିଥିଲେ ଓ କେତେ ଗୁଡିଏ ଦାବି ମଧରୁ ଚାଷୀ ମାନଙ୍କର ଧାନ ଗୁଡିକୁ ବିନା କଟଣି ଛଟଣୀରେ ଗ୍ରହଣ କରିବା, ଦ୍ୱିତୀୟ ରେ ଫସଲବୀମା ରେ ଥିବା ଅସଙ୍ଗତି ଦୁରକରି ଚାଷୀ ପରିବାର କୁ ଫସଲବୀମା ଯୋଜନା ରେ ଅନ୍ତର୍ଭୁକ୍ତ କରନ୍ତୁ ଓ ୫୫ ବର୍ଷ ପରେ ଚାଷୀ ଏବଂ ଭାଗ ଚାଷୀ ମାନଙ୍କୁ ୧୦ ହଜାର ଟଙ୍କା ଭର୍ତ୍ତା ପ୍ରଦାନ କରାଯାଉ ଓ ଜିଲ୍ଲାର ଚାଷୀ ମାନଙ୍କ ଫସଲକୁ ଦୀର୍ଘ ଦିନ ରଖିବା ପାଇଁ ପ୍ରତ୍ୟକ ବ୍ଲକରେ ଶୀତଳ ଭଣ୍ଡାର ଖୋଲାଯାଉ ଓ ଅଣ ଜଳସେଚିତ ଜମିରେ ଉଠା ଜଳସେଚନ ବ୍ୟବସ୍ଥା କରାଯାଉ ଓ ଚାଷୀ ମାନଙ୍କୁ ବିହନ, ସାର ଏବଂ କୀଟନାଶକ ଠିକ ସମୟରେ ଯୋଗାଇ ଦିଆଯାଉ ବୋଲି ଦାବିପତ୍ର ରେ ଦର୍ଶା ଯାଇଛି ଓ ପ୍ରଦେଶ କିଶାନ କଂଗ୍ରେସ ଦାବୀ କରାଯାଉଛି ଉଭୟ ସରକାରୀ ଓ ବିରୋଧୀ ଦଳର ସଦସ୍ୟମାନେ ଏକ ହୋଇ ଚାଷ, ଚାଷୀ ଓ ଭାଗଚାଷୀ ମାନଙ୍କର ସମସ୍ୟାର ସ୍ଥାୟୀ ସମାଧାନ କଲେ ଚାଷୀ କୁଳ ନିଶ୍ଚିନ୍ତ ଖୁସି ହେବ । ଏହି କାର୍ଯ୍ୟ କ୍ରମ ରେ ଜିଲ୍ଲା କଂଗ୍ରେସ ପକ୍ଷରୁ କିଷାନ ମୋର୍ଚ୍ଚା ସଭାପତି ଶ୍ରୀ ଜୟଦେବ ପରିଡା ନେତୃତ୍ୱ ରେ ପୂର୍ବତନ ବିଧାୟିକା ଡକ୍ଟର ସିପ୍ରା ମଲ୍ଲିକ ଯୋଗ ଦେଇଥିଲେ ଓ ଆନ୍ୟ ମାନଙ୍କ ମଧ୍ୟରେ ଏମଡି ଆକବର ଅଲ୍ଲୀ, ପୂର୍ବତନ ବିଧାୟକ ଚିନ୍ମୟ ବେହେରା, ପୂର୍ବତନ ଇଓଉଉ ସଦର୍ଷ୍ୟ ହଳଧର ସେଠି,କିଷାନ କଂଗ୍ରେସ ସମ୍ପାଦକ ରଜନୀକାନ୍ତ ସାମଲ, ବିଭ୍ରାଂଶୁ ଶେଖର ଲେଙ୍କା,ମହେନ୍ଦ୍ର ତ୍ରିପାଠୀ,ଚଉଉ ସମ୍ପାଦକ ସସ୍ମିତା ପଣ୍ଡା,ସୁମନ୍ତ କୁମାର ସେଠି ପ୍ରମୁଖ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଓଭରବ୍ରିଜରେ ଲାଗିଲା ରଙ୍ଗୀନ ଲାଇଟର ଓଡିଆ ସାଇନବୋର୍ଡ

ଜୟପୁର,୦୫/୧୨ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସହରକୁ ପୌରସଂସ୍ଥା ପକ୍ଷରୁ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ସ୍ଥାନରେ ଓଡିଆ ଓ ଇଂରାଜୀ ଭାଷାରେ ଲିଖିତ ରଙ୍ଗୀନ ଲାଇଟରେ ସୁସଜ୍ଜିତ ସାଇନବୋର୍ଡ ଲାଗିବା ନେଇ ପୌରସଂସ୍ଥା ପକ୍ଷରୁ ଟେଣ୍ଡର ମାଧମରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜୟପୁର ସହରର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଜାତୀୟ ରାଜପଥ ଉପରେ ବିଶ୍ୱବିଦ୍ୟାଳୟର ଦୁଇଟି ଭବନକୁ ସଂଯୋଗ କରୁଥିବା ଫୁଟପାଥ ଓଭର ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ଓଡିଆ ଭାଷାରେ 'ଜୟପୁର-ବିଜୟର ସହର' ଓ ଇଂରାଜୀ ଭାଷାରେ 'ଜୟପୁର- ଦ ସିଟି ଅଫ ଭିକ୍ଟୁରି ' ଲେଖା ସାଇନବୋର୍ଡ ଆଜି ଲଗାଯାଇଛି । ଏହିପରି ରାତିରେ ଏହା ସୁନ୍ଦର ରଙ୍ଗୀନ ଲାଇଟ ଦ୍ୱାରା ଦୃଶ୍ୟମାନ ହେବ । ପ୍ରାୟ ସାଢେ ୨ ଲକ୍ଷ ଟଙ୍କାର ଟେଣ୍ଡର ମାଧ୍ୟମରେ ଏହା ଠିକାସଂସ୍ଥା ଦ୍ୱାରା ନିର୍ମାଣ କରାଯାଇଥିବା ବେଳେ ସହରର ମୁଖ୍ୟ ତଥା କୁମାର ବିଦ୍ୟାଧର ସିଂ ଦେଓ ଦୈନିକ ବଜାରରେ ପୂର୍ବପଟେ ରହିଥିବା ଦୁଇଟି, ଉତ୍ତର ଏବଂ ପଶ୍ଚିମରେ ଗୋଟିଏ ଲେଖାଏଁ ପାଇଁ ୨ ଲକ୍ଷ ଟଙ୍କାର ଏବଂ ଦକ୍ଷିଣ ଦିଗରେ ରହିଥିବା ମୁଖ୍ୟ ଫାଟକ ନିମନ୍ତେ ୫ ଲକ୍ଷ ଟଙ୍କାର ସୌନ୍ଦର୍ଯ୍ୟ କରଣ କରାଯିବ । ଏଥିନେଇ ଗାଇ ପ୍ରବେଶ ନ କରିବା ଫାଟକ ଏବଂ ସାଇନବୋର୍ଡ ଏବଂ ଅନ୍ୟାନ୍ୟ ପ୍ରବେଶ ପଥର ସୌନ୍ଦର୍ଯ୍ୟ କରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଟେଣ୍ଡର ଶେଷ ହୋଇଯାଇଛି ।

# ସୁଭଦ୍ରା ଶକ୍ତି ମେଳା ଆମ ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନର ଶକ୍ତି କ୍ଷେତ୍ର

ପୁରୀ/କୋଣାର୍କ,୦୫/୧୨ (ନି.ପ୍ର): ସୁଭଦ୍ରା ଶକ୍ତି ମେଳା ଆମ ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନର ଶକ୍ତି କ୍ଷେତ୍ର ପାଲଟିଛି। ଆମେ ଯେଉଁ ଉତ୍ପାଦ କରୁଛୁ ତାହାର ପ୍ରଦର୍ଶନ ଓ ବିକ୍ରି ସୁଭଦ୍ରା ଶକ୍ତି ମେଳାରେ କରିବା ସହ ଆମ ଆର୍ଥିକ ସ୍ଥିତିକୁ ମଜବୁତ କରି ପାରୁଛୁ ବୋଲି କହିଛନ୍ତି ଉତ୍ପାଦକ ଗୋଷ୍ଠୀର ମା ମାନେ। କୋଣାର୍କ ଚନ୍ଦ୍ରଭାଗା ଠାରେ ଆୟୋଜିତ ହେଉଛି ସୁଭଦ୍ରା ଶକ୍ତି ମେଳା। ଗତ ୧ ତାରିଖ ଠାରୁ ଏହାର ଶୁଭାରମ୍ଭ ହୋଇଥିବା ବେଳେ ଚଳିତ ମାସ ୭ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ରାଜ୍ୟର ବିଭିନ୍ନ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ଉତ୍ପାଦକୁ ଏଠାରେ ପ୍ରଦର୍ଶିତ କରି ଲୋକ ମାନଙ୍କୁ ଆକୃଷ୍ଟ କରୁଛନ୍ତି। କୋରାପୁଟରୁ ଆସିଥିବା ବିନାୟକ ଗୁଣ୍ଡ ଯିଏ ପାରମ୍ପରିକ ଖାଦ୍ୟ ଶସ୍ୟ ଓ ମସଲା, ଦେଶୀ ନାଲି ଚାଉଳ, ହଳଦୀ, ମାଣ୍ଡିଆ ଇତ୍ୟାଦି ବିକ୍ରି କରି ଖୁସି ଅଛନ୍ତି। ସେହିପରି ଅନୁଗୁଳ ବଡଯୋରଡାର ଲିପିକା ପ୍ରଧାନ ବସ୍ତ୍ର, କନ୍ଧମାଳ ଟିକାବାଲିର ନର୍ମଦା ମଲ୍ଲିକ ହଳଦୀ, କୋଳଥ, ବିରି ଇତ୍ୟାଦି ଖାଦ୍ୟ ସାମଗ୍ରୀ, ପିପିଲି ନିଜିଗଡ କୁରକ୍ଷୀ ସଞ୍ଜୟ ପରିଡା ଟେରାକୋଟା ସାମଗ୍ରୀ, ହିନ୍ଦୋଳ ଢେଙ୍କାନାଳର ବେବିନା ରାଉତ ଟେଲରିଂ ସାମଗ୍ରୀ, ରାୟଗଡାର ଆପାଲାମା ପାଲାକା ଝାଡୁ ବ୍ୟବସାୟ କରିବାକୁ ଆସିଛନ୍ତି। ଏଠାରେ ପ୍ରଥମ ଥର ମେଳା ହେଉଛି। ବିକ୍ରି ଯେଉଁଭଳି ହେଉଛି ତାହା ସନ୍ତୋଷଜନକ। ଏଠାରେ ଯଦି ନିୟମିତ ମେଳା ହୁଅନ୍ତା ତେବେ ଲୋକଙ୍କୁ ଆକୃଷ୍ଟ କରିବ ଓ ଆମର ବ୍ୟବସାୟ ଭଲ ହେବ ବୋଲି କହିଛନ୍ତି ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ। ଖାଦ୍ୟ ମେଳା ମଧ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ସାଜିଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମିଶନ ଶକ୍ତିର ସମ୍ପୂର୍ଣ୍ଣ ଟିମ ମେଳାକୁ ସରସ ସୁନ୍ଦର କରିବାକୁ ଯତ୍ନବାନ ଅଛନ୍ତି।୨୦୦ ରୁ ଉର୍ଦ୍ଧ୍ୱ ଷ୍ଟଲ ଦର୍ଶକ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ପ୍ରତି ସଂଧ୍ୟାରେ ସୁଭଦ୍ରା ଶକ୍ତି ମେଳା ଷ୍ଟେଜରେ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ ଆୟୋଜନ କରାଯାଇଛି।

# ଏସିବି ଫାଉଣ୍ଡେସନର ସପ୍ତମ ପ୍ରତିଷ୍ଠା ଉତ୍ସବ: ସେବାକାର୍ଯ୍ୟ ସହ ବରିଷ୍ଠଙ୍କୁ ଦିଆଗଲା ପ୍ରତିଭା ସମ୍ବର୍ଦ୍ଧନା

ଭଦ୍ରକ,୦୫/୧୨ (ନି.ପ୍ର): ବନ୍ତ ବ୍ଲକ ସନ୍ନିକଟ କାହାଳିଆଗଡିଆ ଠାରେ ଏସିବି ଫାଉଣ୍ଡେସନର ସପ୍ତମ ବାର୍ଷିକୀ ପ୍ରତିଷ୍ଠା ଉତ୍ସବ ଆଜି ଦିବସ ବ୍ୟାପି ପାଳିତ ହୋଇଯାଇଛି । ଏହି ଅବସରରେ ସଂପୃକ୍ତ ଅଂଚଳର ଦେଢ ଶହରୁ ଉର୍ଦ୍ଧ ଅଭାବୀ ଲୋକଙ୍କୁ କମ୍ବଳ ବଂଟନ କରାଯାଇଥିବା ବେଳେ ବରିଷ୍ଠ ନାଗରିକ ଓ ବିଭିନ୍ନ ବର୍ଗର ପ୍ରତିଭାଧରଙ୍କୁ ସମ୍ମାନିତ ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଫାଉଣ୍ଡେସନର ପ୍ରତିଷ୍ଠାତା ବିଶିଷ୍ଟ ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ବେହେରା ତାଙ୍କ ସ୍ୱାଗତ ଅଭିଭାଷଣରେ ବାଲ୍ୟରୁ ଦାନର ମହତ୍ୱକୁ ମୁଁ ବୁଝିଥିବା ବେଳେ ମାନବ ସେବ ଶ୍ରେଷ୍ଠ ଧର୍ମ ଭାବେ ଗ୍ରହଣ କରି ଫାଉଣ୍ଡେସନ୍ ମାଧମରେ ବର୍ଷ ତମାମ୍ ସେବା କାର୍ଯ୍ୟ କରି ଆତ୍ମ ସନ୍ତୋଷ ପାଉଥିବା କହିଥିଲେ । ଆୟୋଜିତ ସଭାକୁ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁରଥ କୁମାର ସାହୁ ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅତିଥି କେନ୍ଦୁଝର ଜିଲ୍ଲା ପରିଷଦ ଉପାଧକ୍ଷ ସୋମନାଥ ଦାସ କହିଲେ, ଫାଉଣ୍ଡେସନର ସେବା କାର୍ଯ୍ୟ ସମାଜକୁ ଖୁବ୍ ପ୍ରଭାବିତ କରିଛି ,ଭବିଷ୍ୟତରେ ଏଭଳି ଜନ କଲ୍ୟାଣ କାର୍ଯ୍ୟ କରିବା ସମସ୍ତଙ୍କ ପାଇଁ ଧେୟ ହେଉ । ବିଶିଷ୍ଟ ଅତିଥି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନୃସିଂହ ଚରଣ ଦେହୁରୀ, ମୁଖ୍ୟବକ୍ତା ପ୍ରାକ୍ତନ ବ୍ଲକ ଅଧକ୍ଷ ତଥା ସୋସୋ ଆଂଚଳିକ ବରିଷ୍ଠ ନାଗରିକ ମଂଚର ସଭାପତି ପର୍ଶୁରାମ ପେଡା, ସମ୍ମାନିତ ଅତିଥି ଖଇରା କଲେଜର ଅବସରପ୍ରାପ୍ତ ଅଧକ୍ଷ ମୁକ୍ତିକାନ୍ତ ଶତପଥି, ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ କମଳ ଲୋଚନ ବିଶ୍ୱାଳ,ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ସିଂହ,ଗୋପାଳ କୃଷ୍ଣ ରାଉତ ପ୍ରମୁଖ ଯୋଗଦେଇ ଫାଉଣ୍ଡେସନ ଯେଉଁ ଲକ୍ଷ୍ୟ ଉଦେଶ୍ୟ ନେଇ ଗଠିତ ହୋଇଥିଲା ବାସ୍ତବ ପକ୍ଷେ ତାକୁ ସାକାର କରୁଛି, ସଂପୃକ୍ତ ଅଂଚଳର ଅଭାବୀ ଲୋକଙ୍କୁ ଶୀତ ବସ୍ତ୍ର ବଂଟନ, ମେଧା ଛାତ୍ର ପ୍ରୋତ୍ସାହନ ସର୍ବୋପରି ବିଭିନ୍ନ ବର୍ଗର ପ୍ରତିଭାଧର ସମ୍ବର୍ଦ୍ଧିତ କରିବା ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ସାଜିଛି ବୋଲି ଅତିଥି ମାନେ କହିଥିଲେ ।

# ଖଡିଆଲ କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା ସମିତି ବୈଠକ

ନୂଆପଡା,୦୫/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଲ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପରିସର ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାସ ଅଧକ୍ଷତା କରିଥିବା ବେଳେ ନୂତନ ବିଦ୍ୟାଳୟ ବିଲ୍ଡିଂ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ପାଇଁ ନିର୍ମାଣ ସଂସ୍ଥାକୁ ଆହ୍ୱାନ କରିଥିଲେ। ବିଦ୍ୟାଳୟ ପାଇଁ ଆବଶ୍ୟକ ଅତିରିକ୍ତ ଶ୍ରେଣୀ ଗୃହ, ଛାତ୍ରଛାତ୍ରୀଙ୍କ ପାଇଁ ଆବଶ୍ୟକ ଶୌଚାଳୟ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ଆସନ୍ତା ଦିନରେ ଅନୁଷ୍ଠିତ ହେବାକୁ ଥିବା ଖଡିଆଲ ମହୋତ୍ସବରେ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଏକ କୁଟୀର ଶିଳ୍ପ ପାଇଁ ଷ୍ଟଲ ଲାଗିବା ଉପରେ ଆଲୋଚନା ହୋଇଥିଲା। ଏକ ମାଗଣା ଷ୍ଟଲ ଅନୁରୋଧ କରିଛନ୍ତି।

ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ସଂଜୀବ କୁମାର ସାହୁ, ସଦସ୍ୟ ତପନ ରଂଜନ ଦାସ, ଅଧିକ୍ଷଣ ଯନ୍ତ୍ରୀ ଶୈଳେଶ ଶୁକ୍ଲା, ତହସିଲଦାର ନରସିଂହ ଗଡବା, ବିଡ଼ିଓ ମିଳନ ଝଙ୍କାର,ଏନ୍ ଏ ସି ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ପ୍ରମୁଖ ଯୋଗଦାନ କରିଥିଲେ।

# ଭିନ୍ନକ୍ଷମ ହୁଇଲ ଚେୟାର କ୍ରିକେଟ୍ ଟୁର୍ଣ୍ଣାମେଂଟ : ଗୋଆ ଚମ୍ପିଆନ

ଧର୍ମଶାଳା,୦୫/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଷ୍ଟାଡିୟମରେ ଖେଲ ଇଣ୍ଡିଆ ୨୦୨୫ ଆନୁକୁଲ୍ୟରେ ଚାଲିଥିବା ଭିନ୍ନକ୍ଷମ ହୁଇଲ ଚେୟାର କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସର ଫାଇନାଲ ମ୍ୟାଚ ଛତିଶଗଡ ଓ ଗୋଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଛତିଶଗଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ କିଶାନ ରାବତ ୩୬ ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ଦଳର ନିଖଲେଶ ୨ଟି ଉଇକେଟ ନେଇଥିଲେ । ଜବାବରେ ଗୋଆ ବ୍ୟାଟିଂ କରି ୧୯ ଓଭରରେ ବିଜୟ ହାସଲ କରି ଚଳିତ ଥର ପାଇଁ ଚମ୍ପିଅନ ହୋଇଛି । ଦଳ ପକ୍ଷରୁ ନିଖଲେଶ ୬୦ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଛତିଶଗଡ ଦଳର କିଶାନ ରାବତ ୨ଟି ଉକେଟ ଅକ୍ତିଆର କରିଥିଲେ । ଆଜିର ମ୍ୟାନ ଅଫଦି ମ୍ୟାଚ ଓ ସିରିଜରେ ଶ୍ରେଷ୍ଠ ଖେଳାଳୀ ଭାବେ ନିଖଲେଶଙ୍କ ନାମ ଘୋଷଣା କରାଯାଇଥିବା ବେଳେ ସର୍ବକୃଷ୍ଟ ବ୍ୟାଟ୍ସମ୍ୟାନ ଭାବେ କିଶାନ ରାବତ ଓ ସର୍ବକୃଷ୍ଟ ବୋଲର ଭାବେ ଓଡିଶାର ଶଙ୍କରଙ୍କ ନାମ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା । ଆୟୋଜିତ ଉଦଯାପନୀ ଉତ୍ସବରେ ଅତିଥି ଭାବେ ଷ୍ଟାଡିୟମ କମିଟିର ସଭାପତି ଦେବରାଜ ମିଶ୍ର, ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ,ଅବସରପ୍ରାପ୍ତ ଶିକ୍ଷକ ସୁଦୀପ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଗୋଆ ଦଳକୁ ଚମ୍ପିଆନ ଟ୍ରଫି ଓ ରନରର୍ଣଅପ ଦଳ ଛତିଶଗଡକୁ ଟ୍ରଫି ପ୍ରଦାନ କରିଥିଲେ । ଆଜିର ମ୍ୟାଚକୁ ସୁରଥ ପାତ୍ର ଓ ଗୌରୀ ଶଙ୍କର ଜେନା ପରିଚାଳନା କରିଥିଲେ । ସ୍କୋରରେ ଶିବସୁନ୍ଦର ଦାସ ସହୟତା କରିଥିବା ବେଳେ ବୁବୁ ସିହ୍ନା ଭାଷ୍ୟକାର ଭାବେ ପରିଚାଳନା ଦାୟିତ୍ୱ ନେଇଥିଲେ ।

# ବୁଲିଲା ବୁଲଡୋଜର ଭାଙ୍ଗିଲା ନିଶା ବେପାରୀଙ୍କ ଘର : ଆକ୍ସନ ମୁଡରେ ପୁରୀ ଏସପି

ପୁରୀ,୦୫/୧୨ (ନି.ପ୍ର): ଅପରେସନ ଚକ୍ର ଅଭିଯାନରେ ପୁରୀ ପୋଲିସକୁ ସଫଳତା ମିଳିଛି । ସେପ୍ଟେମ୍ବର ୨୭ ତାରିଖରେ ପୁରୀ ସଦରଥାନା ଅନ୍ତର୍ଗତ ନୀଳଚକ୍ର ନଗରରୁ ପ୍ରାୟ ୨୦ ଲକ୍ଷ ଟଙ୍କାର ୨ଶହ ଗ୍ରାମ ବ୍ରାଉନସୁଗାର ପୋଲିସ ଜବତ କରି ସୁକାନ୍ତି ପଣ୍ଡାକୁ ଗିରଫ କରିଥିଲେ । ପରେ ତଦନ୍ତ କରିବା ପରେ ଜଣାପଡିଲା ସରକାରୀ ଜାଗା ଉପରେ ସୁକାନ୍ତି ୪ ବଖରା ଘର କରିଥିଲା, ଯାହା ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଥିଲା । ଯାହାଫଳରେ ସ୍ଥାନୀୟ ଯୁବକ ମାନେ ନିଶାସକ୍ତ ହେବା ସହିତ ଅଂଚଳରେ ମାରପିଟ, ଚୋରି, ଛିନତାଇ ଓ ଲୁଟ ଘଟଣା ବୃଦ୍ଧି ପାଇବାରେ ଲାଗିଥିଲା । ଅଂଚଳବାସୀ ମଧ ଏଥିରେ ଅତିଷ୍ଠ ହୋଇ ପୋଲିସ ପାଖରେ ଅଭିଯୋଗ କରିଥିଲେ । ଏହାକୁ ଆଧାର କରି ପୁରୀର ଯୁବ ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ସଦର ଏସଡିପିଓ ରବିନାରାୟଣ ଭଞ୍ଜ, ସଦରଥାନା ଆଇଆଇସି ଓ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ବୁଲଡୋଜରରେ ଦ୍ୱାରା ଘରଟିକୁ ସମ୍ପୂର୍ଣ୍ଣ ଭଙ୍ଗା ଯାଇଥିଲା । ଏ ସମ୍ପର୍କରେ ପୁରୀ ଏସପି ଶ୍ରୀ ସିଂ କୁହନ୍ତି, ନିଶା ବେପାରୀଙ୍କୁ ଦୃଢ ହସ୍ତରେ ଦମନ କରାଯିବ । ନିଶା ବେପାରୀ ଛୋଟ ହେଉ ବା ବଡ ହେଉ କାହାରିକୁ ଛଡା ଯିବ ନାହିଁ । ସୁକାନ୍ତିର ଜ୍ୱାଇଁ ମଧ ଏହି କାରବାରରେ ଜଡ଼ିତ ହୋଇ ୧୭ଟି ମାମଲାରେ ଜେଲ ଯାଇଛି । ପରିବାରର ଅନ୍ୟ ଲୋକମାନେ ଏହି କାରବାରରେ ସମ୍ପୃକ୍ତି ରହିଥିଲେ । ପୁରୀ ସହରକୁ ନିଶାମୁକ୍ତ କରିବା ପାଇଁ ଅପରେସନ ଚକ୍ର ବୁଲୁଛି । ଏହି ଘଟଣା ପରେ ନିଶା ବେପାରୀଙ୍କ ମଧ୍ୟରେ ଛନକା ପଶିଛି । ଏସପିଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଥାନାର ପୋଲିସ ନିଶା ବେପାରୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଯୁବ ଏସପିଙ୍କ ଜବରଦସ୍ତ କାର୍ଯ୍ୟକଳାପ ଦେଖି ଅଂଚଳବାସୀ ଖୁସିବ୍ୟକ୍ତ କରିଛନ୍ତି ।

# ଉନ୍ନତ ସୁବିଧା ପାଇଁ ଯାତ୍ରୀ ସଂରକ୍ଷଣ ସେବାକୁ ସୁଗମ କରୁଛି ପୂର୍ବତଟ ରେଳପଥ

ଭୁବନେଶ୍ୱର,୦୫/୧୨ (ନି.ପ୍ର): ପୂର୍ବ ତଟ ରେଳପଥ ଏହାର କାର୍ଯ୍ୟକ୍ଷମ ପ୍ରଣାଳୀକୁ ଉନ୍ନତ କରି ଦକ୍ଷ, ଯାତ୍ରୀ-ଅନୁକୂଳ ସେବା ପ୍ରଦାନ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି । ଏହି ପଦକ୍ଷେପର ଏକ ଅଂଶ ଭାବରେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସମ୍ବଳର ଉତମ ବ୍ୟବହାର ସୁନିଶ୍ଚିତ କରିବା ଏବଂ ଡିଜିଟାଲ୍ ଟିକେଟିଂ ଆଡକୁ ବର୍ଦ୍ଧିତ ପରିବର୍ତନକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ କାଉଣ୍ଟର ଗୁଡ଼ିକର ନିରନ୍ତର ସମୀକ୍ଷା କରୁଛି । ମେରାମଣ୍ଡଳୀ ଏବଂ କଣାସ ରୋଡ୍ ରେଳ ଷ୍ଟେସନରେ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ (ପିଆରଏସ) କାଉଂଟର ଗୁଡ଼ିକୁ ୨୧.୧୨. ୨୦୨୫ ଠାରୁ କମ୍ ପୃଷ୍ଠପୋଷକତା ଯୋଗୁଁ ପ୍ରତ୍ୟାହାର କରାଯିବାକୁ ନିଷ୍ପତି ନିଆଯାଇଛି । ମେରାମଣ୍ଡଳୀ ଏବଂ କଣାସ ରୋଡ୍ ରେ ଦୈନିକ ହାରାହାରି ଯାତ୍ରୀ ସଂରକ୍ଷଣ ସଂଖ୍ୟା ଯଥାକ୍ରମେ ପ୍ରାୟ ୧୪ ଏବଂ ୧୧ ଟି ଟିକେଟ ଅଟେ। ଏହି ଅଂଚଳର ଯାତ୍ରୀମାନେ ନିକଟବର୍ତୀ ସଂରକ୍ଷଣ ପ୍ରଣାଳୀ ସୁବିଧାର ଉପଯୋଗ ପାଇବା ଜାରି ରଖିବେ। କଣାସ ରୋଡ୍ ଅଂଚଳ ପାଇଁ ଡେଲାଙ୍ଗ (୪ କିଲୋମିଟର ଦୂର) ଏବଂ ସାକ୍ଷୀଗୋପାଳ (୧୪ କିଲୋମିଟର ଦୂର) ରେ ସଂରକ୍ଷଣ କାଉଂଟର ଉପଲବ୍ଧ ଅଛି । ସେହିପରି ମେରାମଣ୍ଡଳୀ ଅଞ୍ଚଳ ପାଇଁ: ତାଳଚେର ଏବଂ ତାଳଚେର ରୋଡ ଷ୍ଟେସନ ଦ୍ୱୟ ଠାରେ ପିଆରଏସ ସୁବିଧା ଉପଲବ୍ଧ ଏବଂ ଉଭୟ ଟିକେଟ କେନ୍ଦ୍ର ୧୫ କିଲୋମିଟର ମଧ୍ୟରେ ଅବସ୍ଥିତ । ପୂର୍ବତଟ ରେଳପଥ ମଧ ଅନଲାଇନ୍ ଟିକେଟ ବୁକିଂ ପ୍ରତି ଯାତ୍ରୀମାନଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତନ ଲକ୍ଷ୍ୟ କରିଛି । ସଂରକ୍ଷିତ ଟିକେଟର ଏକ ପ୍ରମୁଖ ପ୍ରତିଶତ ବର୍ତମାନ ଆଇଆରସିଟିସି ୱେବସାଇଟ୍ ଏବଂ ମୋବାଇଲ୍ ଆପ୍ ଭଳି ଡିଜିଟାଲ ପ୍ଲାଟଫର୍ମ ମାଧମରେ ବୁକ୍ କରାଯାଉଛି ।ଏହା ସହିତ, କଟକ ହାଇକୋର୍ଟ ଠାରେ କାର୍ଯ୍ୟକାରୀ ଥିବା ଅଣ-ରେଳ ସ୍ଥାନ ପିଆରଏସ କାଉଣ୍ଟରକୁ କାର୍ଯ୍ୟକ୍ଷମ ଆବଶ୍ୟକତା ଏବଂ ସୁରକ୍ଷା ପ୍ରୋଟୋକଲକୁ ବିଚାରକୁ ନେଇ ବ୍ୟାଙ୍କ ଛୁଟିଦିନରେ ବନ୍ଦ ରଖାଯିବାକୁ ନିଷ୍ପତି ନିଆଯାଇଛି। ଏଠି ପାଇଁ କୌଣସି ସାଧାରଣ କାର୍ଯ୍ୟ ଦିବସ ପ୍ରଭାବିତ ହେବ ନାହିଁ । ଯାତ୍ରୀମାନଙ୍କୁ ସମୟୋଚିତ ଯୋଗାଯୋଗ ସୁନିଶ୍ଚିତ କରିବା ପାଇଁ ଏହି ପରିବର୍ତନଗୁଡ଼ିକ ସମ୍ବନ୍ଧୀୟ ବିଜ୍ଞପ୍ତିଗୁଡ଼ିକ ସମ୍ପୃକ୍ତ ଷ୍ଟେସନ ଏବଂ ପିଆରଏସର ପ୍ରମୁଖ ସ୍ଥାନରେ ପ୍ରଦର୍ଶିତ କରଯାଉଛି । ସୁଗମ କାର୍ଯ୍ୟାନ୍ୱୟନ ପାଇଁ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ସମ୍ପୃକ୍ତ ରେଳ ସେକ୍ସନର ମୁଖ୍ୟ ବାଣିଜ୍ୟିକ ନିରୀକ୍ଷକଙ୍କ ସହିତ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି ।

# କଲ୍ୟାଣ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

ଘଟଗାଁ,୦୫/୧୨ (ନି.ପ୍ର): କଲ୍ୟାଣ ସ୍ୱଚ୍ଛୋସେବୀ ସଂଗଠନ ପକ୍ଷରୁ ଆନ୍ତର୍ଜାତିକ ଭିନ୍ନସମ ଦିବସ ପାଳିତ ହୋଇଯାଇଛି। ସ୍ୱେଚ୍ଛୋସେବୀ ଦେବରାଜ ସାହୁଙ୍କ ସଂଯୋଜନା ରେ ଆୟୋଜିତ ଭିର୍ନକ୍ଷମ ଦିବସ ପାଳନ ଅବସରରେ ଅତିଥି ଭାବେ ବରିଷ୍ଠ ନାଗରିକ ବୁଲୁପଟନାୟକ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ତାଲିମ ମଧ୍ୟମରେ ଆତ୍ମନିର୍ଭରଶୀଳ କରିବା ପାଇଁ ମତଦେଇ ଥିଲେ। କଲ୍ୟାଣର ସହଯୋଗୀ ଭରତ କୁମାର ମିଶ୍ର ଯୋଗ ଦେଇ ଆନନ୍ଦପୁର ଅଂଚଳରେ ରହୁଥିବା ଭିନ୍ନକ୍ଷମମାନେ ଅନେକ ସମୟରେ ବହୁ ଅସୁବିଧାରେ ସମ୍ମୁଖିନ ହେଉଥିବା ନେଇ ଉଦବେଗ ପ୍ରକାଶ କରିଥିଲେ ଉପଦେଷ୍ଟା ଦିପକ କୁମାର ବାସ ଯୋଗ ଦେଇ ସରକାର ଙ୍କ ବିଭିନ୍ନ ଯୋଜନା ଥିବାବେଳେ ଭିନ୍ନକ୍ଷମ ମାନଙ୍କୁ ସାମିଲ କରିବା ପାଇଁ ସହଯୋଗ କରିବାକୁ ଦୃଢ ନିଷ୍ପତି ନେବା ପାଇଁ ଉପସ୍ଥିତ ଭିନ୍ନକ୍ଷମ ମାନଙ୍କୁ ଅନୁରୋଧ କରିଥିଲେ। ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଥିବା ବେଳେ ଅଧିକାରୀ ଓ କର୍ମଚାରି ମାନେ ଏହି ଯୋଜନା କୁ କାର୍ଯ୍ୟକାରୀ କରିବା କୁ କୁଣ୍ଠାବୋଧ କରୁଥିବା କହିଥିଲେ। ଆଗାମୀ ଦିନରେ ଏମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସର୍ମ ସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଗଲା।

# ଭାରତୀୟ ରେଡକ୍ରସ ସଂସ୍ଥା ଖୋର୍ଦ୍ଧା ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ



ଖୋର୍ଦ୍ଧା , ୦୫/୧୨ (ନି.ପ୍ର): ଭାରତୀୟ ରେଡକ୍ରସ୍ ସଂସ୍ଥା ଖୋର୍ଦ୍ଧା ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ କିଶୋର କୁମାର ପଣ୍ଡା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇ ନିଜ ନିଜ ବକ୍ତବ୍ୟରେ ରେଡକ୍ରସ୍ ପାଣ୍ଠି ଆଦାୟ ବୃଦ୍ଧି ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଡେପୁଟୀ କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର ଯୋଗଦେଇ ପାଓ୍ୱାର ପଏଣ୍ଟ ଉପକରଣର ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷରେ ଆୟ, ବେୟ ଏବଂ ବିଭିନ୍ନ ଜନଶୁଣାଣି କାର୍ଯ୍ୟରେ ଅଭିଯୋଗ କାରିମାନଙ୍କୁ ପ୍ରଦାନ କରାଯାଉଥିବା ସହାୟତା ରାଶି ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ଅଧକ୍ଷ ଶ୍ରୀ ପ୍ରଧାନ ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସହ ପ୍ରତ୍ୟେକ ବ୍ଲକରେ ରେଡକ୍ରସ୍ ରକ୍ତ ଦାନ ଶିବିର କରିବାକୁ ପ୍ରତ୍ୟେକ ବ୍ଲକର ବି ଡି ଓ ଏବଂ ତହସିଲଦାର ଓ ପ୍ରାଥମିକ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଧିକାରୀ ମାନେ ମିଳିତ ଭାବେ ସେମାନଙ୍କ ଅଞ୍ଚଳର ମହାବିଦ୍ୟାଳୟ ମାନଙ୍କରେ ବହୁଳ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବିଭିନ୍ନ କାର୍ଯ୍ୟାଳୟର ରେଡକ୍ରସ୍ କାର୍ଯ୍ୟକଳାପ ଉପରେ ଅଧକ୍ଷ ଶ୍ରୀ ପ୍ରଧାନ ସମୀକ୍ଷା କରିଥିଲେ । ସେହିପରି ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରେ ରେଡକ୍ରସ୍ ତରଫରୁ ପ୍ରଦାନ କରାଯାଉଥିବା ସହାୟତା ରାଶି ରେ ଉନ୍ନତ ମାନର ଖୁବ୍ ପରିଚିତ କମ୍ପାନୀର ଜିନିଷ ଲଗାଇବାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ବି ଡି ଓ, ତହସିଲଦାର, ଗ୍ରାମ୍ୟ ନିର୍ମାଣ ବିଭାଗ, ପୂର୍ତ୍ତ, ବେସାମରିକ ଯୋଗାଣ ବିଭାଗ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ରେଡକ୍ରସ୍ ପାଣ୍ଠି ଆଦାୟ ଚଳିତ ବର୍ଷ ଯଥେଷ୍ଟ ପରିମାଣରେ ବୃଦ୍ଧି କରିବା ପାଇଁ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲାରେ ରେଡକ୍ରସ୍ ପାଣ୍ଠି ଆଦାୟ ବୃଦ୍ଧି ଦିଗରେ ଗୁରୁତ୍ୱାରୋପ କରି କଣ୍ଟାକ୍ଟର ମାନଙ୍କୁ ଯେତେବେଳେ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି ସେତେବେଳେ ଜିଲ୍ଲା ରେଡକ୍ରସ୍ ପାଣ୍ଠି ପାଇଁ ରସିଦ କାଟିବାକୁ ପରାମର୍ଶ ଦେଇଥିଲେ । ରେଡକ୍ରସ୍ ପାଣ୍ଠିର ବିନିଯୋଗ ଅତି ଜରୁରୀ କାର୍ଯ୍ୟରେ ଜିଲ୍ଲାପ୍ରଶାସନ ପକ୍ଷରୁ ଲୋକଙ୍କ ହିତରେ ବ୍ୟବହାର କରାଯାଉଥିବାରୁ ସମସ୍ତ ଅଧିକାରୀ କର୍ତ୍ତବ୍ୟ ପାରାୟଣ ହୋଇ ରେଡକ୍ରସ ପାଣ୍ଠି ଆଦାୟ ନିଶ୍ଚିତ ଭାବେ ବୃଦ୍ଧି କରିବା ପାଇଁ କହିଥିଲେ । ଅଦ୍ୟ ତାରିଖ ସୁଦ୍ଧା ଜିଲ୍ଲା ରେଡକ୍ରସ୍ ପାଣ୍ଠି ଖାତାରେ ୧,୨୯,୬୮, ୩୭୧.୦୦ ଅର୍ଥ ଅଛି । ସେହିପରି ସ୍ଥାୟୀ ଜମାରାଶି ବିଭିନ୍ନ ବ୍ୟାଙ୍କରେ ଥିବା ଜମାରାଶିକୁ ନେଇ ୬,୩୬, ୩୨,୮୫୭.୦୦ ଥିବା ବୈଠକରୁ ସୂଚନା ମିଳିଛି । ଏହି ପରିପ୍ରେକ୍ଷୀରେ ଡେପୁଟୀ କଲେକ୍ଟର, ଜରୁରୀ ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷର ବିସ୍ତୃତ ଆୟ ବ୍ୟୟ ଉପସ୍ଥାପନ କରିଥିଲେ କ୍ଷ ବୈଠକରେ ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟାପକ, ପଦାର୍ଥ ବିଜ୍ଞାନ ସୁବୋଧ କୁମାର ଜଗଦେବ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଳ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ, ଖୋର୍ଦ୍ଧା ଅରବିନ୍ଦ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଜିଲ୍ଲା ପଂଚାୟତ ଅଧିକାରୀ ଶୁଭେନ୍ଦୁ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା , ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ସମସ୍ତ ବି ଡି ଓ, ତହସିଲଦାର, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ନିର୍ବାହୀ ଅଧିକାରୀ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୨୦୩୦ ଯାଏଁ ଅର୍ଥନୈତିକ...

ଏଥିସହ ୟୁକ୍ରେନକୁ ନେଇ ପୂର୍ବଭଳି ଭାରତର ଶାନ୍ତି ଉଦ୍ୟମ ଜାରି ରହିବ ବୋଲି କହିଥିଲେ ପ୍ରଧାନମନ୍ତ୍ରୀ। ସେମିତି ରୁଷ୍ ରାଷ୍ଟ୍ରପତି ପୁଟିନ୍ ବି ଭାରତ ସହ ରୁଷ୍ ର ସଂପର୍କ ଶିଖରକୁ ନେବୁ ବୋଲି କହିଥିଲେ। ଭାରତକୁ ବିନା ବାଧାରେ ପୂର୍ବଭଳି ତୈଳ ଯୋଗାଣ ଜାରି ରହିବ ବୋଲି ସେ ସ୍ପଷ୍ଟ କରିବା ସହ ଶକ୍ତି ଓ ଅର୍ଥନୀତି କ୍ଷେତ୍ରରେ ମସ୍କୋର ନୂଆଦିଲ୍ଲୀକୁ ସହଯୋଗ ଜାରି ରଖିବାର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଭାରତର ମେକ୍ ଇନ ଇଣ୍ଡିଆକୁ ପ୍ରଶଂସା କରିଥିଲେ ପୁଟିନ୍। ଆତଙ୍କବାଦ ବିରୋଧରେ ରୁଷ-ଭାରତ ଏକାଠି ଲଢ଼େଇ କରିବାକୁ ବି ଜୋର୍ ଦେଇଥିଲେ ପୁଟିନ୍। ମିଳିତ ଘୋଷଣାନାମା ପରେ ପୁଣି ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଯୁଦ୍ଧ ଓ ଶାନ୍ତି ସହ ଆହୁରି ଅନେକ ଦ୍ୱିପାକ୍ଷିକ ପ୍ରସଙ୍ଗରେ ବି ଆଲୋଚନା ହୋଇଥିଲା। ୟୁକ୍ରେନ୍ ଯୁଦ୍ଧରେ ବିରାମ ପାଇଁ ମୋଦିଙ୍କୁ ଆଶ୍ୱସ୍ତିବାଣୀ ବି ଶୁଣାଇଥିଲେ ପୁଟିନ୍। ପୂର୍ବରୁ ରାଷ୍ଟ୍ରପତି ଭବନରେ ଭବ୍ୟ ସ୍ୱାଗତ ଓ ରାତ୍ରୀ ଭୋଜନ ପାଇଁ ପ୍ରେସିଡେଣ୍ଟ ଦ୍ରୌପଦୀ ମୁର୍ମୁଙ୍କୁ ଧନ୍ୟବାଦ ଦେଇଥିଲେ ପୁଟିନ୍। ରୁଷ୍ ଓ ଭାରତର ଏହି ଶିଖର ସମ୍ମିଳନୀ ଉପରେ ସାରା ବିଶ୍ୱର ରହିଥିଲା ନଜର।

### ଲାଞ୍ଚ ନେଇ ଧରାପଡ଼ିଲେ ...

ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ଏହି ଘଟଣା ନେଇ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ପକ୍ଷରୁ ଏହାର ତଦନ୍ତ ଜାରି ରହିଛି।

# ସେଲ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ୨୦୨୫-୨୬ ଆର୍ଥିକ ବର୍ଷର ଅପ୍ରେଲରୁ ନଭେମ୍ବର ମଧ୍ୟରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ



ରାଉରକେଲା, ୦୫/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ନୂତନ ୟୁନିଟ୍ ଗୁଡିକ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୮ ମାସରେ ଅର୍ଥାତ୍ ଅପ୍ରେଲ-ନଭେମ୍ବର ମଧ୍ୟରେ ସେମାନଙ୍କର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛନ୍ତି। ଦେଶର ସର୍ବ ବୃହତ କାର୍ଯ୍ୟକ୍ଷମ ବ୍ଲାଷ୍ଟ ଫର୍ଣ୍ଣେସ ମଧ୍ୟରୁ ଅନ୍ୟତମ ବ୍ଲାଷ୍ଟ ଫର୍ଣ୍ଣେସ୍-୫ (ବିଏଫ୍ -୫) 'ଦୁର୍ଗା' ଅପ୍ରେଲ-ନଭେମ୍ବର ମଧ୍ୟରେ ୨୧,୩୩,୪୦୬ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ କରି ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିବା ସହିତ ଅନୁରୂପ ପୂର୍ବ ବର୍ଷ ଅବଧିର ୨୦,୩୩,୦୬୮ ଟନ ପୂର୍ବ ଶ୍ରେଷ୍ଠ ଉତ୍ପାଦନ ପରିମାଣକୁ ଅତିକ୍ରମ କରିଛି। ପୁନର୍ନିର୍ମିତ ବ୍ଲାଷ୍ଟ ଫର୍ଣ୍ଣେସ୍-୧ ମଧ୍ୟ ସମାନ ଅବଧିରେ ଏହାର ସର୍ବକାଳୀନ ଶ୍ରେଷ୍ଠ ୭,୨୧,୪୭୩ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ରେକର୍ଡ ହାସଲ କରିଛି। ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ ଅପ୍ରେଲ-ନଭେମ୍ବର ମଧ୍ୟରେ ୧୭,୪୫,୭୧୪ ଟନ ଏଚଆର କଏଲ ରୋଲିଙ୍ଗ ପୂର୍ବକ ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି ଏବଂ ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ୪.୬୨% ଅଭିବୃଦ୍ଧି ହାସଲ କରିଛି। ନୂତନ ପ୍ଲେଟ୍ ମିଲ୍ ମଧ୍ୟ ଅନୁରୂପ ଅବଧିରେ ୬,୪୫,୯୦୫ ଟନ ପ୍ଲେଟ୍ ପ୍ରସ୍ତୁତ କରି ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ଏଚଏସଏମ-୨ ବିଭାଗର ସିଟ୍ ସିୟରିଂ ଲାଇନ ମଧ୍ୟ ସମାନ ଅବଧି ମଧ୍ୟରେ ୨,୦୬,୦୭୩ ଟନ ଏଚଆର ପ୍ଲେଟ ଉତ୍ପାଦନ ସହକାରେ ଏହାର ସର୍ବଶ୍ରେଷ୍ଠ ଉତ୍ପାଦନ ପଞ୍ଜିକୃତ ପୂର୍ବକ ଏହାର ପୂର୍ବ ଶ୍ରେଷ୍ଠ ୧,୬୧,୦୮୬ ଟନ୍ ରେକର୍ଡକୁ ଅତିକ୍ରମ କରିଛି। ଗତ ୨୦୨୫ ନଭେମ୍ବର ମାସରେ ଅନେକ ୟୁନିଟ୍ ମଧ୍ୟ ବ୍ୟକ୍ତିଗତ ରେକର୍ଡ ପଞ୍ଜିକୃତ କରିଛନ୍ତି। ନଭେମ୍ବର ୨୮ ତାରିଖରେ ସିଣ୍ଟର ପ୍ଲାଣ୍ଟ ସମୂହ ୨୨୫୪୩ ଟନ୍ ସିଣ୍ଟର ଉତ୍ପାଦନ କରି ଏକ ନୂତନ ଏକ ଦିବସୀୟ ଉତ୍ପାଦନ ରେକର୍ଡ ସ୍ଥାପନ କରିଛନ୍ତି । ଏଚଏସଏମ-୨ ବିଭାଗ ନଭେମ୍ବର ୮ ତାରିଖରେ ରେକର୍ଡ ୧୦୦୩୪ ଟନ୍ ସ୍ଲାବ୍ ରୋଲିଙ୍ଗ କରି ୯୮୨୨ ଟନ୍ ଏଚଆର କଏଲ୍ ଉତ୍ପାଦନ ସହ ଏକ ନୂତନ ଏକ ଦିବସୀୟ ଉତ୍ପାଦନ ରେକର୍ଡ ସ୍ଥାପନ କରିଥିଲା।

# ଛାତ୍ରଙ୍କ ଗୋଡ଼ରେ ବେଡ଼ି ପକାଇବା ଘଟଣାରେ ପ୍ରଧାନଶିକ୍ଷକ ସମେତ ଜଣେ ସହକାରୀ ଶିକ୍ଷକ ନିଲମ୍ବିତ



ନୀଳଗିରି , ୦୫/୧୨ (ନି.ପ୍ର): ନୀଳଗିରି ବ୍ଲକ୍ ବେଗୁନିଆ ସରକାରୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ଜଣେଛାତ୍ରଙ୍କୁ ଗୋଡ଼ରେ ଲୁହାଶିକୁଳିରେ ବେଡ଼ିପକାଇ ରଖିବା ଘଟଣାରେ କାର୍ଯ୍ୟରେ ଅବହେଳା ଦର୍ଶାଇ ପ୍ରଧାନଶିକ୍ଷକ ସମେତ ଜଣେ ସହକାରୀ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ସୂଚନା ମୁତାବକ ଗତ ୨ତାରିଖ ମଳୟ ସିଂ ନାମକ ୪ର୍ଥ ଶ୍ରେଣୀର ଛାତ୍ରଙ୍କ ଗୋଡ଼ରେ ବେଡିପକାଯାଇ ଉକ୍ତ ବିଦ୍ୟାଳୟ ହଷ୍ଟେଲଗୃହରେ ରଖାଯାଇଥିବା ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ଘଟଣା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜାଣିବାପରେ ଏଭଳି ଅଭାବନୀୟ ଘଟଣାର ତଦନ୍ତ କରିବା ସହିତ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ସ୍ପର୍ଶକାତର ଘଟଣା ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି କରିଥିବାବେଳେ ୩ତାରିଖ ନୀଳଗିରି ଉପଜିଲ୍ଲାପାଳ, ସହକାରୀ ଜିଲ୍ଲାମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ ସ୍କୁଲରେ ପହଞ୍ଚ ତଦନ୍ତକରି ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ଦେଇଥିଲେ। କାର୍ଯ୍ୟରେ ଅବହେଳା ଏବଂ ଦାୟିତ୍ୱହୀନତା ପାଇଁ ପ୍ରଧାନଶିକ୍ଷକ ତଥା ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ରଘୁନାଥ ବୁଗୁଡେଇ ଏବଂ ସହକାରୀ ଶିକ୍ଷକ ଯତୀନ ପରିଡାଙ୍କୁ ନିଲମ୍ବନ କରାଯାଇଥିବା ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟରଞ୍ଜନ ଭୂୟାଁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଧାନଶିକ୍ଷକ ରଘୁନାଥ ବୁଗୁଡ଼େଇଙ୍କୁ କାଠପାଳ ୟୁଜିୟୁପି ଏବଂ ସହକାରୀ ଶିକ୍ଷକ ଯତୀନ ପରିଡାଙ୍କୁ ମିତ୍ରପୁର ନୋଡାଲ ସ୍କୁଲରେ ଅବସ୍ଥାପିତ କରାଯାଇଥିବା ବେଳେ ଆଗାମୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଉଭୟଙ୍କ ଦରମା ୫୦ପ୍ରତିଶତ ସ୍ଥଗିତ ରହିବବୋଲି ନିର୍ଦ୍ଦେଶ ରହିଛି ।ତେବେ ବାରମ୍ବାର ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅଗୋଚରରେ ଘରକୁ ପଳାଇଯାଉଥିବାରୁ ସଂପୃକ୍ତ ଛାତ୍ରଙ୍କ ବାପା କାଳୀ ସିଂ ତାକୁ ଗୋଡ଼ରେ ବେଡି ପକାଇଥିବା ଚର୍ଚ୍ଚା ହେଉଥିବାରୁ ତାଙ୍କୁ ମଧ ତଦନ୍ତ ପରିସରଭୁକ୍ତ କରି ଅଧିକ ପଚରାଉଚରା କରାଯିବ ବୋଲି ଉପଜିଲ୍ଲାପାଳ ଡଃ ମଧୁସ୍ମିତା ସାମନ୍ତରାୟ ସୂଚନା ଦେଇଛନ୍ତି।

# ଜାତୀୟ ଦଳରେ ଓଡିଶାର ୪୬ ଜଣ କ୍ରୀଡାବିତ

ଭୁବନେଶ୍ୱର, ୦୫/୧୨ (ନି.ପ୍ର): ହକି, କ୍ରିକେଟ, ଫୁଟବଲ, ଭଲିବଲ ସମେତ ବିଭିନ୍ନ କ୍ରୀଡା ପାଇଁ ଥିବା ଜାତୀୟ ଦଳରେ ଏବେ ଓଡିଶାର ୪୬ଜଣ କ୍ରୀଡାବିତ ଓ ୨ଜଣ କୋଚ ଅଛନ୍ତି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯ ଜାତୀୟ ଦଳରେ ଓଡିଶାର ଯେଭଳି ଅଧିକ କ୍ରୀଡାବିତ ସ୍ଥାନ ପାଆନ୍ତି ସେ ଦିଗରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏଥିରେ ଓଡିଶାର ଖେଳାଳୀମାନଙ୍କ ପାଇଁ ୧୫ଟି ଜିଲ୍ଲାରେ ୧୬ଟି କ୍ରୀଡା ଛାତ୍ରାବାସ ସ୍ଥାପନ କରାଯାଇ ୧୫ଟି କ୍ରୀଡା ଶୃଙ୍ଖଳାରେ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ଓଡିଶାର ଖେଳାଳୀ ମାନଙ୍କୁ ଉଚ୍ଚମାନର କ୍ରୀଡା ପ୍ରଶିକ୍ଷଣ ଦେବାପାଇଁ ଉତ୍କର୍ଷ କ୍ରୀଡା ପ୍ରଦର୍ଶନ କେନ୍ଦ୍ର ଖୋଲାଯାଇ ୧୧ଟି ଶୃଙ୍ଖଳାରେ ଉଚ୍ଚମାନର ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଜାତୀୟ ଦଳରେ ଥିବା ହକିରେ ୧୨ଜଣ ଖେଳାଳି ଥିବାବେଳେ କୋଚ ବୀରେନ୍ଦ୍ର ଲାକ୍ରା ରହିଛନ୍ତି । ସେହଭଳି ଖୋ ଖୋରେ ୩ଜଣ କ୍ରୀଡାବିତ ଥିବାବେଳେ ହ୍ୟାଣ୍ଡବଲରେ ୪ଜଣ ରହିଛନ୍ତି। ରଗବୀରେ ଓଡିଶାର ୨୨ଜଣ ରହିଛନ୍ତି । ସିପାକ ଟକରା କ୍ରୀଡାରେ ତିନି ଜଣ, ଫୁଟବଲରେ ଜଣେ ଏବଂ କବାଡିରେ ଜଣେ କ୍ରୀଡାବିତଙ୍କ ସହିତ କୋଚ ଜୟଶ୍ରୀ ସ୍ୱାଇଁ ରହିଛନ୍ତି ।

# ବାସୁଦେବପୁର ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ଏବଂ ଇକୋ କ୍ଲବ୍ ପ୍ରଦର୍ଶନୀ




ବାସୁଦେବପୁର, ୦୫/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କରଞ୍ଜ ଆଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାସୁଦେବପୁର ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ଏବଂ ଇକୋ କ୍ଲବ୍ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୂର୍ଯ୍ୟଶିଖା ମହାନ୍ତି ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବ୍ଲକ୍ ବିଡିଓ ତନ୍ମିତା କର। ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ କେ କେ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ କରୁଣାକର ପାତ୍ର। ଏବିଇଓ ଉର୍ମିଳା କର, ତପନ ଦିବେଦ୍ୱୀ, ଅମୀୟ କୁମାର ମହାଳିକ, ସମାଜସେବୀ କୃଷ୍ଣ ଚନ୍ଦ୍ର ଘଡାଇ,ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାତ୍ରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପାର୍ଥ ସାରଥୀ ବିଶ୍ୱାଳ, ବିଜ୍ଞାନ ସଂଯୋଜକ ନିତ୍ୟାନନ୍ଦ ପାତ୍ର, ମଲ୍ଲିକାଦେଇପୁର କ୍ଲଷ୍ଟର ସଂଯୋଜକ ଲଳିତ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦଯାପନ ଉତ୍ସବ ରେ ଜିଲ୍ଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଅମୀୟ ପାଣିଗ୍ରାହୀ ମଞ୍ଚ ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଓ କବି ବନମାଳି ନାୟକ ଓ ଧର୍ମେନ୍ଦ୍ର ବେହେରା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ସମୁଦାୟ ୨୫୦ ଟି ପ୍ରକଳ୍ପ ଏହି ବିଜ୍ଞାନ ମେଳାରେ ସ୍ଥାନ ପାଇଥିଲା। ଅନେକ ଛାତ୍ର ଛାତ୍ରୀ ତଥା କୁନି କୁନି ବୈଜ୍ଞାନିକ ମାନଙ୍କର ପ୍ରକଳ୍ପ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥିଲା। ବହୁ ସଂଖ୍ୟାରେ ଅଭିଭାବକ ଓ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ।

# ଉତ୍କଳ ବଙ୍ଗ ମୈତ୍ରୀ ଉତ୍ସବ ଓ ସୀମାନ୍ତ ଗ୍ରାମୀଣ ମହୋତ୍ସବର ଭୂମିପୂଜନ

ଜଳେଶ୍ୱର, ୦୪/୧୨ (ନି.ପ୍ର): ଉତ୍କଳବଙ୍ଗ ମୈତ୍ରୀ ଉତ୍ସବ ଓ ସୀମାନ୍ତ ଗ୍ରାମୀଣ ମହୋତ୍ସବ ର ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଅଛି। ଏହି ଭୂମିପୂଜନ ଉତ୍ସବ ରେ ବରିଷ୍ଠ ସମାଜସେବୀ ତଥା ଆଦର୍ଶ ପ୍ରଧାନଶିକ୍ଷକ ପ୍ରାଣକୃଷ୍ଣ ଗିରି ପୌରହିତ୍ୟରେ ସୁନିଲ କୁମାର ନାୟକ, ବନମାଳୀ ଧଲ୍, କପିଳେଶ୍ୱର ମହାନ୍ତି, ଚନ୍ଦ୍ରମୋହନ ରାଉଳ, ରାଜେଶ ଖଟୁଆ, ଜଗଦୀଶ ନନ୍ଦୀ, ରାକେଶ ବାରିକ, ଦୁର୍ଗଶଙ୍କର ଭୂୟାଁ, ସର୍ବେଶ୍ୱର ଜେନା, ବିଶ୍ୱରଂଜନ ଦାସ୍, ଶିବ ନାରାୟଣ ମହାପାତ୍ର, ଖିତିଶ ବ୍ରହ୍ମ, ଆଲୋକ ଡଗର, ଲକ୍ଷ୍ମୀଧର ବାରିକ, ସିଦ୍ଧେଶ୍ୱର ବେହେରା, ସୌଭିକ କୁମାର୍ ଜେନା, ମନୋରଞ୍ଜନ ଦାସ, ନବକୁମାର ପରିଡ଼ା, ଆକାଶ ଦାସ୍, ବିଶ୍ୱଜିତ୍ ଜେନା, କମୋଲ ଚକ୍ରବର୍ତ୍ତୀ, ଜଗନ୍ନାଥ ଭୂୟାଁ, ଉତ୍ତମ କୁମାର ଘୋଷ, ଅମୃତାଂଶୁ କର, ତୁଷାରକାନ୍ତି ମହାନ୍ତି ଉପସ୍ଥିତି ଥିଲେ। ଆସନ୍ତା ତା ୨୧/୧୨/୨୦୨୫ ରିଖ ଅପରାହ୍ନ ୩ ଘଟିକା ସମୟରେ ଷ୍ଟେସନ ବଜାର କାଳି ମନ୍ଦିର ଠାରୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ମାଧ୍ୟମରେ ମହୋତ୍ସବ ର ଶୁଭାରମ୍ଭ ହେବ। ଏହି ମହୋତ୍ସବ ତା ୩୧/୧୨/୨୦୨୫ ରିଖ ରାତ୍ର ୧୧ ଘଣ୍ଟା ସମୟ ରେ ନୂତନ ବର୍ଷ କୁ ସ୍ୱାଗତ ଜଣାଇବା ମାଧ୍ୟମରେ ଉଦଯାପିତ ହେବ। ଏଇ ୧୧ ଦିନ ବ୍ୟାପୀ ମହୋତ୍ସବ ରେ ମୀନା ବଜାର, ବିଭିନ୍ନ ପ୍ରକ ର ଦୋଳି, ସମସ୍ତ ରାଜ୍ୟର ଖାଇବା ବିପଣି, ଓଡ଼ିଶା ସରକାର ଏବଂ କେନ୍ଦ୍ର ସରକାରଙ୍କର ତତ୍ତ୍ୱାବଧାନ ରେ ସାଂସ୍କୃତିକ ବିଭାଗ ତରଫରୁ ପ୍ରେରିତ ସାଂସ୍କୃତିକ ଦଳ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯକ୍ରମ ପରିବେଷଣ କରିବେ ତତ୍ ସହିତ ପ୍ରତ୍ୟେକ ଦିନ ସାଂସ୍କୃତିକ ସଭା ରେ ପଦ୍ମଶ୍ରୀ, ପଦ୍ମ ବିଭୂଷଣ, ମନ୍ତ୍ରୀ, ସାଂସଦ, ବିଧାୟକ, ବୁଦ୍ଧିଜୀବୀ, ସମାଜସେବୀ ମାନେ ସେମାନଙ୍କ ସୁଚିନ୍ତିତ ମତାମତ ବକ୍ତବ୍ୟ ମାଧ୍ୟମରେ ସମ୍ବୋଧିତ କରିବେ ତତ୍ ସହିତ ଆସନ୍ତା ନୂଆ ବର୍ଷ ତା ୦୧/୦୧/୨୦୨୬ ରିଖ ସକାଳ ୧୦ ଘଟିକା ସମୟରେ ମହୋତ୍ସବ ପଡ଼ିଆରେ ସ୍ୱାସ୍ଥ୍ୟ ମେଳା, ରକ୍ତ ଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଭଳି ଜନହିତ କାର୍ଯକ୍ରମ ଆୟୋଜିତ ହେବ।

# ଜଳେଶ୍ୱର ଓ ଭୋଗରାଇ ବ୍ଲକର ହାଇସ୍କୁଲ୍ସ୍ତରୀୟ ପ୍ରଧାନଶିକ୍ଷକ ମାନଙ୍କୁ ନେଇ ୫ ଦିନିଆ 'ସମ୍ଭବ' ତାଲିମ ଶିବିରର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ




ଜଳେଶ୍ୱର, ୦୫/୧୨ (ନି.ପ୍ର): ଜଳେଶ୍ୱର ବ୍ଲକରୁ ୫୮ ଓ ଭୋଗରାଇ ବ୍ଲକରୁ ୫୦ ଜଣ ମୋଟ ୧୦୮ ଜଣ ହାଇସ୍କୁଲ ସ୍ତରୀୟ ପ୍ରଧାନ ଶିକ୍ଷକ ମାନଙ୍କୁ ନେଇ ପାଞ୍ଚ ଦିନିଆ ' ସମ୍ଭବ ' ତାଲିମ ଶିବିରର ଉଦ୍ଘାଟନ ଉତ୍ସବ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟର ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଜଳେଶ୍ୱର ବ୍ଲକର ବିଇଓ ଜଗବନ୍ଧୁ ଜେନା ଏହି ' ସମ୍ଭବ ' ତାଲିମ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଭୋଗରାଇ ବ୍ଲକର ବିଇଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା ଶିକ୍ଷାଧିକାରୀ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଏହି କାର୍ଯକ୍ରମ ସୁଦୂର ପ୍ରସାରି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ ।ପ୍ରଧାନ ଶିକ୍ଷକ ମାନଙ୍କର ସକ୍ଷମତା ବୃଦ୍ଧି,ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଗୋଡ଼ିକୁ ସୁପରି ଚାଳାଣ,ନୂଆ ଶିକ୍ଷାନୀତି ୨୦୨୦ ର ପୁଙ୍ଖାନୁପୁଙ୍ଖ ଆଲୋଚନା, ଆକାଂକ୍ଷା ପାଠ୍ୟକ୍ରମର ଆଲୋଚନା, ପାଠ୍ୟକ୍ରମର ବୈଷୟିକ ଜ୍ଞାନର ବ୍ୟବହାରର ପ୍ରୟୋଗ, ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା, ସ୍ୱାସ୍ଥ୍ୟ ଓ ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା ଅବଲମ୍ବନ କରିବା ପ୍ରଭୃତି କାର୍ଯକ୍ରମ ସଂପର୍କରେ ମୁଖ୍ୟ ଅତିଥି ତଥା ପ୍ରଶିକ୍ଷକ ଭାବେ ଶାଳୀକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା,କୁସୁଡିହା ପୁରୁଷୋତ୍ତମ ହାଇସ୍କୁଲର ପ୍ରଧାନ ଶିକ୍ଷକ ତାପସ କୁମାର ପଣ୍ଡା,ପାଖର ଏସ ଏସ ୟୁ ବି ହାଇସ୍କୁଲର ପ୍ରଧାନ ଶିକ୍ଷକ ଶୁକଦେବ ନାୟକ ଓ ବରି ବାଳିକା ସରକାରି ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଭାକର ଦାସ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ଶିକ୍ଷକ ସଞ୍ଜୀବ କୁମାର ପ୍ରାମାଣିକ ମଞ୍ଚ ଆହ୍ୱାନ ସହ ଅତିଥି ପ୍ରଦାନ କରିଥିଲା ବେଳେ ଶିକ୍ଷକ ସତ୍ୟରଞ୍ଜନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।ଏହି ତାଲିମ ଶିବିର ୫ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଶିଷ କୁମାର ଦତ୍ତ, ଦେବସ୍ମିତା ଗିରି, ଅନୁରାଧା ରାଉଳ,ମମତା ଭଞ୍ଜ,ଶୁଭଶ୍ରୀ ଭୂୟାଁ,ଏସ କେ ନାସିର ଅହମ୍ମଦ, ଆଦ୍ୟାସା ହେମ୍ବ୍ରମ, ପ୍ରଦୀପ କୁମାର ଦାସ, ଆସୋତୋଷ ରଥ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଜଳେଶ୍ୱର ଏଚଡିଏଫ୍ସି ବ୍ୟାଙ୍କ୍ ପକ୍ଷରୁ ରକ୍ତଦାନ ଶିବିର



ଜଳେଶ୍ୱର, ୦୫/୧୨ (ନି.ପ୍ର): ଜଳେଶ୍ୱର ଏଚ ଡି ଏଫ୍ ସି ବ୍ୟାଙ୍କ୍ ଶାଖା ପକ୍ଷରୁ ଏକ ରକ୍ତଦାନ ଶିବିର ଦେଉଳି ପଞ୍ଚଘୁଣ୍ଟା ବ୍ରାଞ୍ଚ ପରିସରରେ ଅନୁଷ୍ଠିତ ହୋଇଥିଲା। ସମ୍ବାଦ ଆମ ଓଡ଼ିଶା ସହଯୋଗରେ ଆୟୋଜିତ ଶିବିରକୁ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ଓ ବ୍ରାଞ୍ଚ ମ୍ୟାନେଜର ବିନୟ ଗୁପ୍ତା ମିଳିତ ଭାବେ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ରକ୍ତଦାତା ସଂଘର ଉପସଭାପତି ସୁବ୍ରତ କୁମାର ରଣା, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ବାଲେଶ୍ୱର ରକ୍ତ କେନ୍ଦ୍ରର ଡାକ୍ତର ଶାଶ୍ୱତୀ ଉପାଧ୍ୟାୟ ଓ ବ୍ୟାଙ୍କର ସହକାରୀ ପରିଚାଳକ ଗୋପାଳ ଦାସ ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମ୍ୟାନେଜର ରଶ୍ମିରେଖା ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୨୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ। ବ୍ୟାଙ୍କର ପ୍ରତୀକ୍ଷା ମହାନ୍ତି, ବ୍ୟାଙ୍କ କର୍ମଚାରୀ ସୁନିଲ କୁମାର ମଣ୍ଡଳ, ସୌମ୍ୟା ଶତାବ୍ଦୀ ଦାସ, ଜଗନ୍ନାଥ ଜ୍ୟୋତି, ସୌମ୍ୟକାନ୍ତ ସାହୁ, ଉତ୍ତର ବାଲେଶ୍ୱର ସମ୍ବାଦ ପ୍ରତିନିଧି ସତ୍ୟବ୍ରତ ପ୍ରଧାନ, ଆମ ଓଡ଼ିଶା ସଂଯୋଜକ ଲକ୍ଷ୍ମୀଧର ବାରିକ ଶିବିରକୁ ପରିଚାଳନା କରିଥିବା ବ୍ୟାଙ୍କ୍ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶ୍ରୀମତୀ ବେହେରା ସମସ୍ତ ରକ୍ତଦାତାଙ୍କୁ ଧନ୍ୟବାଦ୍ ଦେଇଥିଲେ।

ଶନିବାର, ଡିସେମ୍ବର ୦୬, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଜିଲ୍ଲା ସ୍ତରୀୟ "ବିଶ୍ୱ ମୃତ୍ତିକା ଦିବସ" ବାଲେଶ୍ୱରରେ ପାଳିତ

ବାଲେଶ୍ୱର, ୦୫/୧୨ (ନି.ପ୍ର): "ସୁସ୍ଥ ସହର ନିମନ୍ତେ ସୁସ୍ଥ ମୃତ୍ତିକା" ମୂଳ ଆହ୍ୱାନକୁ ନେଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ବାଲେଶ୍ୱର ତରଫରୁ ଜିଲ୍ଲା ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଡ଼ିଟୋରିୟମ ହଲରେ ଆଜି ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ ତୁଷାର କାନ୍ତି ତୁଙ୍ଗଙ୍କ ସଭାପତିତ୍ୱ ରେ ଆୟୋଜିତ ହୋଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ସୁଧାକର ନାଏକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମୃତ୍ତିକା ସୁରକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ ଆଲୋଚନା କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ବାଲେଶ୍ୱର ସଦର ବିଧାୟକଙ୍କ ପ୍ରତିନିଧି ଶ୍ରୀଯୁକ୍ତ ରବିନାରାୟଣ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରିୟଦର୍ଶୀ ରାଜେଶ, ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଜିଲ୍ଲା ଉପ-ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରଦୀପ କୁମାର ବଳ, ସହକାରୀ ଗବେଷଣା ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ନାୟକ, କୃଷି ବିଜ୍ଞାନ କେନ୍ଦ୍ର, ବାଲିଆପାଳର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଶ୍ରୀମତୀ ସ୍ୱାଗତିକା ସାହୁ ଓ ପୂର୍ବତନ ମୃତ୍ତିକା ରସାୟନବିତ୍ ଶ୍ରୀଯୁକ୍ତ ସତ୍ୟେନ୍ଦ୍ର ନାଥ ଦାସ ଉପସ୍ଥିତ ରହି ମୃତ୍ତିକାର ଉପାଦେୟତା, ସଠିକ୍ ପରିଚାଳନା ଏବଂ ସ୍ୱାସ୍ଥ୍ୟ ରକ୍ଷା ବିଷୟରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକରୁ ୫୦ ରୁ ଅଧିକ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସଭାରେ ମୃତ୍ତିକା ନମୁନା ସଂଗ୍ରହ, ମୃତ୍ତିକା ପରୀକ୍ଷା ଲାବ୍ ଓ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷା ଯାନ ସମ୍ବନ୍ଧରେ ଏକ ସୂଚନାମୂଳକ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା ଏବଂ ୨୫ ରୁ ଅଧିକ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ସଭା କାର୍ଯ୍ୟ ସଦର ସହକାରୀ କୃଷି ଅଧିକାରୀ ଶ୍ରୀମତୀ ଲିଜା ଦାସ ପରିଚାଳନା କରିଥିବାବେଳେ ଶେଷରେ ମୃତ୍ତିକା ରସାୟନବିତ୍, ବାଲେଶ୍ୱର ପ୍ରଜ୍ଞା ପାରମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଉ ନାହାଁନ୍ତି ଧର୍ମପ୍ରାଣା ମହିଳା କନକଲତା



ଲଙ୍ଗଳେଶ୍ୱର, ୦୫/୧୨ (ନି.ପ୍ର): ଇହ ଧାମରେ ଆଉ ନାହାଁନ୍ତି ଧର୍ମପ୍ରାଣା ମହିଳା ତଥା ସମାଜସେବୀ କନକଲତା ପାତ୍ର। ତେବେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ ବୋଲଂ ପଞ୍ଚାୟତ ବୋଲଂ ଗ୍ରାମର କନକଲତା ପାତ୍ର । ଚାରି ତାରିଖ ଗୁରୁବାର ଦିନ ସକାଳ ସମୟରେ ହଠାତ୍ ତାଙ୍କର ମୃର୍ତ୍ୟୁ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ହୋଇଥିଲା । ତେବେ କନକ ଲତାଙ୍କ ମୃତ୍ୟୁରେ ପରିବାର ବନ୍ଧୁବାନ୍ଧବ ତଥା ଗ୍ରାମରେ ଶୋକର ଛାୟା ଖେଳି ଯାଇଛି । କନକ ଲତା ଜଣେ ପର ଉପକାରୀ ଧର୍ମପରାୟଣ ତଥା ମିଷ୍ଟଭାଷୀ ଓ ମେଳାପି ଥିଲେ। ଲୋକଙ୍କ ସୁବିଧା ଅସୁବିଧା ସମୟରେ ତଥା ସାଇପଡିସାଙ୍କ ଘରେ କିଛି ହେଲେ ଖବର ପାଇ ଧାଇଁ ଯାଉଥିଲେ ।ସେଥିପାଇଁ ଗ୍ରାମବାସୀଙ୍କର ସେ ଅତି ଆପଣାର ଥିଲେ । ତେବେ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ଗ୍ରାମବାସୀ ଠାକୁରଙ୍କ ଠାରେ ନିବେଦନ କରିଛନ୍ତି।

## ୨୩ ଜାନୁଆରୀରୁ ମୟୂରଭଞ୍ଜ ପୁସ୍ତକମେଳା




ମୟୂରଭଞ୍ଜ, ୦୫/୧୨ (ନି.ପ୍ର): ଚଳିତ ଡିସେମ୍ବର ୪ ତାରିଖ ୨୦୨୫ ସନ୍ଧ୍ୟା ମୟୂରଭଞ୍ଜ ପୁସ୍ତକମେଳା ଆନୁକୂଲ୍ୟରେ ବାରିପଦା ମହର୍ଷି ପବ୍ଲିକ ସ୍କୁଲ୍ ସଭାଗୃହରେ ପୁସ୍ତକ ମେଳା ପ୍ରସ୍ତୁତି ବୈଠକ ଓ ସାଧାରଣ ପରିଷଦ ସଭା ଅନୁଷ୍ଠିତ ହୋଇ ଯାଇଛି। ସଭାପତି ପଦ୍ମନାଭ ସାହୁ ସଭାରେ ପୌରୋହିତ୍ୟ କରିଥିବା ବେଳେ, ସାଧାରଣ ସମ୍ପାଦକ ଇଂ.ମନୋଜ କୁମାର ଦଳବେହେରା ବୈଠକରେ ବିସ୍ତୃତ ବିଚାର ବିମର୍ଶ ଏବଂ ଆଲୋଚନା ପାଇଁ ଆଗାମୀ ମେଳା ଆୟୋଜନର ସମ୍ଭାବ୍ୟ ତାରିଖ ଓ ରୂପରେଖ ଇତ୍ୟାଦି ଉପସ୍ଥାପନ କରିଥିଲେ। ମୟୂରଭଞ୍ଜ ପୁସ୍ତକ ମେଳାରେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରତିଯୋଗିତା ତଥା ସାଂସ୍କୃତିକ ଓ ସାହିତ୍ୟ ଆଦି କାର୍ଯ୍ୟକ୍ରମ ଆଗାମୀ ୨୩ ଜାନୁଆରୀ ୨୦୨୬ ପବିତ୍ର ନେତାଜୀ ଜୟନ୍ତୀ ଶୁଭାବସରରୁ ଆରମ୍ଭ ହୋଇ ଫେବୃଆରୀ ୦୧ ତାରିଖ ପର୍ଯ୍ୟନ୍ତ ୧୦ଦିନ ବ୍ୟାପି ଏକ 'ମେଳା ଆୟୋଜନ କମିଟି' ଗଠନ ପୂର୍ବକ ନିୟମିତ ପରିଚାଳନା ନିମନ୍ତେ ସଭାରେ ସର୍ବସମ୍ମତିକ୍ରମେ ସିଦ୍ଧାନ୍ତ ଗ୍ରହଣ ହୋଇଥିଲା। ମେଳା ଆୟୋଜନର ଖର୍ଚ୍ଚ ଅଟକଳ ଉପସ୍ଥାପନ କରିଥିଲେ କୋଷାଧ୍ୟକ୍ଷ କୈବଲ୍ୟ ପ୍ରସାଦ ମହାପାତ୍ର। ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ସର୍ବଶ୍ରୀ ପ୍ରଧାପକ ସନ୍ଦୀପ କୁମାର ଚାନ୍ଦ, ଅଜୟ କୁମାର ପାଳ, ଦୀପକ କୁମାର ଦଣ୍ଡପାଟ, ପ୍ରଦୀପ କୁମାର ଭୂୟାଁ, ଗୋପାଳ ଚନ୍ଦ୍ର ସାଓ, ଅଧ୍ୟାପକ ସମରେନ୍ଦ୍ର କୁମାର ବଶା, ସୁଶ୍ରୀ କାବେରୀ ମିଶ୍ର, ଅଧ୍ୟାପକ ସ୍ୱରୂପାନନ୍ଦ ବିଷୟୀ, ବିଶେଶ୍ୱର ଦ୍ୱିବେଦୀ, ଅଧ୍ୟାପିକା ଗାୟତ୍ରୀ ଦେ, ଭାସ୍ୱତୀ ପଣ୍ଡା, ପ୍ରାଧ୍ୟାପକ ଶ୍ରୀନିବାସ ଭଞ୍ଜ, ଅଶୋକ କୁମାର କର, ଶ୍ରୀମତୀ ସୁସ୍ମିତା ଘୋଷାଲ, ଡଃ ସରୋଜ କୁମାର ନାୟକ ଓ ଜଗନ୍ନାଥ ସାହୁ ପ୍ରମୁଖ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବରିଷ୍ଠ ସଦସ୍ୟା ବାସନ୍ତୀ ଲତା ମହାପାତ୍ର ଏବଂ ସଦସ୍ୟ ଶିଉଲାଲ ମହାନ୍ତ। ଧନ୍ୟବାଦ ଅର୍ପଣ କରିଥିଲେ ଡଃ ଶଶିଧର ବିଶ୍ୱାଳ।

## ଆର ଏନ ଅବନୀକାନ୍ତ ପରିଡା ହେଲେ ପାରାଦୀପ ବନ୍ଦରର ଚିଫ୍ ଭିଜିଲାନ୍ସ ଅଫିସର



ପାରାଦୀପ, ୦୫/୧୨ (ନି.ପ୍ର): ପାରାଦୀପ ବନ୍ଦରର ମୁଖ୍ୟ ସତର୍କତା ଅଧିକାରୀ ଭାବେ ଆର ଏନ ଅବନୀକାନ୍ତ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୦୧୧ ବ୍ୟାଚର ଜଣେ ଆଇଆରପିଏସ (ଭାରତୀୟ ରେଳବାଇ କାର୍ମିକ ସେବା) ଅଧିକାରୀ ହେବା ସହିତ ଜଗତସିଂପୁର ଜିଲ୍ଲାର ବାସିନ୍ଦା। ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ବି.ଏସ.ସି( ନଟିକାଲ ସଇଁନ୍ସ) ପାଠ ସମାପ୍ତ କରି ଜଣେ ବାଣିଜ୍ୟ ନୌସେନା ଅଧିକାରୀ ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ। ତାଙ୍କର ୧୮ ବର୍ଷର ସେବା ସମୟରେ, ସେ ମର୍ଚ୍ଚାଣ୍ଟ ନୌସେନାରେ ୪ ବର୍ଷ ଏବଂ ରେଳ ମନ୍ତ୍ରଣାଳୟରେ ପ୍ରାୟ ୧୪ ବର୍ଷ କାର୍ଯ୍ୟ କରିଥିଲେ।ଭାରତୀୟ ରେଳବାଇରେ ତାଙ୍କର ଉଜ୍ଜ୍ୱଳ କ୍ୟାରିଅରରେ, ଶ୍ରୀ ପରିଡା ଖୋର୍ଦ୍ଧା ଡିଭିଜନରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଥିଲେ। ପିପିଏରେ ଯୋଗଦେବା ପୂର୍ବରୁ, ସେ ପୂର୍ବ ତଟ ରେଳବାଇର ଖୋର୍ଦ୍ଧା ଡିଭିଜନର ବରିଷ୍ଠ ବିଭାଗୀୟ କାର୍ମିକ ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କର ସାମୁଦ୍ରିକ କାର୍ଯ୍ୟ (ବିଶେଷକରି ଜାହାଜ ଚଳାଚଳ), ମାନବ ସମ୍ବଳ, ଶୃଙ୍ଖଳାଗତ କାର୍ଯ୍ୟ ଇତ୍ୟାଦିରେ ସମୃଦ୍ଧ ଅଭିଜ୍ଞତା ଅଛି। ସେ ବିଭିନ୍ନ ସରକାରୀ ସଂସ୍ଥାରେ ଅତିଥି ଅଧ୍ୟାପକ ଭାବରେ ଯୋଗଦେଇ ଶୃଙ୍ଖଳାଗତ କାର୍ଯ୍ୟ ଉପରେ ତାଲିମ ପ୍ରଦାନ କରନ୍ତି।

## ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ



ନୀଳଗିରି , ୦୫/୧୨ (ନି.ପ୍ର): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡା ଉକ୍ତ କ୍ରୀଡ଼ାକୁ ଉଦଘାଟିତ କରିଥିବାବେଳେ କ୍ରୀଡ଼ା ପ୍ରଶିକ୍ଷିକା ବୀଣାପାଣି ଦାସ ଏହାକୁ ସୁଚାରୁରୂପେ ସମ୍ପନ୍ନ କରିଥିଲେ । କ୍ରୀଡା ପ୍ରତିଯୋଗିତା ମଧ୍ୟରେ ୧୦୦ମିଟର,୨୦୦ମିଟର, ୪୦୦ ମିଟର, ୮୦୦ ମିଟର ଦୌଡ, ଲମ୍ବ ଡିଆଁ, ଉଚ୍ଚଡିଆଁ, ଡିସକସ୍ , ଜେଭଲିନ ଥ୍ରୋ,ସଟ୍ ଫୁଟ, ଧୀର ସାଇକେଲଚାଳନା, ସ୍କିପିଂ, କବାଡି, ମିଉଜିକ୍ ଚେୟାର ସମ୍ପନ୍ନ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉକ୍ତ କ୍ରୀଡା ପ୍ରତିଯୋଗିତାରେ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ ବୋଲି ଅଧ୍ୟକ୍ଷା ଶେଷରେ ପ୍ରକାଶ କରିଥିଲେ ।

## ଯୁବକଂଗ୍ରେସ ତରଫରୁ ନୀଳଗିରି ବିଧାୟକଙ୍କ କୁଶପୁତ୍ତଳିକା ଦାହ

ନୀଳଗିରି , ୦୫/୧୨ (ନି.ପ୍ର): ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଗୁରୁବାର ବିଧାନସଭାରେ ଜାତିରପିତା ମହାତ୍ମାଗାନ୍ଧୀଙ୍କ ପାଇଁ ଦେଶ ବିଭାଜନ ହୋଇଥିବା ମନ୍ତବ୍ୟ ଦେଇଥିବାକୁ ନେଇ ବିରୋଧୀ ବିଜେଡ଼ି ଓ କଂଗ୍ରେସ ବିଧାୟକ ବିଧାନସଭା ଗୃହ ଓ ବାହାରେ ଦୃଢ଼ ପ୍ରତିବାଦକରି ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ମୌନ ଧାରଣା ଦେଇଥିଲେ। ଏହାର ପ୍ରଭାବ ନୀଳଗିରିରେ ମଧ ଦେଖିବାକୁ ମିଳିଥିଲା। ଗତକାଲି ବିଜେଡି ପକ୍ଷରୁ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିଥିବା ବେଳେ ଆଜି ସନ୍ଧ୍ୟାରେ ନୀଳଗିରି ଯୁବକଂଗ୍ରେସ ପକ୍ଷରୁ ସ୍ଥାନୀୟ ଦୁର୍ଗାମଣ୍ଡପ ସମ୍ମୁଖରେ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବନେତା ଯୋଗେଶ୍ୱର ବେହେରା, ଅଶ୍ୱିନି ପାତ୍ର, ମଧୁସୂଦନ ପାତ୍ର, ଆଦର୍ଶଗୌରବ ଦାସ, ସାଲୁ ଦାସ, ରଞ୍ଜିତ ପ୍ରଧାନ, କ୍ଷୀରୋଦ ସାହା, ସିଲୁ ଦାସ, ସୁଧାରଞ୍ଜନ ମହାପାତ୍ର, ସତ୍ୟଜିତ ପ୍ରଧାନ ପ୍ରମୁଖ ବହୁ ଯୁବନେତା ଉପସ୍ଥିତ ରହି ବିଧାୟକ ଏଭଳି ମନ୍ତବ୍ୟକୁ ନିନ୍ଦାକରିବା ସହିତ ବାପୁଜୀଙ୍କ ପ୍ରତି ଏଭଳି ଅଶୋଭନୀୟ ଆଚରଣ ପାଇଁ କ୍ଷମାମାଗନ୍ତୁ ବୋଲି ନାରା ଦେଇଥିଲେ।

## କୁନି ବୈଜ୍ଞାନିକ ପ୍ରଦର୍ଶିତ କଲେ ୨୩୦ଟି ବିଜ୍ଞାନ ଓ ଗଣିତ ପ୍ରକଳ୍ପ



ବସ୍ତା, ୦୫/୧୨ (ନି.ପ୍ର): ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଉତ୍କଳ ଶିକ୍ଷା ପରିଷଦ ର ସମ୍ପାଦକ ଶିକ୍ଷାବିତ ଯୋଗେନ୍ଦ୍ର ଦାଶ, ମୁଖ୍ୟ ବକ୍ତା ବସ୍ତା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ କୁମାର ପାତ୍ର, ସମ୍ମାନିତ ଅତିଥି ସି ଆର ସି ସି ଅଶୋକ କୁମାର ପାଢୀ,ଅ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ବିଜ୍ଞାନ ଓ ଗଣିତ ରେ ସର୍ବମୋଟ ୨୩୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।ବିଚାରକ ଭାବରେ ବିଜ୍ଞାନ ଶିକ୍ଷକ ତ୍ରିଲୋଚନ ବେହେରା, ସନ୍ତୋଷ ମଣ୍ଡଳ, ଅରବିନ୍ଦ ପାତ୍ର, ବେଦପ୍ରକାଶ ମୁଦୁଲି, ରଣଜିତ ମଣ୍ଡଳ, ଆଶିଷ ନାୟକ ପ୍ରମୁଖ ମୂଲ୍ୟାୟନ କରିବା ସହ ଛାତ୍ର ଛାତ୍ରୀଙ୍କ ମୌ।ଖିକ ପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ପରିଷଦର ସଭାପତି ଶଙ୍କର କୁମାର କର, ସରପଞ୍ଚ ଗୌ।ରାଙ୍ଗ ବେହେରା, ଉପଦେଷ୍ଟା ଶ୍ୟାମାପ୍ରସାଦ ବେହେରା, ସମ୍ପାଦକ ରାମଚନ୍ଦ୍ର ଦେବ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପରିଡା,ଉପସଭାପତି ଶିଶିର କୁମାର ରଥ, ସଦସ୍ୟ କୁମୁଦ ରଞ୍ଜନ ଗିରି, ଇଂ ଜଗନ୍ନାଥ ମାଝୀ, ହରେକୃଷ୍ଣ ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରକଳ୍ପ ଗୁଡ଼ିକୁ ଶିକ୍ଷକ ବାଣୀଦତ୍ତ କୁଣ୍ଡୁ, ସୌ।ମ୍ୟ ସୁଲଗ୍ନା ବାରିକ, ବିଷ୍ଣୁପ୍ରିୟା ବେହେରା ଙ୍କ ମାର୍ଗ ଦର୍ଶନ ରେ ପ୍ରସ୍ତୁତ ହୋଇଥିଲା। ସଭା ଶେଷରେ ଶିକ୍ଷା କେନ୍ଦ୍ର ର ଉପ ପ୍ରଧାନଚାର୍ଯ୍ୟା ସୁଶ୍ରୀ ରଞ୍ଜିତା ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ଭାରତ ସ୍କାଉଟ ଓ ଗାଇଡ ବିବେକାନନ୍ଦ ଶାଖାର କ୍ୟାଡେଟ ମାନେ ଶାନ୍ତି ଶୃଙ୍ଖଳା କାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ ଅବିଭାବକ ଓ ଶତାଧିକ ବିଜ୍ଞ୍ୟାନ ପ୍ରେମୀ ଜନସାଧାରଣ ଓ ଆଖପାଖ ସ୍କୁଲ ର ଛାତ୍ରଛାତ୍ରୀ ଏହି ମେଳାକୁ ଉପଭୋଗ କରିଥିଲେ।

## ସରକାର ବଦଳିଲେ ବି ପିସି ପରିମାଣ ବଦଳୁ ନାହିଁ: ଉନ୍ନୟନ କାର୍ଯ୍ୟ ଠପ୍



ବୈଶିଙ୍ଗା , ୦୫/୧୨ (ନି.ପ୍ର): ଓଡିଶାରେ ପଞ୍ଚାୟତରାଜ ବ୍ୟବସ୍ଥା ଲାଗୁ ହେବା ଦିନ ଠାରୁ ଦୁର୍ନୀତି ବା ପିସି ଯାହା ନ ଥିଲା ଏହି ୪/୫ ବର୍ଷ ମଧ୍ୟରେ ତାର ଅତ୍ୟଧିକ ପ୍ରଭାବ ଯୋଗୁଁ ଉନ୍ନୟନମୂଳକ କାର୍ଯ୍ୟ ଏକ ପ୍ରକାର କୋମାରେ ଥିବା ଅଭିଯୋଗ ହେଉଛି। ନିଜେ ବିଡିଓ ଏହି ପିସି କାରବାରରେ ସଂପୃକ୍ତ ଥିବା ଅଭିଯୋଗ ହେଉଛି। ପିସିର ପରିମାଣ ବୃଦ୍ଧି, ମନରେଗା କାର୍ଯ୍ୟରେ ଅନିୟମିୟତା, ମିଥ୍ୟା ବିଲ୍ ?, ତା ସାଙ୍ଗକୁ କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ପୂରଣ ନ ହେବା ସରକାରଙ୍କ ସଫଳତାରେ ବାଧକ ସାଜିଥିଲା। ବର୍ତ୍ତମାନ ସୁଦ୍ଧା ପୂର୍ବ ସରକାର ଙ୍କ ଯୋଜନା କାର୍ଯ୍ୟକାରୀ ନ ହେବା ଏବଂ ନୂଆ ସରକାର ଙ୍କ ନୂତନ ଯୋଜନା ନିର୍ଦ୍ଧାରଣ ନ ହେବା ସାଧାରଣ ଲୋକଙ୍କ ପାଇଁ କାଳ ସାଜିଛି । ଏହାର ଉଦାହରଣ ପାଲଟିଛି ବେତନଟୀ ବ୍ଲକର ୨୪ପଞ୍ଚାୟତ। ଏହି ୨୪ ଟି ପଞ୍ଚାୟତ ରେ ୨୪ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାୟିତ୍ୱ ତୁଲାଇବା ପରିବର୍ତ୍ତେ ୧୯ ଜଣ କାର୍ଯ୍ୟ କରୁଛନ୍ତି ।ଏହି କାରଣରୁ ସବୁ ଉନ୍ନୟନ ମୂଳକ କାର୍ଯ୍ୟରେ ଲଗାମ ଲାଗି ଯାଉଛି। ଜଣେ ଜଣେ ନିର୍ବାହୀ ଅଧିକାରୀଙ୍କୁ ୨/୩ ଟି ପଞ୍ଚାୟତର ଦାୟିତ୍ୱ ଦିଆଯାଇଥିବାରୁ କାର୍ଯ୍ୟ ତୁଲାଇବା କଷ୍ଟକର ହୋଇପଡୁଛି। କାର୍ଯ୍ୟ ତଦାରଖ କରିବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କ ମଧ ଅଭାବ ଥିବାରୁ କାର୍ଯ୍ୟର ସମୟସୀମା ବଢି ବଢି ଯିବା ସହିତ କାର୍ଯ୍ୟର ମାନ ମଧ ଠିକ୍ ରହୁନଥିବା ଅଭିଯୋଗ ହେଉଛି ।୨୪ ଗୋଟି ପଞ୍ଚାୟତରେ ମାତ୍ର ୯ ଜଣ କନିଷ୍ଠ ଯନ୍ତ୍ରୀ ଦାୟିତ୍ୱ ନିର୍ବାହ କରୁଥିବାରୁ କାର୍ଯ୍ୟ ଠିକ ତଦାରଖ ହୋଇ ପାରୁନହିଁ ।ନୂତନ ସରକାର ନୂତନ ଚାକିରୀ ସୃଷ୍ଟି କରି ପଦବୀ ପୂରଣ କରି ପାରିଲେ ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପାଦନ ହୋଇ ପାରିବ ।ଏଭଳି ଅନିୟମିୟତା ଲାଗି ରହିଲେ ପଞ୍ଚାୟତରେ କୌଣସି କାର୍ଯ୍ୟ ଠିକ ଭାବରେ ହୋଇ ପାରିବ ନାହଁ ।

## ମଧ୍ୟାହ୍ନ ଭୋଜନ ଯୋଜନାରେ ୫୬ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସାମିଲ

ଭୁବନେଶ୍ୱର, ୦୫/୧୨ (ନି.ପ୍ର): ରାଜ୍ୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ୫୬,୪୯,୫୨୪ ଜଣ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ମୁଣ୍ଡପିଛା ଦୈନିକ ଖାଦ୍ୟ ମୂଲ୍ୟ ୧୧ଟଙ୍କା ୧୫ ପଇସା ଅଟେ । ସେହିପରି ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରେ ଛାତଛାତ୍ରୀମାନଙ୍କର ଦୈନିକ ମୁଣ୍ଡପିଛା ଖାଦ୍ୟର ମୂଲ୍ୟ ୧୪ ଟଙ୍କା ୭୪ ପଇସା ଅଟେ ।

## ୧୪ଟି ବିଶ୍ୱବିଦ୍ୟାଳୟରେ ନାହାନ୍ତି କୁଳପତି

ଭୁବନେଶ୍ୱର, ୦୫/୧୨ (ନି.ପ୍ର): ରାଜ୍ୟର ୧୪ଟି ସରକାରୀ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ପଦବୀ ଖାଲି ପଡିଛି। ଏଥି ମଧ୍ୟରୁ ଦୁଇଟି ବିଶ୍ୱବିଦ୍ୟାଳୟରେ ୨୦୨୩ ମସିହାରୁ ନିୟମିତ କୁଳପତି ପଦବୀ ଖାଲି ପଡିଥିବା ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତରରେ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅଧିନରେ ମୋଟ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ରହିଛି। ଏଥି ମଧ୍ୟରୁ ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀ ଖାଲି ପଡିଛି । ଏଥି ମଧ୍ୟରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୨୦୨୩ ଜୁଲାଇ ମାସରୁ ନିୟମିତ କୁଳପତି ପଦବୀ ଖାଲି ପଡିଥିବାବେଳେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୨୦୨୩ ଅକ୍ଟୋବର ମାସରୁ ନିୟମିତ କୁଳପତି ନାହାନ୍ତି।

## ବିଶ୍ୱ ମୃତ୍ତିକା ଦିବସ ପାଳିତ




ଭଦ୍ରକ, ୦୫/୧୨ (ନି.ପ୍ର): ଆଜି ସାରା ବିଶ୍ୱରେ ବିଶ୍ୱ ମୃତ୍ତିକା ଦିବସ ବିଭିନ୍ନ କାର୍ଯ୍ୟକ୍ରମ ଓ ସଚେତନତା କାର୍ଯ୍ୟକଳାପ ମାଧ୍ୟମରେ ପାଳନ କରାଯାଇଛି। ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ ହେଉଛି ମୃତ୍ତିକାର ସୁରକ୍ଷା, ସନ୍ତୁଳିତ ବ୍ୟବହାର ଓ ସସ୍ଥାୟୀ କୃଷି ପ୍ରଥା ପ୍ରତି ଜନସାଧାରଣଙ୍କୁ ସଚେତନ କରିବା।ଏହି ଅବସରରେ ଜିଲ୍ଲା ପ୍ରଶାସନ, କୃଷି ବିଭାଗ,ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଏବଂ କୃଷି ବିଜ୍ଞାନ କେନ୍ଦ୍ର, ଭଦ୍ରକଙ୍କ ସୌଜନ୍ୟ, ସେମିନାର, କୃଷକ ସଚେତନତା ଶିବିର, ମାଟି ପରୀକ୍ଷା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଶୁଭେନ୍ଦୁ ସାମଲ କହିଥିଲେ ଯେ, ମୃତ୍ତିକାର ଉର୍ବରତା ଜ।ଣିବା ପାଇଁ ତାହାର ପରୀକ୍ଷା କରାଇବା ନିହାତି ଆବଶ୍ୟକ ଏବଂ ଏଥିପାଇଁ କୃଷି ମିତ୍ରମାନଙ୍କର ପରାମର୍ଶ ନେବା ଉଚିତ୍। ଅନ୍ୟତମ ଅତିଥି ଭାବେ ଯୋଗଦେଇ କୃଷି ବିକାଶ କେନ୍ଦ୍ରର ମୁଖ୍ୟ ଶ୍ରୀ ସଞ୍ଜୟ କୁମାର ମହାନ୍ତି, ଉପପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ରାଉତ, ଜିଲ୍ଲା କୃଷି ଅଧିକାରୀ ଏବଂ କୃଷି ବିକାଶ ଅଧିକାରୀ ଶ୍ରୀ ଶଶିଭୂଷଣ ମହାପାତ୍ର, ପ୍ରୀତିରେଖା ମହାଳିକ ଓ ତିଲୋତ୍ତମା ମହାକୁଡ କହିଥିଲେ ଯେ ଉର୍ବର ମୃତ୍ତିକା ବିନା ଖାଦ୍ୟ ସୁରକ୍ଷା ସମ୍ଭବ ନୁହେଁ ଓ ଅସନ୍ତୁଳିତ ରାସାୟନିକ ସାର ବ୍ୟବହାର ମାଟିର ସ୍ୱାସ୍ଥ୍ୟକୁ ଗଭୀର ଭାବେ କ୍ଷତିଗ୍ରସ୍ତ କରୁଛି। ବକ୍ତାମାନେ ଜୈବ ସାର ବ୍ୟବହାର, ମାଟି ପରୀକ୍ଷା ପରେ ସାର ପ୍ରୟୋଗ, ଫସଲ ଆର୍ତ୍ତନ ଓ ମୃତ୍ତିକା ସଂରକ୍ଷଣ ପ୍ରଯୁକ୍ତିକୁ ଗ୍ରହଣ କରିବାକୁ କୃଷକମାନଙ୍କୁ ଆହ୍ୱାନ ଦେଇଥିଲେ

## ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପିଲାଏ ପାଳିଲେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

ଉଦଳା, ୦୫/୧୨ (ନି.ପ୍ର): ଉଦଳା ବ୍ଲକ ଅଂଚଳ ମଧ୍ୟରେ ପାଠ ପଢୁଥିବା ଭିନ୍ନକ୍ଷମ ଛାତ୍ର ଛାତ୍ରୀ ମାନେ ଚିତ୍ରାଙ୍କନ, ସଂଗୀତ, ମ୍ୟୁଜିକ ଚେୟାର ଓ ଝିଲିପି ଡ଼ିଆଁ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ – ୨୦୨୫ ପାଳନ କରିଥିବାର ଜଣାଯାଇଛି । ଏହିସବୁ ଛାତ୍ର ଛାତ୍ରୀ ମାନଙ୍କୁ ପାଠପଢ଼ାଇବା ପାଇଁ ଦାୟିତ୍ୱରେ ଥିବା ଶିକ୍ଷକ କମଳାକାନ୍ତ ଓ ନିର୍ମଳ ଉକ୍ତ ପ୍ରତିଯୋଗିତା ଆୟୋଜନର ସବୁ ପ୍ରକାର ବ୍ୟବସ୍ଥା କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରି ଦୀପକ କୁମାର ମିଶ୍ର ଅଧ୍ୟକ୍ଷତା କରି ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କ ପାଇଁ ଏହିଭଳି ଏକ ପରିବେଶ ସୃଷ୍ଟି କରିଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ ?ଘାଟନ କରିବା ସହ ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ପାଇଁ ଉଦ୍ୟମ କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ପୁରସ୍କାର ବିତରଣ କରାଯାଇଥିଲା । ଚିତ୍ରାଙ୍କନରେ ରାହୁଲ ପାତ୍ର, ସାଗେନ ମାର୍ଣ୍ଡି, ଶୁଭମ କୁମାର ରାଜ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ସଂଗୀତରେ ବେବି ସିଂ, ନିବେଦିତା ହାଁସଦା, ଶାଶ୍ୱତ କୁମାର ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ମ୍ୟୁଜିକ ଚେୟାରରେ ଶ୍ୟାମସୁନ୍ଦର କିସ୍କୁ, ଜୁଲି ଟୁଡୁ, ଶୁଭଲକ୍ଷ୍ମୀ ମାର୍ଣ୍ଡି, ଝିଲିପି ଡ଼ିଆଁରେ ଜୁଲି ଟୁଡୁ, ପ୍ରୀତମ ପୃଷ୍ଟି, ମଂଟୁ ମଳିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନତୀ ମଂଜରି ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମଂଚ ପରିଚାଳନା ଓ ଶେଷରେ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମରେ ଯବନିକା ପକାଇଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida